# ଯୁକ୍ତରାଷ୍ଟ୍ର ଆମେରିକା ଉପରେ ଆକ୍ରମଣ

…କେତେକ ବିଷୟଗୁଡିକୁ କେତେକେ ସମୟରେ ଘଟିବା ହେତୁ ପ୍ରଭୁଙ୍କର ଇଚ୍ଛା। ଠିକ କିଛି ଦିନ ପୂର୍ବେ ହିଁ, ଆମେ ଡେନ୍‌ଭରକୁ ଯାଇ, ଫେରି ଆସିଥିଲୁ। ମୁଁ ବିଶ୍ୱାସ କରେ ଯେ ମୁଁ ସେହି ସଭା ବିଷୟରେ, ବିବରଣୀ ଦେବାକୁ ଚାହିଁବି: ତାହା ଅନେକ ବର୍ଷ ମଧ୍ୟରେ ମୁଁ କରିଥିବା ସର୍ବୋତ୍ତମ ସଭାଗୁଡିକରୁ ଅନ୍ୟତମ ଥିଲା। ଆମର ଏକ ଅଦ୍ଭୁତ ସମୟ ରହିଥିଲା। ଦୁଇ ହଜାରରୁ ଟିକିଏ ଅଧିକ କିଛି ଲୋକମାନେ ସେମାନଙ୍କର ହୃଦୟକୁ ଖ୍ରୀଷ୍ଟଙ୍କୁ ଦେଇଥିଲେ, ପୁଣି ତାହା ବ୍ୟତୀତ ଯେଉଁମାନେକି ପବିତ୍ରଆତ୍ମାଙ୍କ ବାପ୍ତିସ୍ମ ଗ୍ରହଣ କରିଥିଲେ, ଏବଂ ସେହି ମହାନ ଚିହ୍ନ ଏବଂ ଚମତ୍କାରମାନ ବ୍ୟତୀତ ଯାହା ଆମର ପ୍ରିୟ ପ୍ରଭୁ ଯୀଶୁ ସେଠାରେ ଡେନ୍‌ଭରରେ ଥିବା ଲୋକମାନଙ୍କ ମଧ୍ୟରେ କରିଥିଲେ। ଆମର ଏକ ଚମତ୍କାର ବୃଷ୍ଟି ରହିଥିଲା, ଏବଂ ଲୋକମାନଙ୍କର ଏକ ମହାନ ସମାଗମ ହେବା ରହିଥିଲା। ଆମେମାନେ ଆରମ୍ଭ କରିବା ହେତୁ, ପ୍ରାୟଃ ପାଞ୍ଚ ହଜାର ସହିତ ଆରମ୍ଭ କରିଥିଲୁ। ଏବଂ ଆମେମାନେ ମାମୋଥ୍ ବଗିଚା ନେଇଥିଲୁ। ଏବଂ ତୃତୀୟ ରାତିରେ, ସେଠାରେ ସେହି ସ୍ଥାନରେ ଲୋକମାନଙ୍କ ପାଇଁ ଠିଆ ହେବାକୁ ସୁଦ୍ଧା କୌଣସି ସ୍ଥାନ ନ ଥିଲା। ପାଞ୍ଚଟି ରାତି ପାଇଁ, ଏପରି ଏକ ଅଦ୍ଭୁତ ସମୟ ରହିଥିଲା।

2 ଆମେ କାନାଡାକୁ ଯିବା ପାଇଁ, ସେହି ସ୍ଥାନରୁ ବାହାରିଲୁ, ପୁଅ ଏବଂ ମୁଁ। ଏବଂ ଆମେ ପର୍ବତ ଉପରକୁ ଗଲୁ, ଏବଂ ସେଠାରେ ଏକ ତୁଷାରଝଡ ଆସିଲା। ମୁଁ ଅନୁମାନ କରୁଛି ଯେ ଆପଣ ଏହାକୁ, ନିଜର ରେଡିଓରେ ଶୁଣିଥିବେ। ଏବଂ ଏଥିରେ ପ୍ରାୟଃ ଶହେ ଅଠା-ଶୀ ଜଣ ଲୋକ ପ୍ରାଣ ହରାଇଥିଲେ। ଏବଂ ଆମେ ଅନେକ ଦିନ ପାଇଁ—ପାଇଁ—ପାଇଁ ସେଠାରେ ଉପରେ ପର୍ବତରେ, ଏକ ତୁଷାରପାତରେ ଅଟକି ରହି ଯାଇଥିଲୁ। ଏବଂ ଆମର ସଭା ସମାପ୍ତ ହୋଇଥିଲା, ଏବଂ ଆମେ ବର୍ତ୍ତମାନ ଘରକୁ, ଫେରି ଆସିଲୁ, ଏହା ପୂର୍ବେକି ଆମେମାନେ ପୁନର୍ବାର ଛାଡିକରି ଯାଉ। ତେଣୁକରି ଆମେମାନେ ବିଶ୍ୱାସ କରୁ ଯେ ତାହା ସବୁ ବୋଧହୁଏ ପରମେଶ୍ୱରଙ୍କ ଇଚ୍ଛା ପାଇଁ ହୋଇଥିଲା, ଯେ ଏହା ଏକ ହେବ—ଏକ ଅଧିକ ଉତ୍ତମ ସଭା ହେବ, ଏବଂ ଅନ୍ୟ କିଛି ହେବ। ସେ ଆମ ପାଇଁ ଏପରି କିଛି ବିଷୟ ସାଇତି ରଖିଥିଲେ ଯାହା ଆମେମାନେ ଜାଣିନାହୁଁ।

3 ଆମେମାନେ ଏକ ପ୍ରକାର ଅନ୍ଧକାର ଜଗତରେ ଗମନାଗମନ କରିଥାଉ, ମାତ୍ର ଅନ୍ଧକାରରେ ନୁହେଁ। ଆମେମାନେ କେବଳ ସେହି ଆଲୋକକୁ ଅନୁସରଣ କରୁ, ଯେତେବେଳେ ତାହା ଗତି କରିଥାଏ, ତାହାପରେ ଆମେ ସେହି ଆଲୋକକୁ ଅନୁସରଣ କରିଥାଉ।

4 ଏବଂ ଆମମାନଙ୍କର ସ୍ୱର୍ଗସ୍ଥ ପିତାଙ୍କ ପାଖରେ ବୋଧହୁଏ ଏପରି କିଛି ବିଷୟ ରହିଥିବ ଯାହା ବିଷୟରେ ଆମେମାନେ କିଛି ଜାଣିନାହୁଁ। ହୋଇପାରେ ଯେ ସେଠାରେ କିଛି ବିପଦ ରହିଥିବ। କିମ୍ବା, ପୁନର୍ବାର, ସେ କାହାରିକୁ ଆଣିବା ପାଇଁ ତାଙ୍କ ଉପରେ କାମ କରୁଥାଇ ପାରନ୍ତି। ଆପଣ ଦେଖନ୍ତୁ, ପରମେଶ୍ୱର ସେହିପରି ଭାବରେ କେବଳ ଜଣେ ବ୍ୟକ୍ତିଙ୍କ ଉପରେ କାମ କରିପାରନ୍ତି; ସେ କେବଳ ସେହି ଜଣେ ବ୍ୟକ୍ତିଙ୍କ ପାଇଁ ଗୋଟିଏ ସମଗ୍ର ରାଷ୍ଟ୍ରକୁ ପରିବର୍ତ୍ତନ କରି ଦେଇପାରନ୍ତି। ଏବଂ ତେଣୁକରି ଆମେମାନେ ଜାଣୁ ଯେ ଏହା ପରମେଶ୍ୱରଙ୍କ ଉତ୍ତମ ମହିମା ପାଇଁ ଅଟେ। ଏବଂ ଆମେ ତାହାଙ୍କୁ ଏହା ପାଇଁ, ଓ ଆମକୁ ସୁରକ୍ଷା ଦେଇଥିବା ପାଇଁ ଧନ୍ୟବାଦ ଦେଉଅଛୁ। ଏବଂ ସେଠାରେ ଅନେକ ଥିଲେ, ଆମେ...

5 ବିଲି ଏବଂ ମୁଁ ପୁଣି ଲୋକମାନଙ୍କୁ, ସେହି ରାସ୍ତାରେ ଦୁର୍ଘଟଣାଗ୍ରସ୍ତ ହୋଇଥିବା ସେମାନଙ୍କର ସେହିଭଳି ଜିନିଷଗୁଡିକୁ, ଏବଂ ସବୁକିଛିକୁ ଉଠାଇବାରେ ସାହାଯ୍ୟ କରିଥିଲୁ। ମାତ୍ର ଆମେ କୌଣସି ଅସୁବିଧା ବିନା ହିଁ ଫେରି ଆସିଥିଲୁ। ଆମେ ଥରକ ପାଇଁ ରାସ୍ତାରୁ ଓହରି ଯାଇଥିଲୁ, ମାତ୍ର ତାହା ଅଳ୍ପ କିଛି କ୍ଷଣ ପାଇଁ ହିଁ ଥିଲା। ଆଉ ସେଠାରେ ଉପରେ ଗୋଟିଏ ପଶୁରକ୍ଷକ କ୍ଷେତ୍ରରେ, କୌଣସି ଜଣେ ବ୍ୟକ୍ତି ଆସି ଆମକୁ ଏକ ଟ୍ରାକ୍ଟର ସାହାଯ୍ୟରେ ଉପରକୁ ଟାଣିଥିଲେ। କେବଳ ଖସି ଯାଉଥିଲୁ; ଏହା ବହୁତ ଖସଡା ଥିଲା।

6 ଏବଂ ଏହା ସେହି ଜିନିଷଗୁଡିକ ମଧ୍ୟରୁ ଗୋଟିଏ ଥିଲା ଯାହାକି ସେମାନଙ୍କ ପାଖରେ ରହି ନ ଥିଲା...କରିପାରି ନ ଥିଲେ, ସେହି ପୁରୁଣା-କାଳିଆ ଲୋକମାନେ କେବେବି ସେହିପରି ଏକ ଝଡ ଦେଖିଥିବା ସ୍ମରଣ କରିପାରି ନ ଥିଲେ, ସେହି ଦେଶରେ, ବର୍ଷର ସେହି ସମୟରେ, ରାଉଣ୍ଡଅପ୍, ମୋଣ୍ଟାନାରେ। ଏବଂ ଆମେମାନେ ଥିଲୁ...ଆମେମାନେ ଜାଣୁ ଯେ ସେହିପରି କୌଣସି ବି ପ୍ରକୃତ ଅତୁଳନୀୟ ବିଷୟ ହେବାରେ, ନିଶ୍ଚିତରେ ସେଥିରେ ଆମ ପ୍ରଭୁଙ୍କର କୌଣସି ହାତ ରହିଥିବ। ଏହା କୌଣସି ଉଦ୍ଦେଶ୍ୟ ପାଇଁ ହୋଇଥିଲା, ଆମର ମଙ୍ଗଳ ପାଇଁ—ପାଇଁ ହୋଇଥିଲା। ତାହା ଆମର ମଙ୍ଗଳ ପାଇଁ, ହିଁ ଥିଲା।

7 ଏବଂ ତେଣୁକରି ମୁଁ ଫେରିଆସିବା ପରେ, ଭାଇ ନେୱିଲଙ୍କୁ ଡାକିଲି, ଏବଂ ମୁଁ କହିଲି, "ମୁଁ ରବିବାର ଦିନ ଘରେ ରହିବାକୁ ଯାଉଅଛି। ଏବଂ—ଏବଂ ଯଦି ଆପଣ ଚାହାଁନ୍ତି ଯେ ମୁଁ, ଆସି ବୋଧହୁଏ ରବିବାର ଶ୍ରେଣୀର ଶିକ୍ଷା ନିଏ, କାହିଁକି, ଠିକ୍ ଅଛି।" ଏବଂ ମୁଁ କହିଲି, "ତାହାପରେ ମୁଁ କରିବି...ଏବଂ ମୁଁ ତାହା ନେବା ପାଇଁ ବହୁତ ଖୁସି ହେବି।"

8 ସେ କହିଲେ, "କାହିଁକି, ନିଶ୍ଚିତରେ, ଭାଇ ବିଲ୍।" କହିଲେ, "ଆପଣଙ୍କର ଆସିବାକୁ ନେଇ ଆମେ ସବୁବେଳେ ବହୁତ ଖୁସି ଅଟୁ," ଏକ ସେହିପରି ଭାବରେ, ଏକ ବହୁତ ବଡ ଉନ୍ମୁକ୍ତ ହୃଦୟ ସହିତ ଏବଂ ସ୍ୱାଗତ ସହିତରେ। ଏବଂ ତାହାପରେ ଏହାକୁ ଗତକାଲି, ତାଙ୍କ ରେଡିଓ କାର୍ଯ୍ୟକ୍ରମରେ ଘୋଷଣା କଲେ। ତେଣୁକରି ଆମେ ଏହି ସବୁ ବିଷୟଗୁଡିକ ପାଇଁ କୃତଜ୍ଞ ଅଟୁ।

9 ଏବଂ ଆଜି ସକାଳେ, ତେବେ, ମାତୃ ଦିବସ ହୋଇଥିବା ହେତୁରୁ। ଅଧିକାଂଶ ଲୋକ,

ଆପଣମାନେ ସବୁଆଡ଼େ ମାତୃ-ଦିବସର ଉପଦେଶଗୁଡିକ ଶୁଣିବେ, ଏବଂ ଲୋକମାନେ ମାଆ ବିଷୟରେ କହୁଥିବେ, ଯାହାକି ମୁଁ ଭାବେ ଯେ ତାହା ଚମତ୍କାର ଅଟେ । ତାକୁ ବାକି ସେବା ପାଇଁ ଛାଡି ଦେଉଅଛି ।

10 ଆଜି ସକାଳେ ମୁଁ ଘୋଷଣା କରିଥିଲି, ଯେ, *ଯୁକ୍ତରାଷ୍ଟ୍ର ଉପରେ ଆକ୍ରମଣ*ର ଏକ—ଏକ ବିଷୟ ସମ୍ବନ୍ଧରେ, ଯାହା ଉପରେ ମୁଁ କହିବାକୁ ଚାହୁଁଅଛି । ଯାହାକି, ଆପଣ ବୋଧହୁଏ ଆପଣଙ୍କର ରେଡିଓ ପ୍ରସାରଣରେ ଶୁଣିଥିବେ, ଏବଂ ଆପଣ ଆଜି ସେଗୁଡିକୁ ପ୍ରଚୁର ମାତ୍ରାରେ ଶୁଣିବେ । ଏବଂ ବୋଧହୁଏ, ଆଜି ରାତିରେ ସେବାରେ, ସେଠାରେ ଏକ ମାତୃ ଦିବସ ଉପଦେଶ ହେବ । ଏବଂ ତେଣୁକରି ମୁଁ ଭାବିଲି, ଆଜି ସକାଳେ, ମୁଁ ଘୋଷଣା କରିବି, "ସେହି—ସେହି ଆକ୍ରମଣ ।"

11 ମୁଁ ଏଠାରେ, ଡେନ୍‌ଭରଠାରେ ଏହା ଉପରେ କହିଥିଲି, ଅବଶ୍ୟ ସେହି ଦୃଷ୍ଟିରୁ ନୁହେଁ ଯେପରିକି ଆଜି ସକାଳେ ମୁଁ ତାହାକୁ ପ୍ରଦାନ କରିବି ବୋଲି ଲକ୍ଷ୍ୟ ରଖିଛି, ଯଦି ପରମେଶ୍ୱରଙ୍କ ଇଚ୍ଛା ହୁଏ । ଏବଂ, ଏହା, ଏହା ସହିତ ଏକ ସୁନ୍ଦର ସମୟ ରହିଥିଲା । ପ୍ରଭୁ ଅତ୍ୟନ୍ତ ଏକ ଅଦ୍ଭୁତ ଭାବରେ ଆଶୀର୍ବାଦ କରିଥିଲେ । ଏହା ବେଳେବେଳେ ଆମକୁ ଏକ ପ୍ରକାର ଦେଇଥାଏ...

12 ଆପଣଙ୍କୁ ଅଳ୍ପ ଟିକିଏ ଝାଙ୍କି ଦେବାକୁ ପଡିଥାଏ, ଯେପରିକି ଆପଣ ଏହା ହୃଦୟଙ୍ଗମ କରନ୍ତି ଯେ ଏହା କେଉଁ ବିଷୟରେ ଅଟେ, ବେଳେବେଳେ, କଅଣ ଆମେ ଆବଶ୍ୟକ କରି ନ ଥାଉ କି? ଏବଂ ଆମେ ପ୍ରାର୍ଥନା କରୁ ଯେ ପରମେଶ୍ୱର ଏହାକୁ କରିବେ ।

13 ଏବଂ, ଅବଶ୍ୟ, ସେଠାରେ ଉପରେ, ଯେତେବେଳେ ଆମେମାନେ ସାରିଲୁ... ଡେନ୍‌ଭରର ବ୍ୟବସାୟୀ ପୁରୁଷମାନେ ହିଁ ଏହି ସଭାକୁ ପ୍ରାୟୋଜିତ କରିଥିଲେ, ଏବଂ ଏହା ପୂର୍ବ ଅପେକ୍ଷା ଅଳ୍ପ ଟିକିଏ ଭିନ୍ନ ପ୍ରାୟୋଜକ ଥିଲା ଯାହାକି ମୋର କେବେ ରହିଥିଲା ।

14 ଏବଂ ସାଧାରଣତଃ, ସେବକମାନେ, ଯେତେବେଳେ ସେମାନେ ସଭାକୁ ପ୍ରାୟୋଜିତ କରନ୍ତି, ଆପଣ କହିବେ..."କଅଣ ଆପଣ ଏହା ଘୋଷଣା କରିଥିଲେ କି?" "ହଁ, ମଣ୍ଡଳୀ ନିକଟରେ ।" ତାହା ବିଷୟରେ କେବଳ ଏହାହିଁ ଅଟେ । ତାହା ମେଷପାଳକମାନେ ଅଟନ୍ତି; ସେମାନେ ଚାହାଁନ୍ତି ଯେ ସେମାନଙ୍କର ପଲ ଏହା ବିଷୟରେ ଜାଣନ୍ତୁ । ତାହା କେବଳ ଏକ ସୁନ୍ଦର ଶବ୍ଦ ଅଟେ । ତାହା ସେମାନଙ୍କର କାମ ଅଟେ ।

15 ମାତ୍ର ବ୍ୟବସାୟ ପୁରୁଷମାନେ ଟିକିଏ ଅଲଗା ଥିଲେ । ସେମାନେ ଚାହୁଁଥିଲେ ଯେ ଜଗତ ଏହା ବିଷୟରେ ଜାଣନ୍ତୁ, ତେଣୁକରି ସେମାନେ ସମସ୍ତ ମାର୍ଗରେ ଚାଲୁଥିବା କାର୍, ଟ୍ୟାକ୍ସି ଗାଡିଗୁଡିକ ଉପରେ ପ୍ରାୟଃ ତିନି କିମ୍ବା ଚାରି ହଜାର ଡଲାରର ବିଜ୍ଞାପନ ଛାପି ଦେଇଥିଲେ, କାରଗୁଡିକର ସମସ୍ତ ବମ୍ପର, ଏବଂ ସର୍ବତ୍ର ଆଡେ ଛାପି ଦେଇଥିଲେ । ଆମର ଏକ ଅଦ୍ଭୁତ ସମୟ ରହିଥିଲା ।

16 ସେବା ସମାପ୍ତ ହେବା ପରେ, ସେମାନେ ମୋତେ ଗୋଟିଏ ପାର୍ଶ୍ୱକୁ ଡାକିଲେ, କହିଲେ, "ଭାଇ ବ୍ରାନହାମ୍, ଆମେ ବର୍ତ୍ତମାନ ଆପଣଙ୍କ ପାଇଁ କଅଣ କରିପାରୁ? ଆମେ

ଆପଣଙ୍କଠାରେ କେଉଁ ବିଷୟରେ ଋଣୀ ଅଟୁ?"

17 ମୁଁ କହିଲି, "କାହିଁକି, ଅବଶ୍ୟ, କିଛି ହେଲେ ନୁହେଁ।" ମୁଁ କହିଲି, "ଆପଣ ମୋଠାରେ କୌଣସି ବିଷୟରେ ଋଣୀ ନୁହଁନ୍ତି।" ମୁଁ କହିଲି, "ଆପଣ, ଏଠାରେ ତଳେ, ଯଦି ଆପଣ ଚାହୁଁଛନ୍ତି, ମୋର ହୋଟେଲ ଖର୍ଚ୍ଚ ଦେଇ ଦିଅନ୍ତୁ।"

18 "ଓଃ, ଆମେ ଆପଣଙ୍କ ପାଇଁ କିଛି କରିବାକୁ ଚାହୁଁ।" ଏବଂ ସେମାନେ କରନ୍ତି ନାହିଁ…ମୁଁ ସେମାନଙ୍କଠାରୁ କିଛି ନିଏ ନାହିଁ।

19 ତେଣୁ ସେହି ପ୍ରବନ୍ଧକ ସେମାନଙ୍କୁ ଆଖପାଖରୁ ଡାକିଲେ। ସେ କହିଲେ, "ମୁଁ ବିଶ୍ୱାସ କରେ ଯେ ସେ ଶିକାର କରିବାକୁ ଏବଂ ମାଛ ଧରିବାକୁ ପସନ୍ଦ କରନ୍ତି, କଅଣ ଆପଣ କରନ୍ତି ନାହିଁ କି?"

ସେ କହିଲେ, "ହଁ।"

20 ତେଣୁ ଜଣେ ବ୍ୟବସାୟୀଙ୍କ ପାଖରେ ସେଠାରେ ଉପରେ ଏକ ପଶୁ ରକ୍ଷଣ କ୍ଷେତ୍ର ଥିଲା, ଏବଂ ସେ କହିଲେ, "ମୁଁ କେବଳ ତାଙ୍କୁ ତାହାର ଏକ ଉପହାର ଦେବି।"

21 ତେବେ, ଶ୍ରୀମାନ ମୂର୍ ଏହାକୁ ଦେଖିବା ପାଇଁ ଗଲେ। ତାଙ୍କୁ ଘୋଡା ଚଢି, ପ୍ରାୟଃ ପଇଁ-ତିରିଶ ମାଇଲ ପଛକୁ ଯିବାକୁ ପଡିଥିଲା। ମୁଁ କହିଲି…ଶ୍ରୀମାନ ମୂର୍ କହିଲେ, "ମୁଁ ଭଉଣୀ ବ୍ରାନହାମ୍‌ଙ୍କୁ ଗୋଟିଏ ଘୋଡା ଉପରେ ବସି, ସେହି ସ୍ଥାନକୁ ଯାଉଥିବାର ଦେଖିବାକୁ ଚାହେଁ।" ତେଣୁ ସେ, ସେମାନେ, ଏବଂ…

22 ମାତ୍ର, ତାହାର ପରେ, ଯଦିଓ, ସେମାନେ ସେଠାରେ କଲୋରାଡୋର, ସିଲ୍‌ଭର ପ୍ଲୁମ୍‌ସ୍ଥିତ ଏକ ହୋମଷ୍ଟେଡ୍ ସ୍ଥାନକୁ ଯାଇଥିଲେ। ତେବେ ଏହାକୁ ଏହି ପାର୍ଶ୍ୱରେ ରହିବା ଉଚିତ ଥିଲା। ଏବଂ ସେମାନେ ସେଠାରେ ଗୋଟିଏ ଛୋଟ ପଶୁ ରକ୍ଷଣ କ୍ଷେତ୍ରକୁ ନେଲେ, ଏବଂ ମୋ ପାଇଁ ସେଠାରେ ଏକ ପାଞ୍ଚ-ବଖରା ବିଶିଷ୍ଟ ଘର ନିର୍ମାଣ କରିଥିଲେ…କଲୋରାଡୋର, ସିଲ୍‌ଭର ପ୍ଲୁମ୍‌ଠାରେ, ଯାହାକି ଠିକ ପର୍ବତ ଦେଶ ମଧ୍ୟରେ ଅବସ୍ଥିତ ଅଟେ। ତେଣୁକରି, ଆପଣ ମତ୍ସ୍ୟଜୀବୀମାନେ, ମୁଁ ଅନୁମାନ କରୁଛି ଯେ ଏହା ଏକ ଭଲ ସମୟ ଅଟେ, ଅତଏବ ଏହା ଆରାମ କରିବା ପାଇଁ ଏକ ଉତ୍ତମ ସ୍ଥାନ ହେବ, ଏବଂ ଯେତେବେଳେ ସଭା ଏବଂ ଜିନିଷଗୁଡ଼ିକ ପରେ, ଯଦି ପରମେଶ୍ୱର ଅନୁମତି ଦିଅନ୍ତି। ଏହା ତାହାଙ୍କ ଉପରେ ନିର୍ଭର କରେ, ଆପଣ ଦେଖନ୍ତୁ।

23 ମୁଁ ବର୍ତ୍ତମାନ ଆମର ଧ୍ୟାନକୁ ବାକ୍ୟ ପ୍ରତି ଆକର୍ଷଣ କରିବାକୁ ଚାହେଁ। ଏବଂ ମୁଁ କେବଳ ବାକ୍ୟକୁ, ପରମେଶ୍ୱରଙ୍କ ଜୀବନ୍ତ ବାକ୍ୟକୁ ଭଲ ପାଏ। ଏହା ତ, ବାକ୍ୟ ଭିତରେ ଜୀବନ ଥାଏ। ତେବେ, "ସେହି ବାକ୍ୟ, ଅକ୍ଷର, ମାରିଥାଏ, ମାତ୍ର ଆତ୍ମା ଜୀବନ ଦେଇଥାଏ।" ଏବଂ ବାକ୍ୟରେ ଜୀବନ ଅଛି, କାରଣ ଏହା ପରମେଶ୍ୱରଙ୍କ ବାକ୍ୟ ଅଟେ। ଏହାର ବାକ୍ୟରେ ଜୀବନ ରହିଥାଏ।

ଯେପରିକି ମୁଁ ଆପଣଙ୍କୁ କହିଥିଲି, "ମୁଁ ଆପଣଙ୍କୁ ଦିଏ..."

24 ଆପଣ କୁହନ୍ତି, "ଭାଇ ବ୍ରାନହାମ୍, ଆଜି ସକାଳେ, ମୁଁ ଭୋକିଲା ଅଟେ। କଅଣ ଆପଣ ମୋତେ ପାଞ୍ଚ ଡଲାର ଦେବେ କି?"

25 ମୁଁ କହିବି, "ମୁଁ ଦେବି।" ତେବେ, ସେଥିରେ ସେତିକି ଜୀବନ ଅଛି ଯେତିକି ତାହା ମୋର ପ୍ରତିଜ୍ଞାରେ ଅଛି।

26 ତାହା ସେହି ସମାନ ପ୍ରକାରେ ପରମେଶ୍ୱରଙ୍କ ଦ୍ୱାରା ଅଟେ। ଯେତେବେଳେ ପରମେଶ୍ୱର କିଛି ବିଷୟ ପ୍ରତିଜ୍ଞା କରନ୍ତି, ସେତେବେଳେ ପରମେଶ୍ୱର ଯାହା ଅଟନ୍ତି, ତାହାଙ୍କର...ତାହାଙ୍କୁ ତ ନିଜ ବାକ୍ୟରେ ରହିବା ଆବଶ୍ୟକ। ବୁଝିଲେ? ଏହି ବାକ୍ୟର ମୂଲ୍ୟ ନାହିଁ...ଏହି ବାକ୍ୟ ତ ଠିକ ପରମେଶ୍ୱରଙ୍କ ତୁଲ୍ୟ ଅଟେ। ଏହା ପରମେଶ୍ୱର ଅଟେ।

27 ଆପଣଙ୍କର ଶବ୍ଦ ତାହା ଅଟେ ଯାହାକି ଆପଣ ଅଟନ୍ତି। ଏହା ଆପଣଙ୍କର ବନ୍ଧନ ଅଟେ; ଆମେ ଏହାକୁ ତଦ୍ରୂପେ ଡାକିଥାଉ। ଆପଣଙ୍କର ବନ୍ଧନ ହେଉଛି ଆପଣଙ୍କର ଶବ୍ଦ। ଯଦି ଆମେ ଆପଣଙ୍କର ଶବ୍ଦ ଗ୍ରହଣ କରି ନ ପାରୁ, ତେବେ ମୋର ଆତ୍ମବିଶ୍ୱାସ ରହିପାରେ ନାହିଁ। ମାତ୍ର ଯଦି ମୁଁ ଆପଣଙ୍କର ଶବ୍ଦକୁ କୌଣସି ବି ବିଷୟ ପାଇଁ ଗ୍ରହଣ କରିପାରେ, ତେବେ ଏହା ଜଣେ ସମ୍ମାନଯୋଗ୍ୟ ବ୍ୟକ୍ତି ଅଟନ୍ତି।

28 ଏବଂ ବାଇବଲ କୁହେ, "ଆଦ୍ୟରେ ବାକ୍ୟ ଥିଲା, ଏବଂ ସେହି ବାକ୍ୟ ପରମେଶ୍ୱରଙ୍କ ସହିତରେ ଥିଲା, ଏବଂ ସେହି ବାକ୍ୟ ପରମେଶ୍ୱର ଥିଲେ।" ବୁଝିଲେ? ବୁଝିଲେ? "ଏବଂ ସେହି ବାକ୍ୟ ଦେହ ଧାରଣ କଲା ଏବଂ ଆମ ମଧ୍ୟରେ ବାସ କଲା।"

29 ଯଦି ଆମେମାନେ ଭାବିବା, ଏହା, ଠିକ ଏହି ପୃଥିବୀ ଯେଉଁଥିରେ ଆମେମାନେ ଆଜି ସକାଳେ, ବାସ କରୁଅଛୁ, ତାହା ପରମେଶ୍ୱରଙ୍କ ବାକ୍ୟ ଅଟେ। ସେହି ବୃକ୍ଷଟି ହେଉଛି ପରମେଶ୍ୱରଙ୍କ ବାକ୍ୟ। ଏବଂ ଆପଣ, ଆପଣଙ୍କର ଦେହ, ହେଉଛି ପରମେଶ୍ୱରଙ୍କ ବାକ୍ୟ। ପରମେଶ୍ୱର ଏହାକୁ ସେହିପରି ଭାବରେ କହି ଅସ୍ତିତ୍ୱରେ ଆଣିଥିଲେ, ଏହାକୁ କିଛି ନ ଥିବା ବିଷୟରୁ ସୃଷ୍ଟି କରିଥିଲେ; ଯାହାର କିଛି ନ ଥିଲା।

30 କଅଣ ଆପଣ କେବେ ସେହି ମଣିଷ ଜୀବନକୁ ଲକ୍ଷ୍ୟ କଲେ କି, ଯେ ଏହା କେଉଁଠାରୁ ଆସିଥାଏ? ଏକ ଛୋଟ କୋଷିକା, ଏତେ ଛୋଟ ଯେ ମନୁଷ୍ୟର ଆଖି ଏହାକୁ ଦେଖିପାରେ ନାହିଁ; କେବଳ ଏକ ବଡ଼, ଶକ୍ତିଶାଳୀ କାଚ ଦେଇ ଦେଖିପାରେ। ଏବଂ ସେଥିରୁ ଜଣେ ଶହେ-ପଚା-ଶ, ଦୁଇ-ଶହ-ପାଉଣ୍ଡର ଲୋକ ବାହାରି ଆସନ୍ତି। ଏହା କେଉଁଠାରୁ ଆସିଥାଏ? ବୁଝିଲେ? ପରମେଶ୍ୱର କେବଳ ଏହାକୁ କହିଥିଲେ, ଏବଂ ଏହା ପ୍ରକୃତି ଦ୍ୱାରା, ଆରମ୍ଭ ହୋଇଥିଲା, ବୃଦ୍ଧି ପାଇଥିଲା, ଏବଂ ସେଠାରେ ଏହା ଠିକ୍ ଅବିକଳ ଭାବେ ଉତ୍ପନ୍ନ କରିଥିଲା। ସେ ପ୍ରତ୍ୟେକ ଗଛ, ସବୁକିଛିକୁ, କହି ଅସ୍ତିତ୍ୱରେ ଆଣିଥିଲେ। ଏବଂ ଆଜି ସକାଳେ, ଏହା ପରମେଶ୍ୱରଙ୍କ ବାକ୍ୟକୁ ଦେଖିବା, ଏକ ଅଦ୍ଭୁତ, ଚମତ୍କାର ବିଷୟ ଅଟେ।

31 ତେବେ, ଏହି, ଆଜି ସକାଳେ, ପୁରାତନ ନିୟମରେ, ବଂଶାବଳୀକୁ ଓଲଟାଇବା । ମୁଁ ଅଳ୍ପ ଟିକିଏ ବିରକ୍ତ ହୋଇଅଛି…ଯେତେବେଳେ ଆପଣ ବର୍ତ୍ତମାନ ବଂଶାବଳୀ, ତାର 18ତମ ପର୍ବକୁ ଓଲଟାଉଛନ୍ତି । ଅଳ୍ପ ଟିକିଏ କ୍ଳାନ୍ତ ହୋଇଅଛି । ମାତ୍ର ଯଦି ପ୍ରଭୁ ଇଚ୍ଛା କରନ୍ତି…

32 ମୁଁ ସୁନିଶ୍ଚିତ ନୁହେଁ; ଆମେମାନେ ବୁଧବାର ଦିନ ରାତିରେ ଅଧିକ ଜାଣିବା । ଯଦି ପ୍ରଭୁ ଇଚ୍ଛା କରନ୍ତି, ଏବଂ ମଣ୍ଡଳୀ ସେହିପରି ଭାବରେ ମାର୍ଗ ଦର୍ଶନ ଅନୁଭବ କରେ, ମୁଁ ବୁଧବାର, ଗୁରୁବାର, ଶୁକ୍ରବାର, ଶନିବାର, ଏବଂ ରବିବାରକୁ ଏକ ଉଦ୍ଦୀପନା ଭାବରେ, ଏଠାରେ ନେବାକୁ ଚାହିଁବି, କେବଳ ବାକ୍ୟରୁ ଏକ ଶିକ୍ଷା ଉଦ୍ଦୀପନା ଭାବରେ । [ମଣ୍ଡଳୀ କୁହନ୍ତି, "ଆମେନ୍ ।"—ସମ୍ପା ।] ବୁଧବାର, ଗୁରୁବାର, ଶୁକ୍ରବାର, ଶନିବାର, ଏବଂ ରବିବାର, କେବଳ ବାକ୍ୟ ଉପରେ ଶିକ୍ଷାଦାନ; କୌଣସି ଆରୋଗ୍ୟତା ସେବା ନୁହେଁ, ମାତ୍ର ଶିକ୍ଷାଦାନ । ହୋଇପାରେ ଯେ ପ୍ରଭୁ ଆମକୁ ସେହି ପଥରେ କଢେଇ ନେବେ । ଏବଂ ତାହାପରେ ଆମେ… ମୁଁ କେବଳ ଆପଣମାନଙ୍କ ସହିତରେ ରହିବାକୁ ଏବଂ ଆପଣଙ୍କ ସହିତ, ବାକ୍ୟର ଚାରି ପାଖରେ ସହଭାଗିତା କରିବାକୁ ଭଲ ପାଏ । ସେହି ଉତ୍ତମ, ଅଦ୍ଭୁତ "ଆମେନ୍" ପାଇଁ, ଆପଣଙ୍କୁ ବହୁତ, ଧନ୍ୟବାଦ ।

33 ତେବେ, ବଂଶାବଳୀର 18ତମ ପର୍ବରେ, ଏବଂ 12ଶ ପଦରୁ ଆରମ୍ଭ କରି, ଆମେମାନେ ଅଳ୍ପ କିଛି ସମୟ ପାଇଁ ଆଜିର ଦିନର ଏହି ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ, ଆମର ଚିନ୍ତାଧାରାକୁ ଆଧାର କରିବାକୁ ଚାହୁଁଅଛୁ । ପ୍ରଥମ ବଂଶା-…, କିମ୍ୱା, ଦ୍ୱିତୀୟ ବଂଶାବଳୀ, ମୋତେ କ୍ଷମା କରିବେ, ଦ୍ୱିତୀୟ ବଂଶାବଳୀ 18:12, ଏବଂ ଆମେମାନେ ଏଠାରେ ତାହାର ଏକ ଅଂଶ ପାଠ କରିବା, ଏବଂ ଦେଖିବା ଯେ ଆମର ପ୍ରଭୁ ଆମକୁ କଅଣ ଜଣାଇବାକୁ ଚାହାଁନ୍ତି ।

> *ପୁଣି ଯେଉଁ ଦୂତ ମୀଖାୟକୁ ଡାକିବାକୁ ଯାଇଥିଲା ସେ ତାହାକୁ, କହିଲା, ଦେଖ, ଭବିଷ୍ୟଦ୍‌ବକ୍ତାମାନଙ୍କର ବାକ୍ୟ ଏକମୁଖରେ ରାଜାଙ୍କର ମଙ୍ଗଳ ପ୍ରକାଶ କରୁଅଛି; ଏହେତୁ, ମୁଁ ବିନୟ କରୁଅଛି, ତୁମ୍ଭ ବାକ୍ୟ ସେମାନଙ୍କ ବାକ୍ୟ ତୁଲ୍ୟ ହେଉ, ଓ ତୁମ୍ଭେ ମଙ୍ଗଳର କଥା କୁହ ।*
>
> *ତହୁଁ ମୀଖାୟ କହିଲା, ସଦାପ୍ରଭୁ ଜୀବତ ଥିବା ପ୍ରମାଣେ, ଯାହା ମୋ ପରମେଶ୍ୱର କହିବେ, ତାହା ହିଁ ମୁଁ କହିବି ।*
>
> *ଏଉତ୍ତାରେ ମୀଖାୟ ରାଜାଙ୍କ ନିକଟକୁ ଆସନ୍ତେ, ରାଜା ତାହାକୁ କହିଲେ, ମୀଖାୟ, ଆମ୍ଭେମାନେ ଯୁଦ୍ଧ କରିବା ପାଇଁ ରାମୋତ୍-ଗିଲିୟଦକୁ ଯିବା, କିଅବା ମୁଁ କ୍ଷାନ୍ତ ହେବି? ତହୁଁ ସେ କହିଲା, ଯାଉନ୍ତୁ, ଓ କୃତକାର୍ଯ୍ୟ ହେଉନ୍ତୁ, ସେମାନେ ଆପଣମାନଙ୍କ ହସ୍ତରେ ସମର୍ପିତ ହେବେ ।*

34 ବର୍ତ୍ତମାନ, କିଛି ସମୟ ପାଇଁ ଆମର ଚିନ୍ତାଧାରାକୁ ଆଧାର କରିବା ନିମନ୍ତେ; ଏହା ଉପରେ, ପୁନର୍ବାର ତାହାଙ୍କୁ ଗୋଟିଏ ଶବ୍ଦ କେବଳ ପ୍ରଦାନ କରିବା ।

35 ଆମମାନଙ୍କର ସ୍ୱର୍ଗସ୍ଥ ପିତା, ଆମେମାନେ କୃତଜ୍ଞ ହୃଦୟ ସହିତ ବର୍ତ୍ତମାନ ହଜିଯାଇଥିବା ସେହି ପ୍ରାଣଗୁଡିକ ତରଫରୁ, ଯେଉଁମାନେ ଅଭାବୀ ଅଟନ୍ତି ସେମାନଙ୍କ ତରଫରୁ, ସେହି ମଣ୍ଡଳୀ ତରଫରୁ, ତୁମ ନିକଟକୁ ଆସୁଅଛୁ। ଆମେମାନେ ପ୍ରାର୍ଥନା କରୁଛୁ, ଯେ, ବର୍ତ୍ତମାନ ପବିତ୍ରଆତ୍ମା ଶୀଘ୍ର ହିଁ ବାକ୍ୟ ମଧ୍ୟକୁ ଆସିଯାଆନ୍ତୁ। ତାହାକୁ ସୀଧାସଳଖ ଏଠାରେ ଆବଶ୍ୟକ କରୁଥିବା ପ୍ରତ୍ୟେକ ହୃଦୟ ମାଧ୍ୟକୁ ନେଇ ଯାଆନ୍ତୁ। ଏବଂ ଯେତେବେଳେ ସେ ବାକ୍ୟର ଶକ୍ତି ସମ୍ବନ୍ଧରେ ତାହାଙ୍କର ବାର୍ତ୍ତାକୁ ହୃଦୟ ମଧ୍ୟକୁ ପ୍ରଦାନ କରନ୍ତି, ଏହା ହେଉ ଯେ ଆଜି ସକାଳେ, ଆମେମାନେ ସମସ୍ତେ ଏହା ଦ୍ୱାରା ସମୃଦ୍ଧ ହେଉ; ଆରାଧନାଳୟକୁ ଛାଡି, ଯିବାବେଳେ, ଆନନ୍ଦ କରୁ ଓ ପରମେଶ୍ୱରଙ୍କୁ ପ୍ରଶଂସା କରି, ଏହା କହୁ, "ତାହାଙ୍କ ଉପସ୍ଥିତି ହେତୁ, ଆମ ହୃଦୟଗୁଡିକ ଆମ ଅନ୍ତରରେ ଉତ୍ତପ୍ତ ହୋଇଥିଲା।" କାରଣ ଆମେ ଏହାକୁ ତାହାଙ୍କ ନାମରେ ମାଗୁଅଛୁ। ଆମେନ୍।

36 ଆଜି ସକାଳେ, ଆମର ଦୃଶ୍ୟ, ଏକ ଦୁଃଖଦ ଘଟଣା ଉପରେ ଭିତ୍ତି କରେ। ଏବଂ ପୁରାତନ ନିୟମ, ମୋ ପାଇଁ, ସର୍ବଦା ନୂତନ ନିୟମର ଏକ ଛାୟା ବା ଏକ—ବା ଏକ ପୂର୍ବାନୁମାନ ଅଟେ। ଅନେକ ଥର, କେହି ଜଣେ କହିଛନ୍ତି, "ଭାଇ ବ୍ରାନହାମ୍, ଏହା କାହିଁକି ଅଟେ ଯେ ଆପଣ ସର୍ବଦା ପୁରାତନ ନିୟମକୁ ନେଇଥାଆନ୍ତି? ପ୍ରାୟଃ ସବୁବେଳେ, ଏକ ପାଠମକୁ ନେବା ପାଇଁ, ଆପଣ ପୁରାତନ ନିୟମକୁ ଫେରିଯାଆନ୍ତି।" ମୁଁ ଏହା ଏଇଥି ପାଇଁ କରେ କାରଣ ମୁଁ ପ୍ରତିରୂପକ ଦେବାକୁ ପସନ୍ଦ କରେ। ମୁଁ ପସନ୍ଦ କରେ...

37 ଯେପରି ସମସ୍ତେ ଜାଣନ୍ତି, ମୋର ଶିକ୍ଷା ବହୁତ ସୀମିତ ଅଟେ। ଏବଂ ଏକମାତ୍ର ଉପାୟ ଯାହା ଦ୍ୱାରା ମୁଁ ସଠିକ୍ ବିଷୟର ପାଖାପାଖି ଅଛି ବୋଲି ଜାଣିଥାଏ, ତାହା ହେଉଛି ଏହା ଦେଖିବା ଯେ ସେହି ନମୁନାଟି କଅଣ ଥିଲା, ସେହି ବ୍ଲୁପ୍ରିଣ୍ଟ ନକ୍ସାକୁ ଅନାଇବା ଏବଂ ଦେଖିବା ଯେ ତାହା କଅଣ ଥିଲା। ଏବଂ ତାହାପରେ ମୁଁ ଜାଣେ ଯେ *ତାହା* କଅଣ ଥିଲା ସେହି ବିଷୟ ଏହାର କିଛି ଗୋଟାଏ ସମତୁଲ୍ୟ ହେବ ଯାହାକି *ଏହା* ଏଠାରେ ଥିଲା, କାରଣ ଏହା କେବଳ ତାହାର ସେହି ଛାଇ ଅଟେ। ଏବଂ ମୁଁ ସର୍ବଦା ଏହା ଦେଖିବା ହେତୁ ପୁରାତନ ନିୟମକୁ ଫେରି ଅନାଇଥାଏ ଯେ ଇସ୍ରାଏଲ ସନ୍ତାନଗଣ କଅଣ କରିଥିଲେ, ଏହା ଦେଖିବା ନିମନ୍ତେ ଯେ ପାପର ଦଣ୍ଡ କଅଣ ଥିଲା, ଏହା ଦେଖିବା ହେତୁ ଯେ ଭବିଷ୍ୟଦ୍‌ବକ୍ତାମାନଙ୍କର ନ୍ୟାୟ କଅଣ ଥିଲା, ଏହା ଦେଖିବା ହେତୁ ଯେ ସେହି ବିଷୟଗୁଡ଼ିକ ସବୁ କଅଣ ଥିଲା; ଏବଂ ତାହାପରେ ମୋର ଏକ ଧାରଣା ରହିବ ଯେ *ଏହା* ଏଠାରେ କଅଣ ଅଟେ, ଯାହାକି ସେହି ବିଷୟର ପ୍ରତିଛାୟା ଅଟେ ଯେ ଶେଷରେ ସେହି ସାଧାରଣ ସମା-ପ୍ତିରେ କଅଣ ହେବ।

38 ଏହି ସମୟ ମଧ୍ୟରେ, ଇସ୍ରାଏଲ ସହିତ ଏକ ବଡ଼ ଘଟଣା ଘଟିଥିଲା। ଏହା ତାର ମଧ୍ୟରାତ୍ରିର ଅନ୍ଧକାରରେ ଥିଲା।

39 ପୁରାତନ ନିୟମରେ, ଯଦି ପ୍ରଭୁ ଇଚ୍ଛା କରନ୍ତି, ହୁଏତ ଆଗାମୀ ସେବାଗୁଡିକରେ, ମୁଁ ଦେଖାଇବାକୁ ଚାହେଁ ଯେ ସପ୍ତ ମଣ୍ଡଳୀ ଯୁଗଗୁଡିକ କିପରି ପୁରାତନ ନିୟମରେ ନିର୍ଦ୍ଦର୍ଶିତ

କରାଯାଇଥିଲା । ସେମାନେ ଯେ କିପରି ଠିକ୍ ସେହିପରି ଭାବରେ ଆରମ୍ଭ କରିଥିଲେ ଯେପରିକି ତାହା ସେହି—ସେହି ବିଜାତୀୟ ମଣ୍ଡଳୀର ମଣ୍ଡଳୀ ଯୁଗଗୁଡିକର ଆରମ୍ଭରେ ହୋଇଥିଲା, ଏବଂ ଠିକ ଏକ ସମାନ ଅନ୍ଧକାର ଯୁଗ ଦେଇ ଗତି କରିଥିଲା, ଏବଂ ପେଣ୍ଟିକଷ୍ଟର ଗୌରବମୟ ସମୟ ମଧ୍ୟକୁ ବାହାରି ଆସିଥିଲା, ଯେତେବେଳେକି ପ୍ରାରମ୍ଭିକ ମଣ୍ଡଳୀରେ ପବିତ୍ରଆତ୍ମାଙ୍କ ଢଳାଯିବା ସମୟରେ...ସେହି ଯିହୁଦୀ ସମୟାବଧିରେ ହୋଇଥିଲା । ତାହାପରେ ବିଜାତୀୟ ମଣ୍ଡଳୀର ଅନ୍ୟ ଏକ ସମୟାବଧି ଦେଇ, ଏକ ଅନ୍ଧକାର ଯୁଗ ଦେଇ ଗତି କରିବା, ଏବଂ ତାହାପରେ ପୁନର୍ବାର ଶେଷରେ, ସହସ୍ରାବ୍ଦୀରେ ବାହାରକୁ ଆସିବା ।

40 ତେବେ, କିପରି ସେହି ମଧ୍ୟ ଯୁଗର ଶତାବ୍ଦୀରେ ସେଠାରେ, ଏହି ମହାନ ରାଜା ଆହାବ କ୍ଷମତାକୁ ଆସିଲେ । ଏବଂ ସେ ଏକ ପ୍ରକାର ଅନ୍ୟ ଇସ୍ରାଏଲୀୟ ରାଜାମାନଙ୍କ ପ୍ରତିଷ୍ଠା ଉପରେ ନିର୍ବାହ କରିଥିଲେ, ଯାହାକି ଏକ...ଆହାବ, ନିଜେ, ଏକ ପ୍ରକାର ଜଣେ—ଜଣେ ସୀମାରେଖୀୟ ବିଶ୍ୱାସୀ ଥିଲେ । ମୁଁ ତାଙ୍କୁ ପ୍ରାୟତଃ ସେହି ସନ୍ଦର୍ଭରେ ଉଲ୍ଲେଖ କରିଅଛି, କାରଣ ସେ ସମୟର ଗୋଟିଏ ଅଂଶରେ ବାଡ଼ର *ଏହି* ପାର୍ଶ୍ୱରେ ଥିଲେ, ସମୟର ଅନ୍ୟ ଅଂଶରେ ବାଡର *ସେହି* ପାର୍ଶ୍ୱରେ ଥିଲେ ।

41 ଆପଣ କେବେବି ଜାଣିବେ ନାହିଁ ଯେ କେଉଁଠାରେ ଛିଡା ହେବାକୁ ଅଛି, ସେହିପରି ଜଣେ ବ୍ୟକ୍ତି ଯିଏକି ଅସ୍ଥିର ଅଟନ୍ତି । କିଅବା, ଜଣେ ବ୍ୟକ୍ତି ଯିଏକି ନିଜକୁ ଜଣେ ଖ୍ରୀଷ୍ଟିଆନ ବୋଲି କହିଥାନ୍ତି, ଏବଂ ସେହିପରି ଭାବରେ ଅସ୍ଥିର ଥାଆନ୍ତି, ଆପଣ ଜାଣନ୍ତି ନାହିଁ ଯେ ସେହି ବ୍ୟକ୍ତିଙ୍କ ସହିତ କଅଣ କରିବେ । ଆଜି ସେମାନେ ଜଣେ ଖ୍ରୀଷ୍ଟିଆନ ଅଟନ୍ତି; ଆସନ୍ତାକାଲି ଆପଣ ଜାଣନ୍ତି ନାହିଁ ଯେ ସେମାନେ କେଉଁଠାରେ ଅଛନ୍ତି । ଆଜି ମଣ୍ଡଳୀରେ, ସେମାନେ ଆନନ୍ଦ କରୁଛନ୍ତି ଓ ଗୀତ ଗାଉଛନ୍ତି ଏବଂ ପରମେଶ୍ୱରଙ୍କୁ ପ୍ରଶଂସା କରୁଛନ୍ତି; ଏବଂ ଆସନ୍ତାକାଲି, ମଦ ପିଉଛନ୍ତି, ଅତ୍ୟଧିକ ମଦ୍ୟପାନ କରୁଛନ୍ତି, ଚାରିଆଡ଼େ ଦୌଡୁଛନ୍ତି । ତେବେ ସେହି ପ୍ରକାରର ଜଣେ ବ୍ୟକ୍ତି ସହିତ କିଛି ବି କରିବା କଷ୍ଟକର ଅଟେ ।

42 ମୋର ମନେ ଅଛି, ଏକ ବାଳକ ଭାବରେ, ଥରେ ଆମର ଗୋଟିଏ—ଗୋଟିଏ ପୁରୁଣା ଘୋଡା ଥିଲା, ଯିଏକି ସବୁବେଳେ ବାଡକୁ ଡେଇଁ ପଡୁଥିଲା । ଏବଂ ମୁଁ ଅନୁମାନ କରୁଛି ଯେ ଆପଣମାନଙ୍କ ମଧ୍ୟରୁ, ମୋ ବୟସର ଅନେକେ, ସେହି ପଶ୍ଚାତ ସମୟର ଘୋଡା ଦିନ, ବଗି ଦିନକୁ ଜାଣିଥିବେ । ମୁଁ ଅନେକ ଥର, ଠିକ୍ ଏଠାରେ ଏହି ମାର୍ଗରେ, ନିଜେ, ଘୋଡା ଏବଂ ବଗି ଚଳାଇ ଆସିଛି । ମୁଁ ପଇଁ-ଚାଳିଶ ବର୍ଷର ଅଟେ । ତେଣୁ, ସେମାନେ...ମୋର ମନେ ଅଛି, ଏହି ପୁରୁଣା ଘୋଡାଟି, ଆମେ ତାର ବେକରେ ଏକ ଯୁଆଳି ଲଗାଇ ଦେଇଥାଉ, ଯେପରିକି ଆପଣ ଗୋଟିଏ ଗାଈକୁ କରନ୍ତି, ଯେପରିକି ସେ ବାଡ଼ ନ ଡେଇଁ ଦିଏ । ଏବଂ ସେ ତ ଯେକୌଣସି ପ୍ରକାରେ ହେଲେ, ଡେଇଁଥାଏ । ଏବଂ ସେ ସେହି ଯୁଆଳିକୁ ଟାଙ୍ଗି ଦେଇ ନିଜକୁ ଘୁରାଇ ଦେଇଥାଏ, ଏବଂ ଇତ୍ୟାଦି ସବୁ କରିଥାଏ । ସେ ସେହି ବାଡ ଉପରକୁ ଡେଇଁ ଦେଇଥାଏ । ଏବଂ ଗୋଟିଏ ଦିନେ, ସେ କଅଣ...

43 ମୁଁ ଆଶ୍ଚର୍ଯ୍ୟ କଲି ଯେ କେଉଁ ବିଷୟ ସେହି ପୁରୁଣା ପ୍ରାଣୀକୁ ଆକର୍ଷିତ କରୁଅଛି । ଏବଂ ସେଠାରେ ଏକ ବଡ ଆବର୍ଜନାଗାତ ଥିଲା । ବର୍ତ୍ତମାନ, ସେ ଆଲ୍‌ଫାଲ୍‌ଫା ଘାସରେ ଠିଆ ହୋଇଥିଲା, ଓଃ, ଏତେ ଉତ୍କୃଷ୍ଟ, ମାତ୍ର ସେ ଚାହୁଁଥିଲା…ସେଠାରେ ଏକ ଆବର୍ଜନାଗାତରେ ବଗିଚା ଘାସର କିଛି ପତ୍ରଗୁଡିକ ଥିଲା । ଏବଂ ସେ ସେହି ବାଡକୁ ଡେଇଁ ସେହି ଆବର୍ଜନାଗାତ ଭିତରକୁ ଯାଉଥିଲା ଯେଉଁଠାରେ ଏହି ସବୁ ତାର ଏବଂ କାଚ ଥିଲା, ଯେଉଁଠାରେକି ଆମେ… ଆମର—ଆମର ଅଳିଆ ଗଦା କରିଥାଉ, ଏବଂ ସେ ସେହି ବଗିଚା ଘାସର କିଛି ପତ୍ର ଖାଇବା ପାଇଁ ସେଠାରେ ଭିତରକୁ ଯାଉଥିଲା । ଏବଂ ଆମକୁ ଆଉ କିଛି ଘୋଡାମାନଙ୍କୁ ଆଣି ତାକୁ ସେହି ଆବର୍ଜନାଗାତରୁ ବାହାର କରିବାକୁ ପଡିଲା । ଯେତେବେଳେ ସେ ସେଠାରେ ଭିତରକୁ ଗଲା, ସେ ଝୁଲିକରି ରହି ଯାଇଥିଲା । ଏବଂ ଯେତେବେଳେ ସେ ସେଠାରେ ଠିଆ ହେଲା, ସେ ଥର ଥର କମ୍ପୁଥିଲା ଓ ରକ୍ତସ୍ରାବ କରୁଥିଲା, ଏବଂ—ଏବଂ କିପରି ସେ ଥିଲା, ସେହି ବଗିଚା ଘାସର, ଅଳ୍ପ କିଛି ଖାଇବା ପାଇଁ, କିମ୍ବା ଅଧିକ ଟିକେ ପାଇଁ, ପ୍ରାୟଃ ଆଣ୍ଠୁ ପର୍ଯ୍ୟନ୍ତ ପଶି ଯାଇଥିଲା, ଯେତେବେଳେକି ସେ ଆଲ୍‌ଫାଲ୍‌ଫା ଘାସରେ ଠିଆ ହୋଇଥିଲା ।

44 ମୁଁ ପ୍ରାୟତଃ ସେହି ଛବି ବିଷୟରେ ଚିନ୍ତା କରିଛି । "ଜଣେ ଅପରାଧୀର ମାର୍ଗ କଠିନ ଅଟେ ।" ସେ କେବଳ ସେଠାରେ ସ୍ଥିର ଭାବରେ ଛିଡା ହୋଇ ରହିବ ନାହିଁ ଯେଉଁଠାରେକି ସେ ଖାଉଥିଲା ଏବଂ ଏକ ସୁନ୍ଦର ସମୟ ଅତିବାହିତ କରୁଥିଲା, ମାତ୍ର ସେହି…ତାକୁ ତ ସେହି ବାଡ ଡେଇଁବାକୁ ପଡିଥିଲା ଏବଂ ସେହିପରି ଭାବରେ ସର୍ବତ୍ର କ୍ଷତବିକ୍ଷତ ଏବଂ ଖଣ୍ଡିଆ ଖାବରା ହେବାକୁ ପଡିଥିଲା, କେବଳ ଅଳ୍ପ କିଛି ମାତ୍ରାରେ ଅନ୍ୟ ପ୍ରକାରର—ର ଘାସ ଖାଇବା ପାଇଁ । ତେବେ, ଠିକ ସେହିଭଳି ଲୋକମାନେ କରନ୍ତି, ଯେଉଁମାନେକି ପରମେଶ୍ୱରଙ୍କ ଚାରଣଭୂମିର ବାଡ଼କୁ ଡେଇଁପଡନ୍ତି । କଅଣ ଆପଣ ତାହା ବିଶ୍ୱାସ କରନ୍ତି ନାହିଁ କି? ବାହାରକୁ ଯାଆନ୍ତି, ଆଜି ବାହାରକୁ ଚାଲିଯାଆନ୍ତି; ଭିତରକୁ ଆସନ୍ତି । ମଣ୍ଡଳୀରେ ରହିଥାନ୍ତି, ଏକ ସୁନ୍ଦର ସମୟ ଅତିବାହିତ କରୁଥାନ୍ତି; ତାହାପରେ, ଆସନ୍ତାକାଲି, ସେହିପରି କିଛି ବିଷୟ ପାଇଁ ବିକ୍ରି ହୋଇଯାଆନ୍ତି । ତାହା ଏହାକୁ ବହୁତ କଠିନ କରି ଦେଇଥାଏ ।

45 ଆହାବ ଅଧିକନ୍ତୁ ସେହି ପ୍ରକାରର ଜଣେ ବ୍ୟକ୍ତି ଥିଲେ । ପ୍ରତ୍ୟେକ ଦିଗରେ ଯେଉଁଆଡ଼େ ପବନ ପ୍ରବାହିତ ହେଉଥିଲା, ଆହାବ ନିଜର ପାଲକୁ ସେଆଡ଼େ ବ୍ୟବସ୍ଥିତ କରି ଦେଉଥିଲେ, ଯଦି ଏହା *ଏହି* ପାର୍ଶ୍ୱରେ କିମ୍ବା *ସେହି* ପାର୍ଶ୍ୱରେ ଥିଲା । ତାଙ୍କ ବିବାହ ତାଙ୍କୁ ସମସ୍ତ ଗୋଳମାଳରେ ପକାଇ ଦେଇଥିଲା, ଯାହାକି ଜଣେ ସାନ ସ୍ତ୍ରୀଲୋକ ସହିତ ଥିଲା ଯିଏକି ଜଣେ ରାଜାଙ୍କ ଝିଅ, ଜଣେ ରାଜକୁମାରୀ, ଇଷେବଲ୍ ଥିଲେ । ଦେଖିବା ପାଇଁ ବହୁତ ସୁନ୍ଦର ଥିଲେ, ବହୁତ ସୁନ୍ଦର ସ୍ତ୍ରୀଲୋକ ଜଣେ, ମାତ୍ର ତାଙ୍କ ହୃଦୟରେ ସେ ଦୁଷ୍ଟ ଥିଲେ । ଏବଂ ସେ ଜଣେ ମୂର୍ତ୍ତିପୂଜକ ଥିଲେ, ଏବଂ ସେ ସମସ୍ତ ଇସ୍ରାଏଲକୁ ପ୍ରବର୍ତ୍ତାଇ ଥିଲେ…

46 ତେବେ, ମୁଁ କିପରି ଭାବରେ ଅଳ୍ପ କିଛି ମିନିଟ୍ ପାଇଁ ସେଠାରେ ରହିବାକୁ ଚାହେଁ, ଯେପରିକି ତାହା, ମାତୃତ୍ୱ ଉପରେ ଏହାର ମୂଳ ବିଷୟ ଭିତରକୁ ଯିବାର ଥିଲା, ଦେଖନ୍ତୁ,

ସେଠାରେ । ଏବଂ ଯେତେବେଳେ ଜଣେ ପୁରୁଷ ବିବାହ କରିବାକୁ ଯାଆନ୍ତି; ଯେଉଁ ପ୍ରକାରର ଜଣେ ଝିଅକୁ, ସ୍ତ୍ରୀଲୋକକୁ ଯାହା ସେ…ଏହା ସେହି ସୌନ୍ଦର୍ଯ୍ୟକୁ ଦେଖିବାଠାରୁ କିଛି ଅଧିକ ଅଟେ । ଆପଣଙ୍କୁ ତ କାହାରିକୁ ନେବାକୁ ପଡିବ, ଉଭୟ ପ୍ରାଣ ଏବଂ ଶରୀର ଏକାଠି ସଂଯୁକ୍ତ ହୋଇଥିବା ସହ; ଏପରି ଜଣକାକୁ ଯିଏକି ପ୍ରକୃତରେ ଆପଣଙ୍କର ବନ୍ଧୁ ଏବଂ ମିତ୍ର ହେବାକୁ ଯାଉଅଛନ୍ତି, ଯିଏକି ଆପଣଙ୍କ ସହିତ ସମୟ ଏବଂ ଅସମୟରେ ଲାଗି ରହିଥିବେ ।

47 ବର୍ତ୍ତମାନ, କିନ୍ତୁ, ଆହାବ, ସେ କେବଳ ତାଙ୍କ ପାଇଁ ଲୋଲୁପ ହୋଇଗଲେ କାରଣ ସେ ସୁନ୍ଦର ଥିଲେ, ମୁଁ ଭାବୁଛି, ଏବଂ ବିବାହ କରି ନେଲେ । ଏହା ତାଙ୍କ ବିଷୟରେ ଆଉ ଅନ୍ୟକିଛି ହୋଇପାରିବ ନାହିଁ, କାରଣ, ସେ ଯେତିକି ଦୁଷ୍ଟ ଥିଲେ । ଏବଂ ସେ ସେଠାକୁ ଆସିଲେ । ଏବଂ ତାହାପରେ, ଅବଶ୍ୟ, ନିଜକୁ ସେହିପରି ଭାବରେ ତାଙ୍କ ସହିତ ମିଶାଇ ଦେଇ, ତାଙ୍କୁ ଭଲ ପାଉଥିବା ଯୋଗୁ, କାହିଁକି, ସେ ସମସ୍ତ ଇସ୍ରାଏଲକୁ ପାପ କରାଇଲେ ଏବଂ ପରମେଶ୍ୱରଙ୍କ ବିରୁଦ୍ଧରେ ନେଇଗଲେ, ଏବଂ ପରମେଶ୍ୱରଙ୍କ ଯଜ୍ଞବେଦିଗୁଡିକୁ ଭାଙ୍ଗି ପକାଇ; ବାଲିମ୍‌ର ଯଜ୍ଞବେଦିଗୁଡିକୁ ନିର୍ମାଣ କରାଇଲେ । ଏବଂ ସେହି ସମୟରେ, ସମଗ୍ର ଇସ୍ରାଏଲରେ ସେମାନଙ୍କର ବାଲ୍ ଉପାସନା ଜାରି ରହିଥିଲା ।

48 ତେବେ, ତାଙ୍କର ପତ୍ନୀ ଧାର୍ମିକ ନାବୋତକୁ କରାଇଥିଲେ…ଆପଣମାନେ ଅନେକେ ତାଙ୍କ ବିଷୟରେ ପଢିଛନ୍ତି । କିପରି ସେ ପ୍ରତାରଣା ଦ୍ୱାରା, ତାଙ୍କ ଉଦ୍ୟାନକୁ ଅଧିକାର କରି ନେଇଥିଲେ; ତାଙ୍କ ବିରୁଦ୍ଧରେ ଏକ ମିଥ୍ୟା, ଦୋଷାରୋପ କରିଥିଲେ, ଏବଂ ଭଣ୍ଡ ସାକ୍ଷୀମାନ ରଖିଥିଲେ । କାରଣ, ସେ ତାଙ୍କ ସ୍ୱାମୀଙ୍କ ପାଇଁ କିଛି କରିବାକୁ ଚାହୁଁଥିଲେ; ଏବଂ ରାଜପ୍ରାସାଦ ଭୂମି ନିକଟରେ ଲାଗି ରହିଥିବା ଏକ ବଗିଚାକୁ ପାଇବା ପାଇଁ, ଜଣେ ଧାର୍ମିକ ବ୍ୟକ୍ତିଙ୍କୁ ହତ୍ୟା କରିଥିଲେ ।

49 ଏହି ସମସ୍ତ ବିଷୟ, ପରମେଶ୍ୱର ତଳକୁ ଅନାଇଥିଲେ । ତେଣୁକରି ସେହି ଭବିଷ୍ୟଦ୍‌ବକ୍ତା, ଏଲିୟ, ଯିଏକି ପ୍ରଭୁଙ୍କର ଜଣେ ମହାନ, ଶକ୍ତିଶାଳୀ ସେବକ ଥିଲେ, ଭବିଷ୍ୟଦ୍‌ବାଣୀ କରି ଈଷେବଲକୁ କହିଥିଲେ ଯେ ତାଙ୍କ ସହିତ କଅଣ ଘଟିବ । ଏବଂ ସେ ଆହାବଙ୍କୁ କହିଥିଲେ ଯେ କୁକୁରମାନେ ତାଙ୍କର ନିଜ ରକ୍ତକୁ ଚାଟିବେ । ବର୍ତ୍ତମାନ, ପରମେଶ୍ୱର ଯେତେବେଳେ କିଛି କହିଥାନ୍ତି…ଅବଶ୍ୟ, ସେହି ଦିନମାନଙ୍କରେ, ପ୍ରଭୁଙ୍କ ପ୍ରତ୍ୟକ୍ଷ ବାକ୍ୟ ଭବିଷ୍ୟଦ୍‌ବକ୍ତାଙ୍କ ମାଧ୍ୟମରେ ଆସିଲା ।

50 "ପରମେଶ୍ୱର, ପୂରାକାଳରେ ଏବଂ ବିବିଧ ପ୍ରକାରେ ଭବିଷ୍ୟଦ୍‌ବକ୍ତାମାନଙ୍କ ମାଧ୍ୟମରେ ପିତୃପୁରୁଷମାନଙ୍କ ସହିତ କଥା କହି, ଏହି ଶେଷ ଦିନରେ ତାହାଙ୍କ ପୁତ୍ର ଖ୍ରୀଷ୍ଟ ଯୀଶୁଙ୍କ ମାଧ୍ୟମରେ, କଥା କହିଛନ୍ତି ।"

51 ତେଣୁ, *ଏହା* ସେହି ବାକ୍ୟ ଅଟେ । ଏବଂ ଯଦି କୌଣସି ବିଷୟ *ତାହା*ର ବିପରୀତ ଅଟେ, ତେବେ ତାହାକୁ ଛାଡିଦିଅନ୍ତୁ । ବୁଝିଲେ? ବର୍ତ୍ତମାନ, ଦ୍ୱିତୀୟତଃ, ସେ ଆଜି ଭବିଷ୍ୟଦ୍‌ବକ୍ତା, ସେହି ଦର୍ଶୀ, ଏବଂ ଇତ୍ୟାଦି ସବୁ ମାଧ୍ୟମରେ କଥା ହୁଅନ୍ତି । କିନ୍ତୁ ପ୍ରଥମେ ହେଉଛି *ଏହା*, ସେହି

ବାକ୍ୟ । ବର୍ତ୍ତମାନ...

52 ଏବଂ ଆହାବ ଏହି ଦୁଷ୍ଟତା କରିଥିଲେ। ଏବଂ ସେ ଅଗ୍ରସର ହୋଇ ଚାଲିଲେ; ପରମେଶ୍ୱର ଅନେକ ବର୍ଷ ଧରି ଲୋକମାନଙ୍କୁ ଆଶୀର୍ବାଦ କରି ଚାଲିଲେ। ଏବଂ ଅବଶେଷରେ, ଯିହୋଶାଫଟ୍ ଯିହୁଦାର ରାଜା ହୋଇଥିବାବେଳେ, ଆହାବ ଇସ୍ରାଏଲର ରାଜା ହୋଇଥିଲେ ।

53 ଏବଂ, ତେବେ, ଯିହୋଶାଫଟ୍ ଜଣେ ଧାର୍ମିକ ବ୍ୟକ୍ତି ଥିଲେ । ସେ ଆସାଙ୍କର ପୁତ୍ର ଥିଲେ । ଆସା ଜଣେ—ଜଣେ ଧାର୍ମିକ ବ୍ୟକ୍ତି ଥିଲେ, ଏବଂ ସେ ପ୍ରତିମାଗୁଡିକର—ର ସମସ୍ତ ବେଦୀଗୁଡିକୁ ଭାଙ୍ଗି ଦେଇଥିଲେ; ସଦାପ୍ରଭୁଙ୍କର ଯଜ୍ଞବେଦିଗୁଡିକୁ ନିର୍ମାଣ କରିଥିଲେ । ଏବଂ ସେମାନଙ୍କର ଏକ—ଏକ ଉଦ୍ଦୀପନା ହୋଇଥିଲା, ଯେପରିକି ତାହା, ସେଠାରେ ଉପରେ ଯିହୁଦାରେ ରହିଥିଲା ।

54 ଏବଂ ତାହାପରେ କିଛି ସମୟ ପରେ, ଯିହୋଶାଫଟ୍, କିମ୍ବା ଆହାବ ବରଂ, ଲୋକ ପଠାଇଲେ, ଏବଂ ଆରାମ ଦେଶରେ, ସେ ଆଉ ଏକ ଭୂମିଖଣ୍ଡ ପାଇଲେ, ଯାହାକୁ ସେ ତାଙ୍କର ଥିଲା ବୋଲି ଭାବୁଥିଲେ, ଏବଂ ଭାବିଲେ ଯେ ଯେ ସେ ଯାଇ ତାକୁ ଅଧିକାର କରିବେ। ତେଣୁକରି ସେ ଏହି ଯିହୋଶାଫଟଙ୍କୁ ପଚାରିଲେ ଯେ ଯଦି ସେ ଆସି ତାଙ୍କ ସହ ଏକ ମେଣ୍ଟ କରିବେ କି ।

55 ଏବଂ, ଅବଶ୍ୟ, ବର୍ତ୍ତମାନ ସେଠାରେ ଏକ ବଡ଼ ବିପଦ ଅଛି, ଦେଖନ୍ତୁ, ଯେତେବେଳେ ସେମାନେ ଏହି ମହାନ ରାଜା, ଆହାବଙ୍କୁ, ସେଠାରେ ତଳେ ଦେଖିଲେ, ଏବଂ ସେମାନେ ଏଠାରେ ଉପରେ ଏହି ମହାନ ଜଣ, ଯିହୋଶାଫଟଙ୍କୁ ଦେଖିଲେ; ସେମାନଙ୍କ ମଧ୍ୟରୁ ଗୋଟିଏ, ଜଣେ ଈଷଦୁଷ୍ଟ; ଅନ୍ୟ ଜଣକ, ଏକ ଆତ୍ମା-ପରିପୂର୍ଣ୍ଣ ବ୍ୟକ୍ତି । ଆପଣ ନିଜର ମେଣ୍ଟ କିପରି କରୁଛନ୍ତି ତାହା ପ୍ରତି ଧ୍ୟାନ ଦେଖନ୍ତୁ । ଦେଖନ୍ତୁ ଯେ ଆପଣ କଅଣ କରୁଛନ୍ତି, ଆପଣ କିପରି ଭାବରେ ନିଜକୁ ଅବିଶ୍ୱାସୀମାନଙ୍କ ସହିତରେ ଯୋଡୁଅଛନ୍ତି । ନିଜକୁ ପରିଷ୍କାର ରଖନ୍ତୁ, ବିଶେଷକରି ଯେଉଁ ଦିନରେ ଆମେମାନେ ବସ ବାସ କରୁଅଛୁ ।

56 ମୁଁ ବିଶ୍ୱାସ କରେ ଯେ, ମଣ୍ଡଳୀ, ସନ୍ଦେହର ଛାୟା ବିନୁ, ଏହା ମୋ ହୃଦୟରେ ଦଗ୍ଧ ହେଉଅଛି । ସେହି କାରଣରୁ ମୁଁ ଶୀଘ୍ର ହିଁ, ଏହି ପାଞ୍ଚୋଟି ରାତ୍ରିର ଅପେକ୍ଷା କରୁଅଛି; ଯେପରିକି ଏହା ପୁନର୍ବାର, ଘଟିବା ପୂର୍ବରୁ, ଏହି ମଣ୍ଡଳୀକୁ ବାଇବଲ ମାଧ୍ୟମରେ, ପୁଙ୍ଖାନୁପୁଙ୍ଖ ଭାବେ ସଫା କରାଯାଏ ।

57 ଆମେମାନେ ସମୟର ସେହି ଛାୟାରେ ବସବାସ କରୁଅଛୁ। ଏହା କୌଣସି ବି ସମୟରେ ହୋଇପାରେ। ଯେତେବେଳେ ଆମେମାନେ ସେହି ବିଷୟଗୁଡିକର ଘଟିବାର ସମୟକୁ ଆସୁଥିବାର ଦେଖୁ; ଶତ୍ରୁର ଠିକ ସେହି ଅତିଶୟ ଦୁଷ୍ଟତା, ଠିକ ସେହି ଶକ୍ତିଗୁଡିକ। ଆମେମାନେ ଏହି ତୁଷାରପାତ ଏବଂ ସମସ୍ତକିଛି ବିଷୟକୁ ଘଟୁଥିବାର ଦେଖୁ, ଏହି ସବୁ ମହାମାରୀ, ସମସ୍ତକିଛି ଭିନ୍ନ ଜିନିଷଗୁଡିକୁ । ତାହା ସବୁ, ଏହି ବୋମା ଏବଂ ଜିନିଷଗୁଡିକର

ବିସ୍ଫୋଟରୁ ସୃଷ୍ଟ ବାଧାଗୁଡିକ ଦ୍ୱାରା ଘଟିଥାଏ । ସେମାନେ ସବୁ ଜିନିଷଗୁଡିକୁ ଏଠାରେ ମିଶ୍ରିତ କରୁଅଛନ୍ତି । ଏବଂ ସେମାନେ ପରମେଶ୍ୱରଙ୍କ ବାକ୍ୟକୁ ପୂରଣ କରିବା ପାଇଁ, ତାହାଙ୍କର ବଡ ବଡ ଗବେଷଣାଗାରରେ ଗୋଳମାଳ କରୁଛନ୍ତି । ଏହା ଘଟିବାକୁ ଯାଉଅଛି ।

58 ତେଣୁ, "ପାପର ସେହି ପୁରୁଷ" ଅତ୍ୟନ୍ତ ପ୍ରତାରଣାକାରୀ ଭାବରେ, ଶକ୍ତି ସହକାରେ, ଉଠୁଅଛି । ମୋର ପ୍ରଭୁ । ମୁଁ ଆଜି ସକାଳେ ଜଣେ ସେବକଙ୍କୁ ଶୁଣିଲି, ଜଣେ ଆତ୍ମାରେ-ପରିପୂର୍ଣ୍ଣ ବ୍ୟକ୍ତିଙ୍କୁ, ଯିଏକି ସେହି ପଶୁର ଚିହ୍ନ ବିଷୟକୁ ନେଇ ଏହା କହୁଥିଲେ ଯେ ରୁଷ ଖ୍ରୀଷ୍ଟବିରୋଧୀ ଅଟେ । କି ଏକ ତ୍ରୁଟି । ଉଃ-ହୁଃ । ରୁଷର ଏହା ସହିତ କିଛି ହେଲେ କୌଣସି ସମ୍ପର୍କ ନାହିଁ । ନା, ମହାଶୟ । ତାହା ଶାସ୍ତ୍ରସଙ୍ଗତ ନୁହେଁ । ତେବେ, ମାତ୍ର ଏହି ମହାନ ସମୟରେ ଏକ ଚେତାବନୀକୁ ଧ୍ୟାନ ଦିଅନ୍ତୁ, ଯେଉଁଥିରେକି ଆମେମାନେ ବସବାସ କରୁଅଛୁ ।

59 ତେବେ, ଏହି ଯିହୋଶାଫଟ୍, ଏକ ପ୍ରକାର ଭଲ ଅନୁଭବ କରୁଥିଲେ କାରଣ ଇସ୍ରାଏଲର ମହାନ ରାଜା କହିଥିଲେ, "ଆସନ୍ତୁ, ଆମ ଆଡ଼େ ପରିଭ୍ରମଣ କରନ୍ତୁ ।" ଏବଂ ସେ ସେଠାରେ ତଳକୁ ଗଲେ । ଏବଂ ସେମାନେ ବଳଦ ଓ ମେଣ୍ଢା, ଓ ଇତ୍ୟାଦି ନେଇ, ବଳିଦାନ କଲେ । ସବୁ ସମୟରେ, ସେଠାରେ ତଳେ ଆହାବଙ୍କ ହୃଦୟରେ, ସେ ଜଣେ ପ୍ରତାରଣାକାରୀ ଥିଲେ, କାରଣ ସେ ତାହା ଉପାସନା କରୁ ନ ଥିଲେ...କିଅବା ଏକ ସଚ୍ଚୋଟ ହୃଦୟରେ ସେହି ମେଷଗୁଡିକୁ ଓ ଜିନିଷଗୁଡ଼ିକୁ ଉତ୍ସର୍ଗ କରୁ ନ ଥିଲେ, କାରଣ, ସର୍ବଶେଷରେ, ସେ ତାଙ୍କର ପତ୍ନୀଙ୍କ ଧର୍ମ ଆଡ଼େ ଅଧିକ ଝୁଙ୍କି ପଡି ନିର୍ଭରଶୀଳ ରହିଥିଲେ ।

60 ଏବଂ ଧ୍ୟାନ ଦିଅନ୍ତୁ, ଠିକ ଯେତେବେଳେ ଆହାବ ଇସ୍ରାଏଲର ସେହି ମହାନ ଅନ୍ଧକାର ଯୁଗର ସମୟରେ ଇଷେବଲଙ୍କୁ ବିବାହ କରିଥିଲେ, ସେ ଇସ୍ରାଏଲ ମଧ୍ୟକୁ ମୂର୍ତ୍ତିପୂଜା ଆଣି ପକାଇଥିଲେ, ଠିକ ଆଜିର ଦିନର ଏକ ପ୍ରତିରୂପକ ଭାବରେ । ଠିକ ସେହି ଅନ୍ଧକାର ଯୁଗରେ; ଯେତେବେଳେ ଆମେମାନେ ଆରମ୍ଭିକ ପ୍ରେରିତମାନଙ୍କ ଦେଇ ବାହାରି ଆସିଲୁ, ଦ୍ୱିତୀୟ ପର୍ଯ୍ୟାୟରେ, ତୃତୀୟ ପର୍ଯ୍ୟାୟରେ, ଠିକ ଅନ୍ଧକାର ଯୁଗ ମଧ୍ୟକୁ, ସେହି ପନ୍ଦର ଶହ ବର୍ଷକାଳରେ । ଠିକ ଯେପରି ଆହାବ ଇଷେବଲଙ୍କୁ ବିବାହ କରି ଇସ୍ରାଏଲ ମଧ୍ୟକୁ ମୂର୍ତ୍ତିପୂଜା ଆଣି ଦେଇଥିଲେ, ସେହିପରି ଭାବରେ ପବିତ୍ରଆତ୍ମାପ୍ରାପ୍ତ ମଣ୍ଡଳୀ ବିଭିନ୍ନ ବାଦଗୁଡିକୁ ବିବାହ କରି, ମୂର୍ତ୍ତିପୂଜାକୁ ଫେରାଇ ଆଣିଥିଲେ, ଏବଂ ଆଜି ଏହା ଖ୍ରୀଷ୍ଟିଆନ ଧର୍ମର ଏକ ରୂପ ଅଟେ । ବୁଝିଲେ? ଦେଖନ୍ତୁ, ଠିକ ବହୁତ ଅନ୍ଧକାର ଅଟେ । ଏବଂ ବର୍ତ୍ତମାନ ଏହା ପ୍ରତ୍ୟେକ ଦିନ, ତଳକୁ ଚାଲିଆସିଛି; ପ୍ରତ୍ୟେକ ମଣ୍ଡଳୀ ଯୁଗ ଠିକ ସେହି ସମାନ ବିଷୟ ନିକଟକୁ ଚାଲିଯାଇଛି, ସେହି ମହାନ ଚରମ ପରାକାଷ୍ଠାକୁ, ସେହି ଈଷଦୁଷ୍ଣ ଅବସ୍ଥା ଆସିବାକୁ, ଈଷଦୁଷ୍ଣ ଲାଅଦିକୀୟ ମଣ୍ଡଳୀ ଯୁଗକୁ । ଓଃ, ଆମେ କେତେ ଏକ ଭୟଙ୍କର ଘଟିକାରେ ବାସ କରୁଅଛୁ ।

61 ଶୁଣନ୍ତୁ । ମୁଁ ଆଉ ଅଧିକ ଆଗକୁ ଯିବା ପୂର୍ବରୁ, ଠିକ ଏହିଠାରେ ଏହା ସ୍ୱୀକାର କରିବାକୁ ଚାହେଁ । ମୁଁ ଜଣେ ପୁରୁଣା-କାଳିଆ ପ୍ରଚାରକ ଅଟେ ଯିଏକି ସେହି ପୁରୁଣା ଦିନଗୁଡ଼ିକୁ ପୁନର୍ବାର ଦେଖିବାକୁ ଇଚ୍ଛା କରେ । ମୁଁ ଏହି ନକଲଗୁଡିକୁ ବହୁତ ଅଧିକ ଦେଖିଅଛି, ହଲିଉଡର

ସୁସମାଚାରକୁ ସୌନ୍ଦର୍ଯ୍ୟକରଣ କରିବା, ଏତେ ଅଧିକ ଯେ ମୁଁ ଏହା ଯୋଗୁଁ ଅତ୍ୟଧିକ ଅସୁସ୍ଥ ଏବଂ କ୍ଳାନ୍ତ ହୋଇଯାଇଛି । ହଁ, ମହାଶୟ । ମୁଁ ସେହି ପୁରୁଣା କାଳିଆ ଢଙ୍ଗ ଦେଖିବାକୁ ଚାହେଁ । ମୁଁ ଭୟ କରୁଛି ଯେ ଆମେମାନେ ଖ୍ରୀଷ୍ଟିଆନ ଧର୍ମକୁ ଲୋକମାନଙ୍କ ପାଇଁ ଅତି ସୁନ୍ଦର କରି ଦେଉଅଛୁ; ଏହା ଏକ ବିପଦ ରେଖା ଅଟେ ।

62 ବର୍ତ୍ତମାନ, ଯିହୋଶାଫଟ୍ ତଳକୁ ଆସନ୍ତି, ଭାବନ୍ତି, "ଓଃ, ତେବେ, ଇସ୍ରାଏଲର ଏହି ମହାନ ରାଜା, ମୁଁ ତ କେବଳ...ଓଃ, ଆମେ କରିବା...ଏହା ସବୁ ଠିକ୍ ହୋଇଯିବ ।" ଏବଂ ଠିକ ଏହି ସବୁ ବଡ ଚାକଚକ୍ୟତା ମଝିରେ, ସେ କଅଣ କଲେ? ସେ ସାଧାରଣ ଆଧାରରେ, ଉପରକୁ ଯାଇ ଶତ୍ରୁ ସହିତ ଲଢିବା ପାଇଁ, ଏକ ମିଳିତ ମେଣ୍ଟ ଗଠନ କଲେ, କାରଣ ସେମାନେ କହିଲେ, "ଆମେ ଦୁହେଁ ତ ସମାନ ଲୋକ ଅଟୁ ।" ମାତ୍ର ସେମାନେ ନ ଥିଲେ । ଜଣେ ତ ଆତ୍ମା-ପୂର୍ଣ୍ଣ ଗୋଷ୍ଠୀ ଥିଲେ, ଅନ୍ୟଜଣକ ଏକ ଈଷଦୁଷ୍ଣ ଗୋଷ୍ଠୀ ଥିଲେ । ସେମାନେ ସମାନ ଲୋକ ନୁହଁନ୍ତି । ନା, ମହାଶୟ । ଆପଣ କରିପାରନ୍ତି ନାହିଁ...

63 ଅନ୍ଧକାର ଆଲୋକ ସହିତ ସହଭାଗୀତା କରିପାରେ ନାହିଁ । ସୂର୍ଯ୍ୟ କିରଣର ଉପସ୍ଥିତିରେ ସେହି—ସେହି ରାତି ତିଷ୍ଠି ରହିପାରେ ନାହିଁ। ଏବଂ ସେଠାରେ ସବୁଠାରୁ ବିଶ୍ୱାସଘାତକ ସମୟ ହେଉଛି, ତାହା ହେଲା ସେହି ସମୟାବଧି ମଧ୍ୟରେ । ଠିକ ଯେତେବେଳେ ସୂର୍ଯ୍ୟ ଅସ୍ତ ହେବାକୁ ଯାଉଅଛି କିମ୍ବା ଉଦୟ ହେବାକୁ ଯାଉଅଛି, ସେତେବେଳେ ତାହା ସବୁଠାରୁ ବିଶ୍ୱାସଘାତକ ସମୟ ଅଟେ । ସ୍ପଷ୍ଟ ଭାବରେ ଦେଖିବା ପାଇଁ ସେଠାରେ ପର୍ଯ୍ୟାପ୍ତ ଦୃଷ୍ଟିଶକ୍ତି ନ ଥାଏ; ଆପଣଙ୍କ ଯାନବାହନରେ ରହିଥିବା ଆପଣଙ୍କର ପ୍ରକାଶଟି ଭଲ ଏବଂ ସଫା ଦେଖାଯାଇ ନ ଥାଏ । ଉତ୍ତମ ହେବ ଯେ ଏହା ଅନ୍ଧକାର କିମ୍ବା ଆଲୋକ ହେଉ । ଯୀଶୁ କହିଲେ, "ଗରମ କିମ୍ବା ଥଣ୍ଡା ହୁଅ, ଈଷଦୁଷ୍ଣ ନୁହେଁ ।" କେବଳ, ତାହାହିଁ ହେଉଛି ସେହି ବିପଦ ରେଖା ।

64 ଏବଂ ତାହାପରେ ଯିହୋଶାଫଟ୍, ଯେତେବେଳେ ସେ ଆସିଲେ, ଏବଂ ତାହାପରେ ଏହି ମହାନ ମେଣ୍ଟ ଗଠନ କରାଗଲା, ଯାହାକି ପରମେଶ୍ୱରଙ୍କୁ ପ୍ରସନ୍ନ କଲା ନାହିଁ । ଏବଂ ଧ୍ୟାନ ଦିଅନ୍ତୁ, ଠିକ ତାଙ୍କ ସମୟରେ, ବର୍ତ୍ତମାନ ସମସ୍ତ ଉତ୍ସାହ, "ମୁଁ ଏହି ରାଜାଙ୍କ ସହିତ ଅନୁଗ୍ରହ ପାଇଅଛି । ଏବଂ, ଓଃ, ମୁଁ—ମୁଁ—ମୁଁ ଏହି ପଡ଼ୋଶୀ ସହିତ ସହଭାଗିତା କରୁଅଛି । ମୋର ଅଛି..."

65 ଦେଖନ୍ତୁ, ସାବଧାନ ରୁହନ୍ତୁ, ଯେ, ମଣ୍ଡଳୀ । ବୁଝିଲେ? ତାହାହିଁ ଅଟେ ଯାହାକି ଏଠାରେ ଏହି ଆରାଧନାଳୟର ଚାରିପାଖରେ, ଏବଂ ଅନ୍ୟାନ୍ୟ ଚାରିପାଖରେ ସମସ୍ତ ଅସୁବିଧାକୁ ସୃଷ୍ଟି କରେ । ବୁଝିଲେ? ଆପଣ ଯାହା ସହିତ ମିଶୁଅଛନ୍ତି ତାହା ପ୍ରତି ସାବଧାନ । ବୁଝିଲେ? ଠିକ ବାହାରି ଆସନ୍ତୁ, ଏବଂ ଖ୍ରୀଷ୍ଟଙ୍କ ପାଇଁ ହୁଅନ୍ତୁ ଅବା ତାହାଙ୍କ ବିରୁଦ୍ଧରେ ହୁଅନ୍ତୁ । ବୁଝିଲେ?

66 ତେବେ, ଏହି ବ୍ୟକ୍ତିଜଣକ ସେହି ମେଣ୍ଟକୁ ଗଠନ କଲେ, ଏବଂ ସେ ଭାବିଲେ ଯେ ସେ କିଛି ଗୋଟାଏ ବହୁତ ବଡ କରିଅଛନ୍ତି । ତଥାପି, ଯେତେବେଳେ ସେ କହିଲେ, "ବର୍ତ୍ତମାନ,

ଏହା ପୂର୍ବେକି ଆମେମାନେ ଉପରକୁ ଯାଉ, ଆମେମାନେ ଏ ବିଷୟରେ ପ୍ରଭୁଙ୍କ ସହିତ ପରାମର୍ଶ କରିବା ଉଚିତ୍?" ତେବେ, ଯିହୋଶାଫଟଙ୍କ ଠାରେ ଯଥେଷ୍ଟ ଧର୍ମ ବାକି ରହିଥିଲା, ଯେ ସେ ତାଙ୍କ ଭୁଲରେ, ସେଠାରେ ଏହି ରାଜାଙ୍କ ନିକଟକୁ ଚାଲି ଯାଇଥିଲେ, ମାତ୍ର ତାଙ୍କ ଭିତରେ ଯଥେଷ୍ଟ ଧର୍ମ ରହିଥିଲା ଯେ ସେ ଏହି ବିଷୟ ଚିନ୍ତା କରନ୍ତେ, "ତେବେ, ଆମେ ଅତି କମ୍‌ରେ ପ୍ରଭୁଙ୍କ ସହିତ ପରାମର୍ଶ କରିବା ଉଚିତ୍ ।"

67 ବର୍ତ୍ତମାନ, ଆହାବ କିଛି ନ କହି ବାହାରି ଯାଉଥିଲେ; କେବଳ ନିଜର ଯାନ୍ତ୍ରିକ, ଶାରୀରିକ, ମାନବୀୟ କାର୍ଯ୍ୟ କରିବାର ଉପାୟ ସହିତରେ ।

68 ହେ ମଣ୍ଡଳୀ, ମୁଁ ଠିକ ଏଠାରେ ଏହା ଆଶ୍ଚର୍ଯ୍ୟ କରେ ଯେ ତାହା ଏତେ ଅଧିକ ଥର, ହୋଇନାହିଁ କି, ଯେ ଆମେ ଭୁଲ୍‌ଗୁଡିକୁ କରିଥାଉ । ଏହାକୁ ଚିତ୍ରାଙ୍କିତ କରି ଦେଖନ୍ତୁ, ଏବଂ କୁହନ୍ତୁ, "ତେବେ, ଏହା ଏହି ଉପାୟରେ ହେବା ଉଚିତ୍," ଏବଂ ଆମେ ଏହାକୁ ସେହିପରି ଭାବରେ ରଖିଅଛୁ ।

69 ମୁଁ ଭାବୁଛି ଯେ ସେହିଠାରେ ହିଁ ଅଟେ ଯେଉଁଠାରେକି ବହୁତ ଅଧିକ ଆମେରିକୀୟ ସୁସମାଚାର ପ୍ରଚାରକାର୍ଯ୍ୟ ରହିଅଛି, ଯେ ଆମେ ଏହାକୁ ଏକ ରୂପରେ—ରେ ବ୍ୟବସ୍ଥିତ କରି ଦେଇଛୁ, ମୁଁ କହିବି, ହଲିଉଡ ପ୍ରଚାରକାର୍ଯ୍ୟ, ଚାକଚକ୍ୟତା ବିଷୟରେ ବହୁତ କିଛି । ଆମେ ଲକ୍ଷ୍ୟ କରୁ ଯେ ଆଜି, ସୁସମାଚାର ପ୍ରଚାରକ ମଞ୍ଚ ଉପରକୁ ଆସନ୍ତି, ଏବଂ, ମୋର ପ୍ରଭୁ, ସେ ଏତେ ଅଧିକ ସର୍ବ ପ୍ରକାରେ ଗର୍ବିତ ଥାଆନ୍ତି, ଏବଂ ସେ ପ୍ରଚାର ଆରମ୍ଭ କରିବା ପୂର୍ବରୁ ଅନେକ ଥଟ୍ଟାଳିଆ କଥା କୁହନ୍ତି, ଏବଂ ସେହିପରି ଜିନିଷଗୁଡିକ କରନ୍ତି, ଏବଂ ପ୍ରଚାର ମଞ୍ଚ ଉପରେ, ଏକ କୌତୁକୀଆ ବ୍ୟକ୍ତି ପରି କାର୍ଯ୍ୟ ଓ ଆଚରଣ କରନ୍ତି । ଯେତେବେଳେ ଏହା ଏକ ବେଦୀର ଡାକରା କରିବାର ସମୟ ଆସେ, ସେତେବେଳେ ଲୋକମାନେ ଏକ ବେଦୀର ଡାକରା କରିବାରେ ମଧ୍ୟ କୌଣସି ନିଷ୍ଠାପରତା ଦେଖନ୍ତି ନାହିଁ । ତାହା ଠିକ୍ ଅଟେ । ସେହି କାରଣରୁ ଜଗତ ଆଜି ଇଷଦୁଷ୍ଟ ଅବସ୍ଥାକୁ ଆସି ଯାଇଛି, ଯେଉଁଥିରେକି ତାହା ଅଟେ ।

70 ମୁଁ ଆଜି, ତାହା ଆଶ୍ଚର୍ଯ୍ୟ କରେ । ଏହା ତ କେବଳ ଠିକ୍, ଆଜି ହିଁ ଅଟେ, ଯେ ମୁଁ…ସେହି ମଣ୍ଡଳୀ, ଆମେ ଆମର ପିଲାମାନଙ୍କୁ ବିଦ୍ୟାଳୟକୁ ପଠାଇବାକୁ ଚେଷ୍ଟା କରିଛୁ, ଯେପରିକି ସେମାନେ ମନୋବିଜ୍ଞାନ, ଏବଂ ସେହିପରି ବିଷୟ ପ୍ରଭୃତି ଶିଖନ୍ତି, ଏହା ଜାଣନ୍ତି ଯେ ଗୋଟିଏ କାର୍ଯ୍ୟକ୍ରମକୁ କିପରି ଉପସ୍ଥାପିତ କରିବାକୁ ଅଛି, ପ୍ରଚାର ମଞ୍ଚକୁ କିପରି ଯିବାକୁ ଅଛି ଏବଂ ନିଜର ବ୍ୟବସ୍ଥା କିପରି କରିବାକୁ ଅଛି…ସେହି ବାର୍ତ୍ତା ଏତେ ଚିତ୍ତାକର୍ଷକ ଅଟେ, ଯେ ତାହା ଲୋକମାନଙ୍କୁ ଧରି ପକାଇବ, ଏବଂ ସେମାନଙ୍କ ଦୃଷ୍ଟିକୁ ଆକର୍ଷଣ କରିବ । ଏବଂ ଅନେକେ ମହାନ ମହାନ ମନୋବିଜ୍ଞାନୀମାନେ ସେହିଭଳି ଶିକ୍ଷକ ଭାବରେ ବାହାରି ଯାଆନ୍ତି, ଏବଂ ନାଟକ କରନ୍ତି ଓ ସେଥିରେ ବହୁତ କିଛି ବିଷୟ ଯୋଗ କରି ଦିଅନ୍ତି । ଏବଂ ମୁଁ କେବଳ ଆଶ୍ଚର୍ଯ୍ୟ କରେ, ଯେତେବେଳେ ସେମାନେ…ଯେ…ଆମେମାନେ ସବୁବେଳେ ମଣ୍ଡଳୀର ସୌନ୍ଦର୍ଯ୍ୟ ଏବଂ ଆକର୍ଷଣ ବିଷୟରେ କଥା କହିଥାଉ । ମାତ୍ର ଆମେ ସେମାନଙ୍କୁ ଏହା କହିବାରେ ବିଫଳ

ହୋଇଥାଉ, "ଯିଏ ମୋତେ ଅନୁସରଣ କରିବ, ସେ ନିଜକୁ ଅସ୍ୱୀକାର କରୁ, ଓ ନିଜର କ୍ରୁଶ ବହନ କରି, ମୋର ଅନୁଗାମୀ ହେଉ।" ମୁଁ ଆଶ୍ଚର୍ଯ୍ୟ କରେ ଯେ ଆମେ ସେହି ଆଗନ୍ତୁକ ବ୍ୟକ୍ତି ପାଇଁ, ମଣ୍ଡଳୀର ସୌନ୍ଦର୍ଯ୍ୟକୁ ବହୁତ ସୁନ୍ଦର କରି ଦେଇ ନାହୁଁ ତ।

71 ଉଦାହରଣ ସ୍ୱରୂପ, ବାପ୍‌ଟିଷ୍ଟ ମଣ୍ଡଳୀ ଆଜି ଏକ ସ୍ଲୋଗାନ ଦେଇଅଛି, "44 ରେ ଦଶ ଲକ୍ଷ ଅଧିକ," ସହସ୍ର ସହସ୍ର ସଂଖ୍ୟାରେ, ଏବଂ ଦଶହଜାର ସଦସ୍ୟଙ୍କୁ ଗ୍ରହଣ କରୁଅଛି, ଅପରିବର୍ତ୍ତିତ, ସେହି ଲୋକମାନେ ଯେଉଁମାନେକି କେବଳ ଭିତରକୁ ଚାଲିକରି ଯାଆନ୍ତି ଏବଂ ମଣ୍ଡଳୀରେ ଯୋଗ ଦିଅନ୍ତି। ଏବଂ ଏହିପରି ସଦସ୍ୟମାନଙ୍କୁ ଗ୍ରହଣ କରିବା, ତାହା ଯୀଶୁ ଖ୍ରୀଷ୍ଟଙ୍କ ମଣ୍ଡଳୀ ପାଇଁ ଏକ ଋଣ ଅଟେ। ସେମାନେ ତଥାପି ମଦ୍ୟପାନ କରୁଥାନ୍ତି। ସେମାନେ ତଥାପି ଧୂମପାନ କରୁଠାନ୍ତି। ସେମାନେ ତଥାପି ଜୁଆ ଖେଳୁଥାନ୍ତି। ସେମାନେ ତଥାପି ମିଛ କହୁଥାନ୍ତି।

72 ସେମାନେ ମଣ୍ଡଳୀକୁ ଏହି ଆଶା ସହିତରେ ଆସନ୍ତି ଯେ, ଦଳେ ହଲିଉଡ ସିନେ ଜଗତର ସୁସମାଚାର ପ୍ରଚାରକଙ୍କ ଦ୍ୱାରା ମନୋରଞ୍ଜନ କରାଯିବେ, ପ୍ରଚାର ମଞ୍ଚ ଉପରେ ଅନେକ ଚାକଚକ୍ୟତାର ବିଷୟ ରଖନ୍ତି, ଏବଂ ଉପର-ଓ-ତଳରେ ଅନେକ ବଡ ବଡ଼ ବାଦ୍ୟ ଯନ୍ତ୍ରଗୁଡ଼ିକୁ ରଖିଥାନ୍ତି।

73 ଯେତେବେଳେକି, ସେମାନଙ୍କର ସେଠାରେ ତଳେ ଏକ ପୁରୁଣା-କାଳିଆ, ପରମେଶ୍ୱର-ପ୍ରଥମ, କ୍ରନ୍ଦନ କରାଯିବା, ବେଦୀର ଡାକରା ରହିବା ଉଚିତ୍; ଯେଉଁଠାରେକି ପୁରୁଷ ଏବଂ ସ୍ତ୍ରୀଲୋକମାନେ ଚାକଚକ୍ୟ ହେବା ପାଇଁ ଆସନ୍ତି ନାହିଁ, କିଅବା ଦୌଡ଼ା ଦୌଡ଼ି କରିବାକୁ ଏବଂ ଏକ କୌତୁକୀଆ ବ୍ୟକ୍ତି ପରି ଆଚରଣ କରିବାକୁ ଆସନ୍ତି ନାହିଁ, ବରଂ ଯଜ୍ଞବେଦୀ ନିକଟକୁ ଆସି ସେଠାରେ ଯୀଶୁ ଖ୍ରୀଷ୍ଟଙ୍କ ମୃତ୍ୟୁକୁ ହୃଦୟଙ୍ଗମ କରିବା ପାଇଁ ଆସନ୍ତି, ଯିଏକି ସେମାନଙ୍କ ପାଇଁ ମୃତ୍ୟୁବରଣ କରିଥିଲେ, ଯେ ସେମାନେ ପୁନର୍ବାର ପରମେଶ୍ୱରଙ୍କ ସହିତ ନିଷ୍ଠାପରତାକୁ ଫେରି ଆସୁଛନ୍ତି।

74 ମୁଁ ଆଶ୍ଚର୍ଯ୍ୟ କରେ ଯେ ଯଦି ଆମେ ସେହି ସମୟରେ ବାସ କରୁ ନାହୁଁ ତ, ଯେତେବେଳେକି ଆମେ ମହାନ ପ୍ରଚାରକମାନଙ୍କୁ ନେଇଥାଉ, ଯେପରିକି ମନୋବିଜ୍ଞାନ ଅଧ୍ୟୟନ କରିଥିବା ମହାନ-ଜଣାଶୁଣା ପ୍ରଚାରକଗଣଙ୍କ ମଧ୍ୟରୁ ଅନେକେ ଯେଉଁମାନେକି ଆଜି, ସେହି ଦେଶକୁ ଅତିକ୍ରମ କରୁଛନ୍ତି, ଏବଂ ଲୋକମାନଙ୍କୁ ମଣ୍ଡଳୀ ପ୍ରତି ଆକର୍ଷିତ କରୁଛନ୍ତି। ମାତ୍ର ଆପଣ ଥରେ ସେମାନଙ୍କୁ ମଣ୍ଡଳୀ ଭିତରକୁ ନେଇ ଆସନ୍ତି, ତାହାପରେ ଆପଣ ସେମାନଙ୍କ ସହିତ କଅଣ କରିବାକୁ ଯାଉଛନ୍ତି? ସେମାନେ ମଣ୍ଡଳୀ ଭିତରକୁ ଆସି ସାରିବା ପରେ ସେମାନେ କଅଣ—କଅଣ କରିବାକୁ ଯାଉଛନ୍ତି? କେବଳ ମଣ୍ଡଳୀରେ ଯୋଗ ଦେଇଥାନ୍ତି, ଏବଂ ସେହି ସମାନ ପାପ ଏବଂ ସମାନ ଇଚ୍ଛା ସହିତ ଫେରିଯାଆନ୍ତି ଯାହା ସହିତ ସେମାନେ ମଣ୍ଡଳୀ ଭିତରକୁ ଆସିଥିଲେ। ସେମାନେ ସେହି ସମାନ ମାର୍ଗରେ ଫେରିଯାଆନ୍ତି। ଏବଂ ସେହି କାରଣ ଯୋଗୁଁ, ଆଜି, ଜଗତ ଦେଖୁଅଛି, କହୁଛି, "ତେବେ, ଯଦି

ସେହି ବ୍ୟକ୍ତିଙ୍କ ପାଖରେ ଧର୍ମ ଅଛି, ଯଦି ଏହି ବ୍ୟକ୍ତିଙ୍କ ପାଖରେ ଧର୍ମ ଅଛି…"

75 ମୁଁ ଭୟ କରୁଛି ଯେ ଆମେ ଏହାକୁ ଅତି ସହଜ କରି ଦେଇଅଛୁ । ଏହା ହେଉଛି, ମୁଁ ଭଲ ପାଏ…ମୁଁ ଭାବୁଛି, ଆନନ୍ଦ, ନିଶ୍ଚିତ ଭାବରେ, ମୁଁ ବିଶ୍ୱାସ କରେ ଯେ ସମସ୍ତ ଆନନ୍ଦ ଯୀଶୁ ଖ୍ରୀଷ୍ଟଙ୍କଠାରେ ରହିଥାଏ । ତାହା ଠିକ୍ ଅଟେ । ମୁଁ ବିଶ୍ୱାସ କରେ ଯେ ଏହା ଆନନ୍ଦଦାୟକ ଏବଂ ଖୁସି ଅଟେ । ମାତ୍ର ମନେରଖନ୍ତୁ, ଭାଇ, ଏହା ତ ଯନ୍ତ୍ରଣା ଏବଂ ପୀଡା ଏବଂ କ୍ରୁଶର ସେହି ପଥ ଅଟେ । ଆପଣଙ୍କୁ ମଧ୍ୟ, ତାହା ଅନୁଭବ କରିବାକୁ ଅଛି । ତାହା ଠିକ୍ । ମୁଁ ଆଶ୍ଚର୍ଯ୍ୟ କରେ ଯେ ଯଦି ଆମେ ଏହାକୁ ଅଧିକ ଟିକିଏ—ଅଧିକ ଟିକିଏ ଚିକ୍କଣ ରଙ୍ଗ କରି ଦେଇ ନାହୁଁ ତ ।

76 ଯେପରିକି, ମୁଁ ଦେଖୁଥିଲି, ଏବଂ ମୋ ପତ୍ନୀ ରଖିଥିଲେ…ମୁଁ ଆରମ୍ଭ କଲି, ଏବଂ ସେ ଆଜି ସକାଳେ ମୋ କୋଟ ଉପରେ ଏକ ଗୋଲାପ ଲଗାଇ ଦେଲେ । ସେ କହିଲେ, "ତୁମେ ଏହା ଲଗାଇବା ଉଚିତ୍ । ତୁମ ମାଆ ବଞ୍ଚିଛନ୍ତି ।"

ଏବଂ ମୁଁ କହିଲି, "ଓଃ, ପ୍ରିୟେ, ମୁଁ ଜାଣେ ନାହିଁ ।"

77 ମାତୃ ଦିବସ ଚମତ୍କାର ଅଟେ, ମାତ୍ର ତାହା ଜଗତ ପରିକା ଅଟେ, ସେମାନେ ସେହି ଜିନିଷକୁ ବ୍ୟବସାୟିକ କରି ଦେଇଛନ୍ତି, କେବଳ ଫୁଲ ଏବଂ ସେହିପରି ଜିନିଷଗୁଡିକୁ ବିକ୍ରୟ କରିବା ପାଇଁ । କାହିଁକି, ଏହା ତ ମାଆ ପାଇଁ ଏକ ଅବମାନନା ଅଟେ । କାହିଁକି, ମୋ ମାଆ ବର୍ଷର ପ୍ରତ୍ୟେକ ଦିନ ମୋର ମାଆ ଅଟେ, ହଁ, ମହାଶୟ, କେବଳ ଗୋଟିଏ ଦିନ ନୁହେଁ ।

ମୁଁ କହିବି, "କଅଣ ଆପଣ ନିଜର ମାତାଙ୍କୁ ଭଲ ପାଆନ୍ତି କି?"

78 "ଗତ ମାତୃ ଦିବସରେ ମୁଁ ତାଙ୍କୁ ଏକ ପୁଷ୍ପଗୁଚ୍ଛ ପଠାଇଥିଲି ।" ତେବେ, ଭାଇ, ସେ ତ ପ୍ରତିଦିନ ମାଆ ହେବା ଉଚିତ୍ । କିନ୍ତୁ ଏହା ବ୍ୟବସାୟିକ ଅଟେ ।

79 ସେହି ଫୁଲ ବହୁତ ସୁନ୍ଦର ଅଟେ । ମୁଁ ଏକ ସୁନ୍ଦର ଫୁଲକୁ ଭଲ ପାଏ । ମୁଁ ତାହା ବିଷୟରେ ଠିକ ସେହିପରି ଭାବିଥାଏ ଯେପରିକି ମୁଁ କରେ…ସେହି ଫୁଲଟି କେତେ ସୁନ୍ଦର ଅଟେ । ଏହା ପ୍ରସ୍ଫୁଟିତ ହୁଏ । ଏବଂ ଏହାର ସୁଗନ୍ଧ ରହିଥାଏ । ଏବଂ ପାଖ-ଯାତ୍ରୀ ଏହାକୁ ଶୁଂଘି ଥାଆନ୍ତି । ପଶୁ ଆସେ, ଏହାକୁ ଶୁଂଘି ଥାଏ । ମାତ୍ର, ବର୍ତ୍ତମାନ ଦେଖନ୍ତୁ, ଏହା ବହୁତ ସୁନ୍ଦର ଅଟେ । ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ମଣ୍ଡଳୀ ପରି, ଏହା ସବୁଠାରୁ ଗୌରବମୟ ବିଷୟ ଅଟେ; ଈଶ୍ୱରୀୟ ଆରୋଗ୍ୟତା, ଏବଂ ଶକ୍ତି, ଓ ଆଶ୍ଚର୍ଯ୍ୟକର୍ମ, ଏବଂ ଚିହ୍ନ, ଓ ଚମତ୍କାର, ଏବଂ ପାପରୁ ମୁକ୍ତି । ଏହା ଏକ ସୁନ୍ଦର ସ୍ଥାନ ଅଟେ । ମାତ୍ର, ଦେଖନ୍ତୁ, ଯଦି ସେହି ଗୋଲାପ…ଆମକୁ, ସେହି ମଣ୍ଡଳୀ ନିକଟକୁ, ସମସ୍ତ ପ୍ରକୃତି ପରି ଆସିବାକୁ ପଡିବ ।

80 ସେହି ଗୋଲାପ, ସୁନ୍ଦର ହୋଇଥିବା ହେତୁରୁ, ଦେଶର ପ୍ରତ୍ୟେକ ଗାଈ ଯଦି ସମ୍ଭବ ହୁଏ ତାହାକୁ ଚାଟି ପକାଇବେ । ମାତ୍ର ପ୍ରକୃତି ଛୋଟ ଛୋଟ ବାୟୋନେଟ କଣ୍ଟକଗୁଡିକୁ ଯୋଗାଇଛି, ଛୋଟ ଛୋଟ ବର୍ଚ୍ଛାଗୁଡିକ ବାହାରି ରହିଛି, ଯାହାର ନାମ କଣ୍ଟା, ଏବଂ ଗାଈମାନେ ସେଗୁଡିକୁ ଛାଡିଦିଅନ୍ତି । ତାହା ଏହାକୁ ସୁରକ୍ଷା ଦେଇଥାଏ । ତାହା ଅବିକଳ ଠିକ୍ ଅଟେ ।

81 ଏବଂ ମୁଁ ଭାବୁଛି, ଯେ ଆଜି, ଯଦି ଆମେ ଏକ ଦ୍ୱି-ଧାର ଖଣ୍ଡଠାରୁ ତୀକ୍ଷ୍ଣତର ପରମେଶ୍ୱରଙ୍କ ବାକ୍ୟ, ପରମେଶ୍ୱରଙ୍କ ପବିତ୍ରତାର ଶକ୍ତିର ସୌନ୍ଦର୍ଯ୍ୟର ଚାରି ପାଖରେ ପାଇଁ ନ ଥାଆନ୍ତୁ, ତାହାହେଲେ ଆମେ ଦେଶର ପ୍ରତ୍ୟେକ ଗାଈକୁ ଏହାକୁ ଚାଟିବାକୁ ଦେଇ ଏହାକୁ ବଢିବାରୁ ନିବୃତ କରି ମାରିଦେବାକୁ ଯାଉଅଛୁ । ଏହା ତାହାକୁ ଶୁଖାଇ ଦେବ । ଏହା ମଣ୍ଡଳୀ ପାଇଁ ଏକ ରଣ ହେବ । ତାହା ଠିକ୍ ଅଟେ ।

82 ମୁଁ ଭାବୁଛି, ଯେ ଆଜି, ଆମକୁ ଯାହା ଦରକାର ତାହା ହେଉଛି ଅଧିକ ସଂଖ୍ୟାରେ ସେହି ପୁରୁଣା-କାଳିଆ, ପରମେଶ୍ୱର-ଆହ୍ୱାନପ୍ରାପ୍ତ ସେବକଗଣ, ଯିଏକି ପ୍ରାକୃତିକ ଭାବରେ, ବୋଧହୁଏ ଅଧିକ ଶିକ୍ଷା ସହିତରେ ନୁହେଁ, ମାତ୍ର ଯେଉଁମାନେକି ଲୋକମାନଙ୍କୁ ଏକ ଯଜ୍ଞବେଦୀ ନିକଟକୁ ଆଣିବେ, ଏବଂ ସେଠାରେ ଦୁଃଖ ଅନୁଭବ କରାଇବେ । ଆନନ୍ଦ କରିବା ଏବଂ ହସୁଥିବା ସହିତ, ଏବଂ ଚୁଇଙ୍ଗମ୍ ଚବାଉଥିବା ଅବସ୍ଥାରେ ନୁହେଁ, ଏବଂ ସେମାନଙ୍କର ନାମକୁ ଏକ କାଗଜରେ ରଖିବା ଦ୍ୱାରା ନୁହେଁ; ମାତ୍ର, ଭାଇ, ଏକ ପୁରୁଣା ଚିତ୍କାର କରିବା ଓ ମରିବା ସହିତରେ ଅଟେ, ଯେପର୍ଯ୍ୟନ୍ତକି ପୁରୁଷ ଓ ସ୍ତ୍ରୀଲୋକମାନେ ସେମାନଙ୍କ ପାପରୁ ସମ୍ପୂର୍ଣ୍ଣ ଭାବରେ ଅନୁତାପ ନ କରି ନିଅନ୍ତି ଏବଂ ପରମେଶ୍ୱରଙ୍କ ନିକଟକୁ ନ ଆସିଯାଆନ୍ତି । ଆମେନ୍ ।

83 ମୁଁ ଆପଣଙ୍କୁ କହୁଅଛି, ଆମେମାନଙ୍କ ପାଖରେ, "ଖ୍ରୀଷ୍ଟଙ୍କୁ ଯେଉଁମାନେ ଗ୍ରହଣ କରିବାକୁ ଚାହୁଁଛନ୍ତି, ସେମାନେ ନିଜର ହାତ ଉଠାନ୍ତୁ," ଏହିପରି ଭାବରେ ସମସ୍ତ କିଛି ରହିଛି । ତାହା ଠିକ୍ ଅଟେ, ଭାଇ, ମାତ୍ର ତାହା କରେ ନାହିଁ—ତାହା ପାପକୁ ବହିଷ୍କାର କରେ ନାହିଁ ।

84 ଆପଣଙ୍କୁ ତ ପ୍ରଥମେ ଅନୁତାପ କରିବାକୁ ଅଛି, ଠିକ୍ ହେବାକୁ ଅଛି, ସେଠାରେ ଆଣ୍ଠୁରେ ଆସି ପ୍ରକୃତରେ କାନ୍ଦିବାକୁ ଅଛି । ମୁଁ ସେହି ସମୟଗୁଡ଼ିକୁ ସ୍ମରଣ କରିପାରେ ଯେତେବେଳେକି ସେହି ପୁରୁଣା-କାଳିଆ ଲୋକମାନେ ଗଳିପଥ ଦେଇ ଯାଉଥିଲେ, ଏବଂ ଉପର ଏବଂ ତଳ ରାସ୍ତାରେ ଯାଉଥିଲେ, କାନ୍ଦୁଥିଲେ ଏବଂ ସେମାନଙ୍କର ପଡ଼ୋଶୀମାନଙ୍କ ସହିତ କଥାବାର୍ତ୍ତା କରୁଥିଲେ । ତାହା ସେହି ଦିନର ଖ୍ରୀଷ୍ଟିଆନମାନେ ଥିଲେ; ସେମାନଙ୍କୁ ପ୍ରଭୁଙ୍କ ବିଷୟକ ଜିନିଷଗୁଡିକୁ କହୁଥିଲେ ।

85 ଏବଂ, ଆଜି, ଆମେମାନେ ଆମର ନାମକୁ ମଣ୍ଡଳୀ ପୁସ୍ତକରେ ରଖିଥାଉ, ଏବଂ ବାହାରକୁ ଯାଇ ଘରେ ରହିଥାଉ, ଏବଂ ଏହା ବିଷୟରେ କଦାପି ଗୋଟିଏ ହେଲେ କଥା କହି ନ ଥାଉ । ବେପରୁଆ ଭାବରେ । "ଯେପର୍ଯ୍ୟନ୍ତ ଆମେ ମଣ୍ଡଳୀ ସହିତ ସମ୍ପୃକ୍ତ ଅଟୁ, ଏହା ଠିକ୍ ଅଟେ ।" ମୁଁ ନିଶ୍ଚିତ ଯେ ଆମେମାନେ ସେଠାରେ ଭୁଲ୍ ଅଟୁ, ଲୋକମାନେ । ଯାଞ୍ଚ କରନ୍ତୁ । କାରଣ, ତାହା ସେହି ବିଚାରରେ ଛିଡା ହେବାକୁ ସାହାଯ୍ୟ କରିବ ନାହିଁ । ନା, ମହାଶୟ । ଏହା କରିବ ନାହିଁ ।

86 ଏଥିରୁ କିଛି କମ୍ ନୁହେଁ, "ଯିଏ ମୋତେ ଅନୁସରଣ କରିବ, ସେ ନିଜକୁ ଅସ୍ୱୀକାର କରୁ, ନିଜର କ୍ରୁଶକୁ ବହନ କରୁ, ଏବଂ ପ୍ରତିଦିନ ମୃତ୍ୟୁବରଣ କରୁ ।" ସେଠାରେ କ୍ରୁଶ ଉପରେ,

ମୃତ ରହିଥାଆନ୍ତୁ । ତାହା ଠିକ୍ ଅଟେ । ଦୁଃଖର ଅନୁଭୂତି! "ସେହି ପଥ, ମୁଁ ସେହି ପଥ ଗ୍ରହଣ କରିବି," ଆପଣ ଗାନ କରନ୍ତି, "ପ୍ରଭୁଙ୍କ ନିମନ୍ତେ ତୁଚ୍ଛୀକୃତ ଅଳ୍ପ ଲୋକମାନଙ୍କ ସହିତରେ ।"

87 ମୁଁ ଭାବୁଛି ଯେ ଆଜି, ଆମେମାନେ କେଉଁ ଏକ ସମୟରେ ବାସ କରୁଅଛୁ! ସେହି, ସୁସମାଚାର ପ୍ରଚାରକାର୍ଯ୍ୟ, ଯାହା ସେମାନେ ବଡ଼ ବଡ଼ ଉଜ୍ଜ୍ୱଳ ପ୍ରକାଶରେ ରଖିଥାନ୍ତି, ଏବଂ ସେମାନେ ଚେଷ୍ଟା କରନ୍ତି...ଯେତେବେଳେ ଆପଣ ସେହି ସୁସମାଚାର ପ୍ରଚାରକଙ୍କୁ ସହରକୁ ଆସୁଥିବାର ଦେଖନ୍ତି, ଆପଣ ଆଶ୍ଚର୍ଯ୍ୟ କରନ୍ତି । ମୁଁ, ମୋର ସଭାଗୁଡ଼ିକ ମଧ୍ୟ ସେହି ବିଷୟରେ ଦୋଷୀ ଅଟେ । ତାହା ଠିକ୍ ଅଟେ । ମୁଁ ଆଶ୍ଚର୍ଯ୍ୟ କରେ ଯେ ବେଳେ ବେଳେ, ସହରକୁ କିଏ ଆସୁଅଛି, ସେହି ସୁସମାଚାର ପ୍ରଚାରକ ନା ଯୀଶୁ ଖ୍ରୀଷ୍ଟ? କାହିଁକି, ସେମାନେ ନିଅନ୍ତି...

88 ଅଧିକ ଦିନ ହୋଇ ନାହିଁ, ମୁଁ ଏଠାରେ ଗୋଟିଏ ସ୍ଥାନକୁ ଗଲି, ଯେଉଁଠାରେକି ଜଣେ ନିର୍ଦ୍ଦିଷ୍ଟ ସୁସମାଚାର ପ୍ରଚାରକଙ୍କୁ ଆସିବାର ଥିଲା । ଏବଂ ଯୀଶୁଙ୍କ ନାମ...କାହିଁକି, ସେମାନେ ସୁସମାଚାର ପ୍ରଚାରକର ଚିତ୍ର ରଖିଥିଲେ, "ସେହି ଘଟିକାର ପୁରୁଷ," *ଏହା* ସହିତ ସେହି ପୁରୁଷ, ଏବଂ *ତାହା* ସହିତ ସେହି ପୁରୁଷ ।

89 ମୁଁ, ବେଳେବେଳେ ମୋର ସେବାକାର୍ଯ୍ୟ ବିଷୟରେ ଚିନ୍ତା କରେ, ଏବଂ ଲୋକମାନଙ୍କୁ ଆସୁଥିବାର ଦେଖେ । ଏବଂ ମୁଁ ଏକ ହୋଟେଲ କକ୍ଷରେ ପ୍ରବେଶ କରିଯାଏ, କୁହେ, "ହେ ପରମେଶ୍ୱର, ଲୋକମାନେ କାହାକୁ—କାହାକୁ ଦେଖିବା ପାଇଁ ଆସୁଅଛନ୍ତି, ମୋତେ ନା ତୁମକୁ?" ବୁଝିଲେ? "ଯଦି ସେମାନେ ମୋତେ ଦେଖିବା ପାଇଁ ଆସୁଛନ୍ତି, ତାହାହେଲେ ସେମାନେ ବିନଷ୍ଟ ଅଟନ୍ତି, ତଥାପି; ମାତ୍ର, ହେ ପରମେଶ୍ୱର, ମୋତେ ଭାଙ୍ଗି ଦିଅ, ମୋତେ ଅନ୍ୟତ୍ର ନେଇଯାଅ । ମୁଁ ତୁମକୁ ପ୍ରତିନିଧିତ୍ୱ କରିବାକୁ ଚାହେଁ, ସେହି ଜଣକ ଯାହାଙ୍କ ସମ୍ମୁଖରେ ଦିନେ ଆମେମାନେ ଛିଡା ହେବୁ, ଥର ଥର ହାତ ସହ ଓ କମ୍ପମାନ, ଦୁର୍ବଳ ଶରୀର ସହ, ତୁମକୁ ଅନାଉଥିବୁ । ଏହା ଜାଣି ଯେ ମୋର ପ୍ରାଣ ତୁମ ନିଷ୍ପତ୍ତିର ସାହାରାରେ ଝୁଲୁଅଛି ।" ଆସନ୍ତୁ ଖ୍ରୀଷ୍ଟଙ୍କୁ ଉଚ୍ଚୀକୃତ କରିବା ।

90 ଆଜି, ଆପଣ କୁହନ୍ତି, "ତେବେ ମୁଁ ବାପ୍ଟିଷ୍ଟ ସହିତ ସମ୍ପୃକ୍ତ ଅଟେ । ମୁଁ ଜଣେ ମେଥୋଡିଷ୍ଟ ଅଟେ । ମୁଁ ସେହି ଆରାଧନାଳୟରେ ସମ୍ପୃକ୍ତ ଅଟେ । ମୁଁ *ଏହା* କରେ ।" ଓଃ, ତାହାର ଏହା ସହିତ କୌଣସି ସମ୍ପର୍କ ନାହିଁ; କିଛି ନାହିଁ । ମୁଁ ବେଳେ ବେଳେ ଆଶ୍ଚର୍ଯ୍ୟ କରେ ।

91 ଏଠାରେ ଅଳ୍ପ କିଛି ସମୟ ପୂର୍ବରୁ, ମୁଁ ଗୋଟିଏ—ଗୋଟିଏ ବିଜ୍ଞାପନ ଦେଖିଥିଲି, ଯେଉଁଠାରେକି ଏକ ନିର୍ଦ୍ଦିଷ୍ଟ ଅଭିଯାନ ସହରକୁ ଆସୁଥିଲା । ଏବଂ ସେହି ବ୍ୟକ୍ତିଙ୍କ ଶବ୍ଦ, ସେହି ବ୍ୟକ୍ତିଙ୍କର ନାମ *ସେହିପରି* ଭାବରେ, ବଡ଼ ବଡ଼ ଅକ୍ଷରଗୁଡିକରେ ସର୍ବତ୍ର ରହିଥିଲା । ଏବଂ ତଳେ, ଏକ ଛୋଟ କୋଣରେ, ଏହା କହୁଥିଲା, "ଯୀଶୁ ଖ୍ରୀଷ୍ଟ କାଲି, ଆଜି ଏବଂ ଚିରଦିନ ସମାନ ଅଟନ୍ତି," ତଳେ କୌଣସି କୋଣରେ । ବୁଝିଲେ?

92 ସେମାନେ ଖ୍ରୀଷ୍ଟଙ୍କଠାରୁ ସମସ୍ତ ପବିତ୍ରତାକୁ ନେଇ ଯାଇ, କୌଣସି ଲୋକ, କିମ୍ବା

କୌଣସି ମଣ୍ଡଳୀ, କିଅବା କୌଣସି ସଂସ୍ଥା ଉପରେ ସ୍ଥାପନ କରି ଦେଇଛନ୍ତି । ଭାଇ, ମୁଁ କହୁଅଛି, ଆପଣ ସେହିପରି ଭାବରେ, ଗୋଟିଏରେ...ମଣ୍ଡଳୀ ଦ୍ୱାରା, ଚାକଚକ୍ୟତା, ହଲିଉଡ କୌତୁକ ସହିତ ରକ୍ଷା ପାଇ ଯାଇପାରନ୍ତି । ମାତ୍ର, ଯୀଶୁ ଖ୍ରୀଷ୍ଟଙ୍କ ଉପସ୍ଥିତିରେ, ସେହିଁ ସେହି ଜଣକା ଯିଏକି ଗୌରବାନ୍ୱିତ ହେବା ଉଚିତ । ତାହା ଠିକ୍ ଅଟେ । ତେବେ, ତାହା ସତ୍ୟ ଅଟେ, ମୋର ପ୍ରିୟ ଭାଇ ଏବଂ ଭଉଣୀ ।

93 ମୋ ଉପରେ କ୍ରୋଧ କରନ୍ତୁ ନାହିଁ । ଆପଣ କେବଳ ମନେରଖନ୍ତୁ ଯେ ମୁଁ ଆପଣମାନଙ୍କୁ ପ୍ରଚାର କରୁଅଛି । ମୁଁ ଏପରି ଭାବରେ ପ୍ରଚାର କରିବାକୁ ଚାହେଁ ଯେପରିକି ମୁଁ ମୋ ଜୀବନରେ ପ୍ରଚାର କରୁଥିବା ସେହି ଶେଷ ଉପଦେଶ ଏହା ଅଟେ । ମୁଁ ପ୍ରଚାର କରିବାକୁ ଚାହେଁ, ପ୍ରତ୍ୟେକ ଉପଦେଶକୁ ମୁଁ ଏପରି ଭାବରେ ପ୍ରଚାର କରିବାକୁ ଚାହେଁ, ଯେପରିକି ମୁଁ ଜଣେ ମରଣଶୀଳ ବ୍ୟକ୍ତି ମରଣଶୀଳ ଲୋକମାନଙ୍କୁ ପ୍ରଚାର କରୁଅଛି । ଏବଂ, ମୁଁ; ମୋର ଆଲୋକ ପ୍ରତିଦିନ, ହ୍ରାସ ପାଉଅଛି; ଆପଣଙ୍କର, ମଧ୍ୟ । ଏବଂ ଆମେମାନେ ମର୍ତ୍ତ୍ୟ ଅଟୁ । ଏବଂ ଏହି ଦିନମାନଙ୍କ ମଧ୍ୟରୁ କୌଣସି ଦିନ, ଆମକୁ ଜୀବନ୍ତ ପରମେଶ୍ୱରଙ୍କର ସମ୍ମୁଖିନ ହେବାକୁ ପଡିବ, ଏବଂ ଉତ୍ତମ ହେବ ଯେ ଆମେ ଏହି ବିଷୟରେ ଗଭୀର ଭାବରେ ନିଷ୍ଠାବାନ ରହୁ ।

94 କେବଳ ଏକ ଚାକଚକ୍ୟତାରେ, ଏବଂ ଏପରି ଯାଗତିକତାରେ, ଏବଂ ମଣ୍ଡଳୀରେ ଯୋଗ ଦେବା, ଏବଂ *ଏଠାକୁ ଓ ସେଠାକୁ* ଯିବା, *ଏହି*ପରି ଭାବରେ ଆଚରଣ କରିବା ଏବଂ *ସେହି*ପରି ଭାବରେ ଆଚରଣ କରିବା ।

95 ଉତ୍ତମ ହେବ ଯେ ଆମ ଘରେ ପୁରୁଣା-କାଳିଆ ପ୍ରାର୍ଥନା ସଭାଗୁଡିକ ହେଉ, ଏବଂ ଦିନରାତି, ପରମେଶ୍ୱରଙ୍କ ନିକଟରେ କ୍ରନ୍ଦନ କରିବା ହେଉ । ଦିନ ପାଖେଇ ଆସୁଛି, "ଦୁଃଖର ସମୟ, ସଙ୍କଟର ସମୟ ।" ବାଇବଲ କୁହେ, "ଏକ ଅନ୍ଧକାର ଦିନ ।" ଏବଂ ଆମେ ଏଥିରେ ବାସ କରୁଅଛୁ ।

96 କିପରି ଏହି ମହାନ ବ୍ୟକ୍ତି ସେହି ଉତ୍ତେଜନା ତଳେ ସେଠାକୁ ଗଲେ । ସେ ନିଜକୁ ଈଷଦୁଷ୍ଟ ଲୋକମାନଙ୍କ ସହିତ, ସୀମା ରେଖୀୟ ଲୋକମାନଙ୍କ ସହିତ ଯୋଗ କଲେ, ଏବଂ ଏହା ଭାବିଲେ ଯେ ସେ କିଛି ଗୋଟାଏ ମହାନ କାମ କରୁଛନ୍ତି, ଏହା ଭାବିଲେ ଯେ ପରମେଶ୍ୱର ତାଙ୍କୁ ଆଶୀର୍ବାଦ କରୁଛନ୍ତି । ଏବଂ ଠିକ୍ ସେତିକିବେଳେ ଏହା ହୃଦୟଙ୍ଗମ ନ କରି ଯେ ସେ ନିଜ ସହିତରେ ଏହି ସମସ୍ତ ଗୋଷ୍ଠୀକୁ ଆଣୁଛନ୍ତି । କଅଣ? "ଏଠାରେ ଉପରେ ଯିହୁଦାର—ର, ଆମର ଛୋଟ ଗୋଷ୍ଠୀଟି, ତଳକୁ ଆସି ନିଜକୁ ଇସ୍ରାଏଲର ଏହି ମହାନ ଦଳ ସହିତ ଯୋଗ କରିବେ । ଆମେ କେତେ ଏକ ଶକ୍ତିଶାଳୀ ଲୋକ ହୋଇଯିବୁ ।"

97 ଆପଣ ସେଠାରେ ଅଛନ୍ତି । ଏବଂ ଏହା ଠିକ୍ ସେହି ପ୍ରତାରଣର ରେଖା ଅଟେ ଯାହାକି ଶୟତାନ ବର୍ତ୍ତମାନ, ଖ୍ରୀଷ୍ଟବିରୋଧୀକୁ ଆଣିବା ପାଇଁ ବ୍ୟବହାର କରୁଅଛି; ଠିକ ସେତିକି ସୁନିଶ୍ଚିତ ଭାବରେ ଯେତିକି ମୁଁ ଏଥି ଭିତରେ ଠିଆ ହୋଇଅଛି । "ଆମେ ଆମର ପ୍ରୟାସଗୁଡିକୁ ଏକତ୍ର କରିବୁ ।" ଆମେ ତାହା କରିପାରିବା ନାହିଁ । ଦୁଇଜଣ ସହମତ ନ ହେଲେ, କିପରି ଏକତ୍ର

ଗମନ କରିବେ?

98 ଏହି ଯୁକ୍ତରାଷ୍ଟ୍ର ଆମେରିକା ସେହି ସମାନ, ପୁନର୍ବାର ସେହି ସମାନ ଅନୁଭୂତିକୁ ଏବଂ ସେହି ସମାନ ଭୁଲକୁ କରୁଥିଲା, ଯେତେବେଳେ ଏହା ସେହି ପଶ୍ଚାତ୍ ସମୟରେ ରୁଷ ସହିତ ମିଳିତ ହୋଇଥିଲା। ସେହି ସମୟରେ ଠିକ ଯେତେବେଳେ ସେମାନେ ଯୁଦ୍ଧ କରିବାକୁ ପ୍ରସ୍ତୁତ ହୋଇଥିଲେ, ଏବଂ ରୁଷ ସହିତ ନିଜକୁ ମିଳିତ କରି ଦେଇଥିଲେ। ଏବଂ ବର୍ତ୍ତମାନ ଆପଣମାନେ ଦେଖନ୍ତୁ ଯେ ଆମେ କଅଣ ପାଇଅଛୁ, କଅଣ ଆପଣ ଦେଖୁ ନାହାଁନ୍ତି କି? ସେମାନେ ଆମର ବିମାନଗୁଡିକ ଏବଂ ଆମର ସମସ୍ତ ରହସ୍ୟମାନ ଜାଣି ଯାଇଛନ୍ତି, ଏବଂ ଆମର ପରମାଣୁ ବୋମାଗୁଡିକ ଏବଂ ସବୁକିଛି ସେଠାରେ ରଖାଯାଇଥିବାର ଜାଣି ଯାଇଛନ୍ତି, ଯେ ଏହାକୁ ଆମ ଉପରେ ନିକ୍ଷେପ କରନ୍ତି। ସମାନ ଜିନିଷ ଆତ୍ମିକ କ୍ଷେତ୍ରରେ ମଧ୍ୟ ଚାଲିଥାଏ।

99 ତେବେ ଆମେମାନେ ଜାଣୁ, ଯେ ଯିହୋଶାଫଟ୍ ଏହି ମେଣ୍ଟ କରିସାରିବା ପରେ, ଏବଂ ସେମାନେ ପରାମର୍ଶ କଲେ। ତେବେ ଦେଖନ୍ତୁ, ବାହ୍ୟ ଜଗତକୁ ଦେଖନ୍ତୁ, ସେ କହିଲେ, "ନିଶ୍ଚିତରେ, ଆମ ପାଖରେ ଏଠାରେ ବହୁତ ଭବିଷ୍ୟଦ୍‌ବକ୍ତାମାନେ ରହିଛନ୍ତି। ଆମ ପାଖରେ ସେଗୁଡ଼ିକରେ ପରିପୂର୍ଣ୍ଣ ଏକ ଶର୍ମଶାସ୍ତ୍ରୀୟ ବିଦ୍ୟାଳୟ ଅଛି।"

100 ସେମାନେ ତଳକୁ ଯାଇ ସେହି ତାଲିମ ପ୍ରାପ୍ତ ବ୍ୟକ୍ତିମାନଙ୍କୁ ନେଇଛନ୍ତି, ଯେଉଁମାନେକି ମନୋବିଜ୍ଞାନ ଜାଣିଥିଲେ, ଯେଉଁମାନେକି ଏହା ବିଷୟରେ ସବୁକିଛି ଜାଣିଥିଲେ। କହିଲେ, "ବର୍ତ୍ତମାନ ଉପରକୁ ଆସ, ଏବଂ ଆମେ ପ୍ରଭୁଙ୍କୁ ପଚାରିବା ଏବଂ ପରାମର୍ଶ କରିବା।"

101 ସେମାନେ ସମସ୍ତେ, ଅବଶ୍ୟ, ସେମାନଙ୍କର ଶାରୀରିକ ଅହଂକାରୀ-ମନରେ, ସେଠାରେ ଉପରକୁ ଆସି କହିଲେ, "ତେବେ, ଦେଖନ୍ତୁ, ଆମେମାନେ...ଆପଣ ଅଗ୍ରସର ହେଉନ୍ତୁ। ପ୍ରଭୁ ଆପଣଙ୍କ ସହିତରେ ଅଛନ୍ତି, ଏବଂ ପ୍ରଭୁ ଆପଣଙ୍କୁ ସେହି ଭୂମି ଖଣ୍ଡକୁ ଦେବାକୁ ଯାଉଛନ୍ତି, ଯେ, ଏହା ଆପଣଙ୍କର ହେବାକୁ ଯାଉଅଛି। ଆପଣ ଅରାମୀୟମାନଙ୍କୁ ପୂରା ପଛକୁ ଠେଲି ଦେବାକୁ ଯାଉଛନ୍ତି। ଆପଣ ଏହା କରିବାକୁ ଯାଉଛନ୍ତି।" ସେମାନଙ୍କ ମଧ୍ୟରୁ ଜଣେ ତ ଏପରିକି ନିଜ ପାଇଁ ଏକ ବଡ଼ ଲୁହାର ଶିଙ୍ଗ ତିଆରି କରି ନେଲେ, ଓ ଏହା କହି, ଏହିପରି ଭାବରେ ଚାରିଆଡେ ଦୌଡିବାକୁ ଲାଗିଲେ, "ଏହାହିଁ ହେଉଛି ତାହା, ଆପଣ ଅରାମୀୟମାନଙ୍କୁ ତଡି ଦେବାକୁ ଯାଉଛନ୍ତି।"

102 ମାତ୍ର, ଯିହୋଶାଫଟ୍, ଯିଏକି ଟିକିଏ ଅଧିକ ଆତ୍ମିକ ଥିଲେ, କୌତୁକପଣର ସେହି ତୁଚ୍ଛ ବିଷୟ ସହିତ ସହମତ ହୋଇ ନ ଥିଲେ। ତାହା ଠିକ୍ ଅଟେ।

103 ହେ ପରମେଶ୍ୱର, ଆମକୁ ଆଉ କିଛି ଅଧିକ ଯିହୋଶାଫଟ୍ ମାନଙ୍କୁ ଦିଅ, ଆମେ ଏଠାରେ ହଲିଉଡ୍ କୌତୁକପଣରୁ ବିରକ୍ତ ଓ କ୍ଳାନ୍ତ ହୋଇଯାଇଛୁ। ତାହା ଠିକ୍, ଅଭିନୟ କରିବା, ଏପରି କିଛି ବୋଲି ଛଳନା କରିବା ଯାହା ସେମାନେ ନୁହଁନ୍ତି; ପ୍ରସ୍ତୁତ କରିବା, ନାଟକ କରିବା, ଭିତରକୁ ଆଣିବା। ଏବଂ ତାହାପରେ ଯେତେବେଳେ ସେମାନେ ଭିତରକୁ ଆସନ୍ତି,

ଆପଣ କଅଣ ପାଆନ୍ତି ଯେତେବେଳେ ଆପଣ ଭିତରକୁ ଆସିଥାନ୍ତି? ଯେପରିକି ଜଣେ ବ୍ୟକ୍ତିଙ୍କୁ ପଚାରିବା, "ଆସ ମରୁଭୂମିରେ ସନ୍ତରଣ କର ।" ଆପଣଙ୍କ ମୁଣ୍ଡରେ ବାଲି ଛଡା ଆଉ କିଛି ରହି ନ ଥାଏ, ଯାହାକି ପରେ ଦୁଃଖକୁ ସୃଷ୍ଟି କରେ ।

104 ତେବେ ଧ୍ୟାନ ଦିଅନ୍ତୁ, ଆପଣ ସେମାନଙ୍କୁ କେଉଁ ବିଷୟ ମଧ୍ୟକୁ ଆଣିପାରନ୍ତି? ଜଣେ ନିର୍ଦ୍ଦିଷ୍ଟ ମହିଳା ମୋତେ ଅନ୍ୟ ଏକ ଦିନ କହିଲେ, "ଜଣେ ଲୋକ କହିଲା, 'ମୁଁ ମଣ୍ଡଳୀକୁ ଯିବି, ମାତ୍ର ମୁଁ କଅଣ—କଅଣ ପାଇବି ଯେତେବେଳେ ମୁଁ ମଣ୍ଡଳୀକୁ ଯାଏ?' କହିଲା, 'ସେମାନେ ଯାହାସବୁ କରନ୍ତି ତାହା ହେଉଛି କୌଣସି ରାତ୍ରିଭୋଜନର ଆୟୋଜନ କରିବା, ଏବଂ ସେମାନେ... *ଏହା, ତାହା,* ଏବଂ *ଅନ୍ୟ* ବିଷୟରେ ।'" ଏବଂ ସେହି ମହିଳା ଜଣକ କହିଲେ, "ମୁଁ ନିରବ ହୋଇ ରହିଲି, କାରଣ ମୁଁ ଜାଣି ନ ଥିଲି ଯେ ତାଙ୍କୁ କେଉଁଠାକୁ ପଠାଇବି ।" ଆପଣ ସେଠାରେ ଅଛନ୍ତି । କହିଲେ, "ମୁଁ ଇଚ୍ଛା କରେ କାଳେ ଯଦି ମୁଁ ଏକ ପୁରୁଣା ମଣ୍ଡଳୀ ପାଇପାରିବି ଯେଉଁଠାରେକି ସେମାନେ ପ୍ରକୃତରେ ସେହି ପୁରୁଣା-କାଳିଆ ଭଜନ ଗାଉଥାନ୍ତି ଏବଂ ଧାର୍ମିକ ଜୀବନଯାପନ କରନ୍ତି ।"

105 ପିଲାମାନେ ଭୋକିଲା ଅଛନ୍ତି, ସେମାନେ ଏକ ଆବର୍ଜନା ପାତ୍ରରୁ ଭୋଜନ ଗ୍ରହଣ କରିବେ । ଏହା ଜୀବନ୍ତ ପରମେଶ୍ୱରଙ୍କ ମଣ୍ଡଳୀ ଉପରେ ନିର୍ଭର କରେ ଯେ ସେମାନେ ପରମେଶ୍ୱରଙ୍କ ସେହି...ସତ୍ୟ ଜୀବନ୍ତ ବାକ୍ୟକୁ ସେମାନଙ୍କୁ ଭୋଜନ କରିବାକୁ ଦିଅନ୍ତି ।

106 ସେଠାରେ, ସେହି ସମସ୍ତ ଚାକଚକ୍ୟତା ଏବଂ ବିଷୟବସ୍ତୁରେ, ଯିହୋଶାଫଟ୍ କହିଲେ, "କଅଣ ସେଠାରେ ଆଉ ଗୋଟିଏ ନାହିଁ କି?"

107 "ଆଉ ଗୋଟିଏ?" ଆହାବ କହିଲେ । "ତେବେ, ଆପଣଙ୍କୁ ଆଉ ଗୋଟିଏର କଅଣ ପାଇଁ ଦରକାର? ଆମ ପାଖରେ ସେଠାରେ ଦେଶର ସର୍ବୋତ୍କୃଷ୍ଟ, ବଛା ଯାଇଥିବା, ଶିକ୍ଷିତ, ଉତ୍ତମ ଭାବେ-ପରିପୋଷିତ, -ବସ୍ତ୍ର ପରିହିତ ପୁରୁଷମାନଙ୍କ ମଧ୍ୟରୁ ଚାରି ଶହ ଜଣ, ଛିଡା ହୋଇଛନ୍ତି । ସେମାନଙ୍କ ମଧ୍ୟରୁ ସମସ୍ତେ ଏକ ମନ, ଏବଂ ଏକ ହୃଦୟ, ଏବଂ ଏକ ସ୍ୱରରେ, କହୁଛନ୍ତି, 'ଯାଉନ୍ତୁ! ପରମେଶ୍ୱର ଆପଣଙ୍କ ସହିତରେ ଅଛନ୍ତି ।'"

108 ମୁଁ ଆଶ୍ଚର୍ଯ୍ୟ କରେ ଯେ ଯୁକ୍ତ ରାଷ୍ଟ୍ରେ ଆମେରିକା ସହିତ ସେହି ସମାନ ମାମଲା ହୋଇ ନାହିଁ ତ । ମୁଁ ଆଶ୍ଚର୍ଯ୍ୟ କରେ ଯେ ପରମେଶ୍ୱରଙ୍କ ମଣ୍ଡଳୀ ସହିତ ସେହି ସମାନ ମାମଲା ହୋଇ ନାହିଁ ତ । ମୁଁ ଆଶ୍ଚର୍ଯ୍ୟ କରେ । "ତେବେ," କୁହନ୍ତି, "ଦେଖନ୍ତୁ, ସେମାନେ ସଫଳ ହେଉଛନ୍ତି । ସେମାନଙ୍କର ବହୁତ ଉତ୍ତମ ଉତ୍ତମ, ବଡ ସଭା ହେଉଅଛି । ସେମାନଙ୍କର ଗୋଟିଏ ସମୟରେ ହଜାର ହଜାର ଲୋକ ରହିଥାନ୍ତି ।" ମାତ୍ର ମୁଁ ଆଶ୍ଚର୍ଯ୍ୟ କରେ ଯେ ସେଠାରେ କେବଳ ଆଉ ଗୋଟିଏ ନାହିଁ କି । ମୁଁ ଆଶ୍ଚର୍ଯ୍ୟ କରେ ଯଦି ସେଠାରେ କିଛି ଭିନ୍ନ ବିଷୟ ନାହିଁ କି ।

109 ଆମେମାନେ ପାଉ ଯେ, ଆମ ପାଖରେ ଛଅ ସପ୍ତାହରେ ତିରିଶ ହଜାର ପରିବର୍ତ୍ତିତ ଲୋକମାନେ ରହିଥାନ୍ତି, ଏବଂ ଛଅ ସପ୍ତାହ ପରେ ଆମ ପାଖରେ ଜଣେ ବି ନ ଥାଆନ୍ତି । ସେଠାରେ କୌଣସି ସ୍ଥାନରେ କିଛି ଗୋଟାଏ ବିଷୟ ଭୁଲ ଅଛି । ତାହା ଠିକ୍ ଅଟେ । ଏବଂ ଏହା

ସବୁ ଚାକଚକ୍ୟତା, କୃତ୍ରିମ ବିଷୟ ଅଟେ । ସେହି ଜଗତ, ଟେଲିଭିଜନ୍ ମାଧ୍ୟମରେ, ରେଡିଓ ମାଧ୍ୟମରେ, ଚିତ୍ର ପରିଦର୍ଶନ ମାଧ୍ୟମରେ, ଏବଂ ସେଠାରେ ଥିବା ସେହି ଦୋକାନଗୁଡିକ ମାଧ୍ୟମରେ, ଏହି ରାଷ୍ଟ୍ରକୁ ହଲିଉଡର ଆବର୍ଜନା ସହିତ ଭ୍ରଷ୍ଟ କରିଦେଇଛି । ତାହା ଠିକ୍ ଅଟେ । ସବୁକିଛି ବିଷୟ ବଡ଼ ଚାକଚକ୍ୟତାରେ ରହିବାକୁ ଚାହାଁନ୍ତି । କଅଣ ତାହା ସତ୍ୟ ନୁହେଁ କି? ଆପଣ ଜାଣନ୍ତି ଯେ ତାହା ହେଉଛି ସତ୍ୟ । ଆମ ପାଖରେ ଆଉ ଅଧିକ କୌଣସି ପୁରୁଣା-କାଳିଆ ଧର୍ମ ନାହିଁ ଯାହାକି ଆମର ବହୁତ ବର୍ଷ ପୂର୍ବେ ରହୁଥିଲା । ଏହାର କାରଣ ହେଉଛି ଯେ ଏହାକୁ ତଳକୁ ପକାଇ ଦିଆଯାଇଛି । ଆମେମାନେ ଅଳ୍ପ କିଛି କ୍ଷଣରେ, ଏହା ନିକଟକୁ ଯିବା, ଆପଣମାନେ ଦେଖିବେ ।

110 କାହିଁକି, କି ଏକ ସୁନ୍ଦର ଚିତ୍ର, କିମ୍ୱା ମୁଁ କହିବି, ଏକ ଚିତ୍ତାକର୍ଷକ ଚିତ୍ର ଅଟେ । ଏବଂ ଏଠାରେ ଏହି ଯିହୋଶାଫଟ୍ ଆସି, କୁହନ୍ତି, "ହଁ, ମୁଁ ସେସବୁକୁ ଦେଖେ । ସେମାନେ, ପ୍ରତ୍ୟେକ ଜଣ, ସେମାନଙ୍କର ଉପାଧିମାନ ପାଇଛନ୍ତି," ଏବଂ ଏହା ଯାହାକିଛି ବି ଥିଲା । "ସେମାନେ ସମସ୍ତେ ଭବିଷ୍ୟଦ୍‌ବକ୍ତା, କିମ୍ୱା ମହାନ ସେବକଗଣ ହେବା ଉଚିତ୍ । ସେମାନେ ମହାନ ବିଦ୍ୟାଳୟରୁ ଆସିଛନ୍ତି । ଏବଂ ସେମାନେ ଏହିସବୁ ଅଟନ୍ତି । ସେମାନେ ଭବିଷ୍ୟଦ୍‌ବକ୍ତାଙ୍କ ସେହି ବଡ଼ ବିଦ୍ୟାଳୟରୁ, ଏବଂ ସବୁକିଛିରୁ ବାହାରି ଅଛନ୍ତି । ସେମାନେ ସମସ୍ତେ ଏକମନ ଅଟନ୍ତି । ତାହା ସତ ଅଟେ । ମାତ୍ର କଅଣ ସେଠାରେ ଆଉ ଗୋଟିଏ ନାହିଁ କି?"

111 "ତେବେ, ଆପଣ ସେହି ଗୋଟିଏ ଜଣଙ୍କ ସହିତ କଅଣ କରିବେ, ଯେତେବେଳେକି ଚାରି ଶହ ଜଣ ଏକ ସମୟରେ ସମ୍ମତି ଦେଉଛନ୍ତି?"

112 ମାତ୍ର ସେହି ବ୍ୟକ୍ତି, ତାଙ୍କ ହୃଦୟର ଗଭୀରତାରେ, ପରମେଶ୍ୱରଙ୍କୁ ରଖିଥିଲେ । ଏବଂ ସେ ଜାଣିଥିଲେ ଯେ ସେଠାରେ ସେହି ବିଷୟ ସହିତରେ କିଛି ଗୋଟାଏ ଭୁଲ୍ ଅଛି । ହଁ, ମହାଶୟ । ସେ ଜାଣିଥିଲେ ଯେ ସେଠାରେ କିଛି ଗୋଟାଏ ବିଷୟ ମନ୍ଦ ଅଛି । କାହିଁକି? ମୋତେ ଆପଣଙ୍କୁ ଦେବାକୁ ଦିଅନ୍ତୁ…ଶାସ୍ତ୍ର ଏହାକୁ ଉଦ୍ଧୃତ କରେ ନାହିଁ, ମାତ୍ର ଏଠାରେ ତାହା ଅଛି ଯାହା ମୁଁ ପାଇଅଛି । ମୁଁ ଜାଣେ ଯେ—ଯେ ଯିହୋଶାଫଟ୍ ତାହା ଜାଣିଥିଲେ ଯେ ସେଠାରେ ଥିବା ସେହି କପଟୀ, ଆହାବ, ଯେ ସେ ପରମେଶ୍ୱରଙ୍କ ସହିତ ଠିକ୍ ନ ଥିଲେ । ଏବଂ ଏଲିୟ ତାଙ୍କ ନିକଟରେ ପରମେଶ୍ୱରଙ୍କ ବାକ୍ୟ ଭବିଷ୍ୟଦ୍‌ବାଣୀ କରିଥିଲେ । ଏବଂ ପରମେଶ୍ୱର ତାହା କିପରି ଆଶୀର୍ବାଦ କରିପାରନ୍ତି ଯାହା ସେ ଅଭିଶାପ ଦେଇଥିଲେ? ଆମେନ୍ ।

113 ବନ୍ଧୁ, ମୁଁ ଆଜି ସେହି ସମାନ କଥା କହୁଛି । ଏବଂ ପରମେଶ୍ୱରଙ୍କ ମଣ୍ଡଳୀ, ଯିଏକି ପରମେଶ୍ୱରଙ୍କ ନିକଟରେ ସଚ୍ଚୋଟ ଭାବରେ ଛିଡା ହୋଇଛି, ମଧ୍ୟ ସେହି ସମାନ କଥା କହିବ । ଆପଣ ତେଲ ଏବଂ ପାଣିକୁ ଏକାଠି ମିଶାଇ ଏହାକୁ ପରିତ୍ରାଣ ବୋଲି କହିପାରନ୍ତି ନାହିଁ । ଆପଣ କରିପାରନ୍ତି ନାହିଁ । ଭାଇ, ନିଜକୁ ଅଲଗା କରିବାକୁ ଅଛି । କିଛି ଗୋଟାଏ ଘଟିବାକୁ ଅଛି । ଯଦି ସେଠାରେ କିଛି ଗୋଟାଏ ଆଶା ବାକି ଥାଏ, ତେବେ ଆମକୁ କିଛି କରିବାକୁ ପଡିବ, ଏବଂ ତାହାକୁ ଶୀଘ୍ର କରିବାକୁ ପଡିବ; କାରଣ, ଉର୍ଦ୍ଧାନ୍ତିକରଣର ଘଟିକା

ସନ୍ନିକଟ ଅଟେ ।

114 ଜିନିଷଗୁଡିକ ଗଦା ହେଉଅଛି, ସବୁକିଛି ବିଷୟ, ଏବଂ ମଣ୍ଡଳୀ ଅତି ଦୂରରେ ରହିଛି । ସେମାନେ ସମସ୍ତ ପ୍ରକାରର ପତ୍ରିକା, ପୁସ୍ତକ, କାହାଣୀ, ଏବଂ ସବୁକିଛି ପଢନ୍ତି । ମୁଁ ଆଜି ଯାଇପାରେ…ମୁଁ ଏକ ମଣ୍ଡଳୀକୁ ଯାଇପାରେ, ଏବଂ ମୁଁ କହିପାରେ, "ଓଃ, କେତେ ଜଣ ଜାଣନ୍ତି…" ଏହି ବଡ଼ ଉଦ୍ଦୀପନା ମଧ୍ୟରୁ ଗୋଟିଏ ପରେ, ସେମାନେ ପ୍ରତ୍ୟେକ ଭଜନକୁ ଜାଣନ୍ତି । "ତେବେ, ଅମୁକ-ଅମୁକ ଭଜନ କେଉଁ—କେଉଁ ପୃଷ୍ଠାରେ ଅଛି?" ସେମାନେ ଏହା ଜାଣନ୍ତି । ସେମାନେ ଜାଣନ୍ତି ଯେ ଏହା କିଏ ଅଟେ । ସେମାନେ ଜାଣନ୍ତି ଯେ ରାଷ୍ଟ୍ରପତି ପଦ ପାଇଁ କିଏ ନିର୍ବାଚନ ଲଢୁଛନ୍ତି, ଏବଂ *ଏଥି*ପାଇଁ କିଏ ପ୍ରାର୍ଥୀ ଅଟନ୍ତି, ଏବଂ କେତେ ଗୋଟି ଚଳଚ୍ଚିତ୍ର ତାରକା ବିବାହ କଲେ, *ଏହା* ଏବଂ *ତାହା,* ସେହି *ଅନ୍ୟ*ଟି କଲେ । ମାତ୍ର, ପରମେଶ୍ୱରଙ୍କ ବାକ୍ୟ ବିଷୟରେ, ସେମାନେ କିଛି ହେଲେ ଜାଣନ୍ତି ନାହିଁ । ଆପଣ ସେଠାରେ ଅଛନ୍ତି । ତେଣୁକରି ଆମେ ସେମାନଙ୍କର ଚାକ-…ଏବଂ, ତଥାପି, ସେମାନେ ଖ୍ରୀଷ୍ଟିଆନ ବୋଲି ଦାବି କରନ୍ତି ।

115 ଏବଂ ଲୋକମାନଙ୍କର ଦୋଷ ନୁହେଁ । ଏହା ତ ସେହି ପ୍ରଚାର ମଞ୍ଚ ପଛ ପଟରୁ ଅଟେ, ଯେଉଁଠାରୁ ଏହା ଆସୁଅଛି । ଅବିକଳ ଠିକ୍ । ଏହା ପ୍ରଚାର ମଞ୍ଚ ପଛ ପଟରୁ ଅଟେ । ସେମାନେ ସେମାନଙ୍କୁ ସମସ୍ତ ପ୍ରକାରର ସଂଗୀତ ଧୁନ୍ ଶିଖାନ୍ତି, ଏବଂ ସବୁ ପ୍ରକାରର *ଏହା* ଏବଂ *ତାହା,* ଏବଂ ସଂଗଠନଗୁଡ଼ିକ ଶିଖାନ୍ତି, ଏବଂ କିପରି ଯୁବା ଗୋଷ୍ଠୀ ଗଠନ କରିବାକୁ ଅଛି, ଏବଂ ସେହିପରି ସବୁକିଛି ବିଷୟ । ମୁଁ ଆଶ୍ଚର୍ଯ୍ୟ କରେ ଯେ ଏହା ମୂଲ୍ୟ ଦିଆ ହୋଇଥାଏ । ଏହା ବିରୁଦ୍ଧରେ କିଛି ହେଲେ ନାହିଁ, ମାତ୍ର ମୁଁ ଆଶ୍ଚର୍ଯ୍ୟ କରୁଛି ଯେ ଏହା ପରମେଶ୍ୱରଙ୍କ ଆବଶ୍ୟକତା ଅଟେ କି ।

116 ଯେତେବେଳେ, ଯୀଶୁ କହିଥିଲେ, "ଯଦି କୌଣସି ବ୍ୟକ୍ତି ଜଳ ଏବଂ ଆତ୍ମା ଦ୍ୱାରା ଜନ୍ମ ନ ହୁଏ, ତେବେ ସେ କୌଣସି ପ୍ରକାରେ ରାଜ୍ୟରେ ପ୍ରବେଶ କରିବେ ନାହିଁ । ସେ ଯିଏକି କରିବ-…ମୋ ପଛରେ ଅନୁସରଣ କରିବ, ସେ ନିଜକୁ, ଏବଂ ତାର ନିଜର ସାଂସାରିକ ଭୋଗବିଳାସକୁ ଅସ୍ୱୀକାର କରୁ, ଆପଣା କ୍ରୁଶ ଘେନି, ମୋର ଅନୁଗାମୀ ହେଉ ।" *କ୍ରୁଶ* ହେଉଛି "ମୃତ୍ୟୁ, ଯନ୍ତ୍ରଣା" ର ଏକ ପ୍ରତୀକ । "ସେ ଯିଏକି ଜଣେ ଖ୍ରୀଷ୍ଟିଆନ ହେବ, ସେ ଆପଣାକୁ ତାର ନିଜର ଚିନ୍ତାଧାରାରୁ ଦୂରେଇ ଦେଉ । ସେ ଆପଣାକୁ ତାର ନିଜର କାର୍ଯ୍ୟରୁ କ୍ଷାନ୍ତ କରୁ । ସେ ଆପଣାକୁ ସବୁ କିଛି ବିଷୟଠାରୁ ଦୂରେଇ ଦେଇ, ଆପଣାକୁ ଅସ୍ୱୀକାର କରୁ, ଏବଂ ସେହି ପବିତ୍ର କ୍ରୁଶକୁ ଘେନି, ପ୍ରତିଦିନ ମୋତେ ଅନୁସରଣ କରୁ । ସେ ଯିଏକି ମୋ ପଛରେ ଆସିବ, ସେ ତାହା କରୁ ।" ତାହାହିଁ ଅଟେ ଯାହାକି ଯୀଶୁ କହିଥିଲେ ।

117 ମାତ୍ର, ଆଜି, ଆମେ କହୁ, "ସମସ୍ତଙ୍କର ଏକ ବହୁତ ଉତ୍ତମ ସମୟ ଚାଲିଛି । ସମସ୍ତେ ନିଜର କରତାଳି ଦେଉନ୍ତୁ । ସମସ୍ତେ ଚିତ୍କାର କରନ୍ତୁ, 'ହାଲ୍ଲେଲୁୟା! 'ସମସ୍ତେ *ଏହା* କରନ୍ତୁ ।" ଓଃ, ଆମେ କିପରି ଏକ ଗୋଳମାଳ ପାଇଅଛୁ! ଆମେନ୍ । ପରମେଶ୍ୱର…ଆମେମାନେ ଏହି

ନୂତନ ଗୀତଗୁଡ଼ିକୁ ନେଇଥାଉ ଏବଂ ସେଗୁଡିକୁ ଏତେ ଅଧିକ ବେଗରେ ଗାଇଥାଉ, ଯେ ଏହା ଏପରି ଦେଖାଯାଏ ଯେ ଆମେ ସେଗୁଡିକ ସହିତ କାଛ ଦେଇ ଗମନ କରିବାକୁ ଯାଉଅଛୁ, କିମ୍ବା ସେହିପରି କିଛି କରିବାକୁ ଯାଉଅଛୁ ।

118 ଯେତେବେଳେ, ମୁଁ ଭାବେ, ଯଦି ଆମେମାନେ ସେହି ଗୀତ ଗାଇବା *ତୁମ୍ଭ, ନିକଟତର, ମୋର ପରମେଶ୍ୱର,* ତାହା ମଣ୍ଡଳୀ ପାଇଁ ଏକ ଅଧିକ ଉତ୍ତମ ବିଷୟ ହେବ; ସେହି ପୁରୁଣା-କାଳିଆ ଭଜନଗୁଡିକ ।

119 ଗତକାଲି ରାତିରେ, ଅନେକ ନାଚ ଗୀତ କରୁଥିବା ଲୋକମାନେ ରହିଥିଲେ, କୌଣସି ବାଳକ ଏଠାରେ ଏକ ନାଚ ଗୋଷ୍ଠୀରେ ବଜାଇଥିଲା, ଏବଂ ଆଜି ରାତି ଏଠାରେ ଜୀବନ୍ତ ପରମେଶ୍ୱରଙ୍କ ମଣ୍ଡଳୀରେ ବଜାଉଅଛି? ଏହା ପରମେଶ୍ୱରଙ୍କ ଦୃଷ୍ଟିରେ ଘୃଣାର ବିଷୟ ଅଟେ । ସେହି ବ୍ୟକ୍ତିଙ୍କୁ ପ୍ରଥମେ, ପରୀକ୍ଷିତ କରାଯାଉ, ଏବଂ ସେ ପ୍ରାୟଶ୍ଚିତ ନିମନ୍ତେ, ଫଳ ଉତ୍ପନ୍ନ କରୁ, ଏହା ଦର୍ଶାଇବା ହେତୁ ଯେ ସେ ପରମେଶ୍ୱରଙ୍କ ନିକଟରେ ସଠିକ୍ ଅଛନ୍ତି ।

120 ସେମାନେ ସେହି ଜାଜ୍ ବାଦ୍ୟଯନ୍ତ୍ର ଜଗତକୁ ସୀଧା ସଳଖ ପ୍ରଚାରମଞ୍ଚକୁ ନେଇ ଆସନ୍ତି । ସେମାନେ ହଲିଉଡ ସିନେମା ଜଗତକୁ, ଚାକଚକ୍ୟ ପ୍ରଚାରକୁ ଠିକ ସେହି ପ୍ରଚାରମଞ୍ଚ ମଧ୍ୟକୁ ନେଇ ଆସନ୍ତି ।

121 କାହିଁକି, କିଛି ସପ୍ତାହ ପୂର୍ବରୁ, କଅଣ ମୁଁ ଆପଣଙ୍କର ସୁନ୍ଦର ସହର, କେଣ୍ଟକିର, ଲୁଇସ୍‌ଭିଲରେ ରହି ନ ଥିଲି କି? ମୋର ହୃଦୟ ବିଦୀର୍ଣ୍ଣ ହୋଇ ଯାଇଥିଲା, ଯେତେବେଳେ ସେମାନେ ସମସ୍ତେ ସେଠାରେ ବସି, ପରମେଶ୍ୱରଙ୍କ ଚମତ୍କାର ଦେଖିବାକୁ ଇଚ୍ଛୁକ ହୋଇଥିଲେ; ଏବଂ ଆପଣ ସୁସମାଚାର ପ୍ରଚାର କରିବା ମାତ୍ରେ, ସେମାନେ ଗୋଟିଏ ସେକେଣ୍ଡରେ, ପରିପୂର୍ଣ୍ଣ ହୋଇଯାଇଥିଲେ, ଏବଂ ପିଠି ପଛକୁ କରି ସେହି ଭବନରୁ ବାହାରି ଯାଇଥିଲେ । ନିଶ୍ଚିତ ଭାବରେ । ସେମାନେ ଏହାକୁ ଚାହାଁନ୍ତି ନାହିଁ । ସେମାନଙ୍କର ହୃଦୟଗୁଡିକ କଠିନ ହୋଇଯାଇଛି । ବାହାରି ଯାଆନ୍ତି; ଏବଂ ସେମାନଙ୍କ ମଧ୍ୟରୁ ଅନେକେ, ପ୍ରୋଟେଷ୍ଟାଣ୍ଟମାନେ, ମଧ୍ୟ, ଯେଉଁମାନେକି ପ୍ରୋଟେଷ୍ଟାଣ୍ଟ ମଣ୍ଡଳୀକୁ ଯାଆନ୍ତି । ମାତ୍ର ସେମାନେ ପରିପୂର୍ଣ୍ଣ ହୋଇଥାଆନ୍ତି...ଚାକଚକ୍ୟତାରେ ଏବଂ ଗୋଳମାଳ ଓ ମାଣ୍ଡଳିକତାର, ସେହିପରି ସବୁକିଛି ବିଷୟରେ ଏତେ ଅଧିକ ପରିପୂର୍ଣ୍ଣ ହୋଇଯାଆନ୍ତି, ଯେ ଏପରିକି ସେମାନେ ଜୀବନ୍ତ ପରମେଶ୍ୱରଙ୍କ ଆତ୍ମା ବିଷୟରେ କିଛି ହେଲେ ଜାଣନ୍ତି ନାହିଁ । "ଈଶ୍ୱରପରାୟଣତାର ଏକ ରୂପ ଧାରଣ କରନ୍ତି, ଏବଂ ଏହାର ଶକ୍ତିକୁ ଅସ୍ୱୀକାର କରନ୍ତି ।"

ଆମେମାନେ କେଉଁ ଏକ ଦିନରେ ବସବାସ କରୁଅଛୁ । ଦେଖନ୍ତୁ ଯେ ଏହା କେଉଁଠାରେ ଗଦା ହେଉଅଛି ।

122 ଯିହୋଶାଫଟ୍ କହିଲେ, "ଆହାବ, ମୁଁ ଜାଣେ । ସେଠାରେ ଆପଣଙ୍କର ଚାରି ଶହଜଣ ପ୍ରଚାରକମାନେ ଅଛନ୍ତି । ସେମାନେ ସମସ୍ତେ ଉତ୍ତମ-ଦିଶୁଥିବା ବ୍ୟକ୍ତିମାନେ ଅଟନ୍ତି, ସେମାନଙ୍କ ମଧ୍ୟରୁ ପ୍ରତ୍ୟେକଜଣ ଉତ୍ତମ ପୋଷାକ ପରିହିତ ଏବଂ ସେମାନଙ୍କର

କେଶ ସୁନ୍ଦର ଭାବରେ ସଜ୍ଜିତ ହୋଇଅଛି, ଏବଂ ସବୁକିଛି, ସେମାନେ ଯାହାକିଛି ଅଧିକ ହୋଇପାରନ୍ତି। ସେମାନଙ୍କ ପାଖରେ ଡି.ଡି. ଉପାଧିମାନ ରହି ଥାଇପାରେ। ସେମାନଙ୍କର ପାଖରେ ସମସ୍ତ ପ୍ରକାରର ଶିକ୍ଷାଗତ ଉପାଧିମାନ ରହି ଥାଇପାରେ। ସେମାନେ ହୁଏତ କ ରୁ କ୍ଷ ପର୍ଯ୍ୟନ୍ତ, ଶାସ୍ତ୍ର ଜାଣି ଥାଇପାରନ୍ତି। ମାତ୍ର କଅଣ ଆପଣଙ୍କ ପାଖରେ, କୌଣସି ସ୍ଥାନରେ ଆଉ ଗୋଟିଏ ନାହିଁ କି? କଅଣ ସେଠାରେ କୌଣସି ସ୍ଥାନରେ, ଆଉ ଗୋଟିଏ ନାହିଁ କି?"

123 ସେ କହିଲେ, "ହଁ, ସେଠାରେ ଆଉ ଜଣେ ଅଛି, ମାତ୍ର ମୁଁ ତାକୁ ଘୃଣା କରେ।" ଆପଣ ସେଠାରେ ଅଛନ୍ତି। ଆପଣ ସେଠାରେ ଅଛନ୍ତି। "ମୁଁ ତାକୁ ଘୃଣା କରେ।" ମନେରଖନ୍ତୁ, ଆହାବ ଜଣେ ଧାର୍ମିକ ବ୍ୟକ୍ତି ଥିଲେ, ଏବଂ ସେମାନେ ଧାର୍ମିକ ଶିକ୍ଷକମାନେ ଥିଲେ, ମାତ୍ର ସେମାନେ ଏହି ବ୍ୟକ୍ତିଙ୍କୁ ଘୃଣା କରୁଥିଲେ ଯାହାଙ୍କ ପାଖରେ ସତ୍ୟ ରହିଥିଲା। କହିଲେ, "ମୁଁ ତାକୁ ଘୃଣା କରେ।" କହିଲେ, "ସେ ସର୍ବଦା ମୋ ବିରୁଦ୍ଧରେ କିଛି ନା କିଛି ମନ୍ଦ କଥା କହୁଥାଏ।" ପରମେଶ୍ୱରଙ୍କ ବାକ୍ୟ ଯେତେବେଳେ ଆହାବଙ୍କୁ ନିନ୍ଦା କରି ସାରିଥିଲା, ତେବେ ସେ କିପରି ତାହା କରିବାରୁ କ୍ଷାନ୍ତ ହୋଇପାରିଥାନ୍ତେ?

124 ଆପଣ କିପରି ତୁନି ହୋଇ ବସି ରହିପାରନ୍ତି, ଯଦି ଆପଣ ଜଣେ ପରମେଶ୍ୱରଙ୍କ ପୁରୁଷ, କିମ୍ବା ଜଣେ ପରମେଶ୍ୱରଙ୍କ ସ୍ତ୍ରୀ ଅଟନ୍ତି, ଏବଂ ପାପ ଓ ଜିନିଷଗୁଡିକୁ ଗଦା ହୋଇ ଭାରଗ୍ରସ୍ତ ହେଉଥିବାର, ଓ ସେହିପରି ଭାବରେ ସବୁକିଛି ହେଉଥିବାର, ଜାଣନ୍ତି ଏବଂ ଦେଖନ୍ତି; ଏବଂ ଦିନକୁ ଲକ୍ଷ ଲକ୍ଷ; ମନୁଷ୍ୟର ପ୍ରାଣଗୁଡିକୁ ନରକଗାମୀ ହେଉଥିବାର ଦେଖନ୍ତି; ଏବଂ ନୀରବ ହୋଇ ଛିଡା ରହିପାରନ୍ତି? ଆପଣ ତାହା କରିପାରନ୍ତି ନାହିଁ।

ଅନ୍ୟ ଦିନ କେହି ଜଣେ ମୋତେ କହିଲା, କହିଲେ, "କଅଣ ଆପଣ ଭାବୁଛନ୍ତି ଯେ ଆପଣ ଏହାକୁ ଅଟକାଇ ଦେଇପାରନ୍ତି?"

125 ମୁଁ କହିଲି, "ନା। ମୁଁ ଏହାକୁ ଅଟକାଇ ପାରେ ନାହିଁ, କାରଣ ପରମେଶ୍ୱର କହିଛନ୍ତି। ମାତ୍ର ଦିନେ, ବିଚାର ଦଣ୍ଡରେ, ସେମାନେ ବଡ ପରଦା ବାହାର କରିବାକୁ ଯାଉଛନ୍ତି, କ୍ୟାମେରାକୁ ତାହା ଉପରେ ଫ୍ଲାସ୍ କରିବାକୁ ଯାଉଛନ୍ତି, ଏବଂ ସେହି ଟେପ୍ ରେକର୍ଡିଂ ଚଲା ହେବାକୁ ଯାଉଅଛି। ଏବଂ ମୁଁ ଠିଆ ହୋଇ ତାହା ଶୁଣିବାକୁ ଯାଉଅଛି; ମୁଁ ମୋର ସ୍ୱରକୁ ଏହା ବିରୁଦ୍ଧରେ ଚେତାବନୀ ଦେଉଥିବାର ଶୁଣିବାକୁ ଚାହେଁ। ଯେତେବେଳେ ମୋର ସ୍ୱର ଏହା ବିରୁଦ୍ଧରେ ଆସିବ ସେତେବେଳେ ପରମେଶ୍ୱର ମୋତେ ବିଚାର କରିବେ।" ହଁ, ମହାଶୟ। ଯେତେବେଳେ ଆମେ ଏହି ଜୀବନକୁ, ଏହି ପୀଢୀକୁ, ପୁନର୍ବାର ବିଚାର ସମୟରେ ପୁନଃ-ପ୍ରଣୟନ ହେଉଥିବାର ଦେଖିବା। ନିଶ୍ଚିତ ଭାବରେ। ଆମେ ଏକ ଭୟଙ୍କର ସମୟରେ ବାସ କରୁଅଛୁ। ଏବଂ ତାହା ସେଠାରେ ଅଛି।

ଏବଂ ଆମେ ତାଙ୍କୁ କରୁଥିବାର ଦେଖୁ...ସେ କହିଲେ, "କଅଣ ସେଠାରେ ଆଉ ଜଣେ ନାହିଁ କି?"

126 ସେ କହିଲେ, "ହଁ, ମାତ୍ର ମୁଁ ତାକୁ ଘୃଣା କରେ, କାରଣ ସେ ସର୍ବଦା ମୋ ବିରୁଦ୍ଧରେ ମନ୍ଦ ଭବିଷ୍ୟବାଣୀ କରୁଥାଏ।"

127 ଯେତେବେଳେ ସେ ଏହା ହେଉଥିବାର ଦେଖନ୍ତି, ତେବେ ସେ କିପରି ଭାବରେ ସେହି କଠିନ ବିଷୟଗୁଡ଼ିକୁ ପ୍ରଚାର କରିବାରୁ କ୍ଷାନ୍ତ ହୋଇପାରନ୍ତି? ଆହାବଙ୍କୁ ସେହିପରି ଜୀବନଯାପନ କରୁଥିବାର ଦେଖନ୍ତି ଏବଂ ତାହା କରୁଥିବାର ଦେଖନ୍ତି ଯେପରିକି ସେ ଥିଲେ, ଏବଂ ଲୋକମାନଙ୍କୁ ସେହିପରି ଆଣୁଥିବାର ଦେଖନ୍ତି ଯେପରିକି ସେମାନେ ଥିଲେ।

128 ପରମେଶ୍ୱରଙ୍କ ଜଣେ ପୁରୁଷ, କିମ୍ବା ପରମେଶ୍ୱରଙ୍କ ଜଣେ ସ୍ତ୍ରୀ, କିପରି ଭାବରେ ଚିତ୍କାର କରି ପାପକୁ ସବୁ ପାର୍ଶ୍ୱରୁ ଧମକ ଦେବାରୁ କ୍ଷାନ୍ତ ହୋଇ ରହିପାରିବେ? ଯେତେବେଳେ, ସେମାନେ ଏହି ଈଷଦୁଷ୍ଟ ପ୍ରଚାରକମାନଙ୍କୁ, ଏବଂ ଚାକଚକ୍ୟତାକାରୀ, ଏବଂ ଶିକ୍ଷାବିତ୍, ଏବଂ ସେହିଭଳି ବ୍ୟକ୍ତିମାନଙ୍କୁ ଦେଖନ୍ତି, ଯେଉଁମାନେକି ଲକ୍ଷ ଲକ୍ଷ ସଂଖ୍ୟାରେ ଲୋକମାନଙ୍କୁ, ପ୍ରତାରଣା ଅଧୀନରେ, ନରକକୁ ଯିବାକୁ ଦିଅନ୍ତି; ବହୁତ ସଂଖ୍ୟକ...ଏପରିକି ପବିତ୍ର ଲୋକମାନଙ୍କ ମଧ୍ୟରେ। ମୁଁ ମେଥୋଡିଷ୍ଟ ଏବଂ ବାପ୍ଟିଷ୍ଟ, ଏବଂ ସେହିପରି ଜିନିଷଗୁଡିକ ବିଷୟରେ ବହୁତ ଅଧିକ କହୁ ନାହିଁ; ସେମାନଙ୍କ ପାଖରେ ମଧ୍ୟ, ଏହା ଅଛି। ମାତ୍ର ଏହା ତ ଠିକ ଆପଣଙ୍କ ନିଜର ପଦାଧିକାରୀମାନଙ୍କ ମଧ୍ୟରେ ଅଟେ।

129 ମୋର ପ୍ରଭୁ, ରାଷ୍ଟ୍ରଗୁଡିକ ଏବଂ ସମସ୍ତକିଛି ବିଷୟ ମଧ୍ୟରେ, ଖ୍ରୀଷ୍ଟିଆନ ବ୍ୟତୀତ ଅନ୍ୟ ସବୁକିଛି ପରି, ଜୀବନ ଯାପନ କରିବା, ଅନ୍ୟ ସବୁକିଛି ପରି ପ୍ରଚାରମଞ୍ଚକୁ ଆସିବା, ତାହାପରେ ସେମାନେ ଏହାକୁ "ଧର୍ମ" ବୋଲି କୁହନ୍ତି। ଏହା ଏକ ଧର୍ମ ଅଟେ, ମାତ୍ର ଏହା ପ୍ରଭୁଙ୍କ ପରିତ୍ରାଣଠାରୁ ସୁଦୂର ବାଟ ଅଟେ। ତାହା ଠିକ୍। ସେମାନେ ଲୋକମାନଙ୍କୁ କେବଳ ଏକ ବଡ କୃତ୍ରିମ-ଭାବରେ ଆଚରଣ କରାଇବା ମଧ୍ୟକୁ ନେଇ ଗଲେ। ତାହାପରେ ଯେତେବେଳେ ସେହି ଛୋଟ କୃତ୍ରିମ-ଆଚରଣଟି ଶୀଘ୍ର ସମାପ୍ତ ହୋଇଯାଏ, ସେତେବେଳେ, ପ୍ରଥମ ବିଷୟ ଆପଣମାନେ ଜାଣନ୍ତି, ଆପଣ ସେଗୁଡ଼ିକ ମଧ୍ୟରୁ ଗୋଟିଏ ହେଲେ ପାଇପାରନ୍ତି ନାହିଁ; ଗୀର୍ଜାଘରଟି ଖାଲି ରହିଥାଏ। ଭାଇ, ଯଦି ଜଣେ ବ୍ୟକ୍ତି ପରମେଶ୍ୱରଙ୍କୁ ଭଲ ପାଆନ୍ତି, ତେବେ ସେ ପ୍ରତ୍ୟେକ ଥର, ମଣ୍ଡଳୀରେ ନିଜର ଆସନକୁ ପୂରଣ କରିବେ। ସେ ଏଥିରୁ ଦୂରେଇ ରହିପାରିବେ ନାହିଁ। ତାହା ଠିକ୍ ଅଟେ।

130 ବର୍ତ୍ତମାନ ଧ୍ୟାନ ଦିଅନ୍ତୁ, ମାତ୍ର ଅଳ୍ପ କିଛି ମିନିଟ୍। ତେବେ ମୁଁ ଶୀଘ୍ର କରି, ସିଧା ସଳଖ ମୁଖ୍ୟ ବିନ୍ଦୁ ନିକଟକୁ ପହଞ୍ଚିବାକୁ ଚେଷ୍ଟା କରିବି, କାରଣ ମୋର ସମୟ ସମାପ୍ତ ହେଉଅଛି।

ଧ୍ୟାନ ଦିଅନ୍ତୁ, ତେବେ ସେ କହିଲେ, "କଅଣ ସେଠାରେ ଆଉ ଜଣେ ନାହିଁ କି?"

131 ସେ କହିଲେ, "ହଁ, ମାତ୍ର ମୁଁ ତାକୁ ଘୃଣା କରେ। ସେ ସର୍ବଦା ମୋ ବିରୁଦ୍ଧରେ ଭବିଷ୍ୟତ୍‌ବାଣୀ କରୁଥାଏ। ସେ ମୋ ବିରୁଦ୍ଧରେ ମନ୍ଦ କଥା କହୁଥାଏ।"

"ଠିକ ଅଛି," କହିଲେ, "ଯାଇ ତାକୁ ଧରି ଆଣ।"

ସେ କହିଲେ, "ତାର ନାମ ମୀଖାୟ।"

132 ମାତ୍ର ଏହି ବ୍ୟକ୍ତିଙ୍କର ଯଥେଷ୍ଟ ଧର୍ମ ଥିଲା ଯେ ସେ ଜାଣିଥିଲେ ଯେ ଏହି ଲୋକମାନେ ଠିକ୍ ନୁହଁନ୍ତି।

133 ଏବଂ ଯେକୌଣସି ବ୍ୟକ୍ତି ଯିଏକି କେବେ, ଅଳ୍ପ ମାତ୍ରାରେ ବି, ପରମେଶ୍ୱରଙ୍କ ଆତ୍ମା ଦ୍ୱାରା ସ୍ପର୍ଶ କରା ହୋଇଥାନ୍ତି, ଜାଣନ୍ତି ଯେ ଏହି ବିଷୟଗୁଡିକ, ଯାହାକୁ ଆଜି ଖ୍ରୀଷ୍ଟିଆନ ଧର୍ମ ବୋଲି କୁହାଯାଏ, ଠିକ୍ ନୁହେଁ। "ଆପଣ ଜଗତକୁ, କିମ୍ବା ଜଗତର ବିଷୟବସ୍ତୁକୁ ଭଲ ପାଇପାରନ୍ତି ନାହିଁ। ଯଦି ଆପଣ କରନ୍ତି, ତେବେ ପରମେଶ୍ୱରଙ୍କ ପ୍ରେମ ଆପଣଙ୍କଠାରେ ନାହିଁ।" ବାଇବଲ ଏହା ହିଁ କୁହେ।

ତେବେ ଦେଖନ୍ତୁ। ସେ କହିଲେ, "ଯାଇ ତାକୁ ଧରି ଆଣ।" ଏବଂ ସେମାନେ ସେଠାରୁ ଗଲେ।

134 ଏବଂ ତାହାପରେ ସେ ଜଣେ ସାନ ପୁରୁଣା ବାର୍ତ୍ତାବହକୁ ସଙ୍ଗରେ ପଠାଇଲେ, ବୋଧହୁଏ, ମଣ୍ଡଳୀର ଦୀକନ ହୋଇଥିବେ, କିମ୍ବା ଅନ୍ୟ କେହି, ସେଠାକୁ ଯାଇ କହିଲେ, "ବର୍ତ୍ତମାନ ଦେଖ, ମୀଖାୟ, ଆମେ ତୁମକୁ ଏଠାରେ ଆହାବ ଏବଂ ଯିହୋଶାଫଟଙ୍କ ସମ୍ମୁଖକୁ ନେଇ ଆସିବାକୁ ଯାଉଅଛୁ। ତେବେ, ସେମାନେ ଦୁହେଁ ସେଠାରେ ବସିଛନ୍ତି, ଏବଂ ସେମାନେ ବର୍ତ୍ତମାନ ମହାନ ବ୍ୟକ୍ତିମାନେ ଅଟନ୍ତି। ସେମାନେ ଶିକ୍ଷକମାନେ ଏବଂ ସେମାନେ ପଣ୍ଡିତମାନେ ଅଟନ୍ତି। ଏବଂ ସେମାନଙ୍କ ପାଖରେ ତାଙ୍କର ଡିଗ୍ରୀ, ଏବଂ ଇତ୍ୟାଦି ସବୁ ରହିଛି। ଏବଂ ଆମର ଧାର୍ମିକ ବିଦ୍ୟାଳୟର ପ୍ରତ୍ୟେକଜଣ, ଏଠାରେ ଥିବା ଆମର ପ୍ରତ୍ୟେକ ମଣ୍ଡଳୀମାନ, ତାହା ପ୍ରଭୁଙ୍କର ଇଚ୍ଛା ବୋଲି ସମସ୍ତେ ସିଦ୍ଧ ରୂପେ ଏକମତ ଅଟନ୍ତି। ତେବେ, ତୁମେ ମଧ୍ୟ ସେହି ସମାନ କଥା କୁହ ଯାହା ସେମାନେ କହିଛନ୍ତି, ଏବଂ, ମୁଁ ତୁମକୁ କହିବି, ତୁମେ ଅଧିକ ଉତ୍ତମ ପୋଷାକ ପରିଧାନ କରିବ ଏବଂ କ୍ୟାଡିଲାକ୍ କାରରେ ଚଢି ଯାତ୍ରା କରିବ। ମୁଁ ତୁମକୁ କହୁଛି, ଯଦି ତୁମେ ତାହା କରିବ ତେବେ ତୁମେ କେବଳ ଜଣେ ମହାନ ବ୍ୟକ୍ତି ହେବେ। ହଁ, ମହାଶୟ। ତୁମେ ସମୃଦ୍ଧି ଲାଭ କରିବ।"

135 ମୀଖାୟ କହିଲେ, "ସଦାପ୍ରଭୁ ଜୀବିତ ଥିବା ପ୍ରମାଣେ, ମୁଁ କେବଳ ତାହା କହିବି ଯାହା ପରମେଶ୍ୱର କହିବେ।" ଆମେନ୍। ହଁ। ଓଃ, ସେଠାରେ ମୋ ମନର ମତ ଜଣେ ବ୍ୟକ୍ତି ଅଛନ୍ତି। "ମୋତେ ରୁଟି ଏବଂ ପାଣି ଭୋଜନ କରିବାକୁ ପଡିପାରେ," ଯାହାକି ସେ, "ତାହା କରିବା ପାଇଁ" କରିଥିଲେ। ତାଙ୍କୁ ହୁଏତ ଗୋଟିଏ ଗାଲରେ ଏବଂ ଅନ୍ୟଟିରେ ଚାପୁଡା ମରା ଯାଇପାରେ, କିଅବା ଯାହାକିଛି ବି ହେଉ, ମାତ୍ର ସେ ସତ୍ୟକୁ କହିଲେ ଏବଂ ତାହା ସପକ୍ଷରେ ଠିଆ ହେଲେ। ପରମେଶ୍ୱର ଏହାକୁ ସତ୍ୟ ବୋଲି ସୁନିଶ୍ଚିତ କରିଥିଲେ। ସେ ଏତେ ଲୋକପ୍ରିୟ ନ ଥିଲେ, ମାତ୍ର ସେ ପରମେଶ୍ୱରଙ୍କୁ ଜାଣିଥିଲେ।

136 ସେଠାରେ ସାନ ବୃଦ୍ଧ ମିଖାୟକୁ ଅଣାଗଲା। ସେ କହିଲେ, "ଠିକ୍ ଅଛି, ମୀଖାୟ, ତୁମେ ଏହା ବିଷୟରେ କଅଣ କହୁଛ?"

137 ସେ କହିଲେ, "ଯାଉନ୍ତୁ। ଯାଉନ୍ତୁ।" କହିଲେ, "ଶାନ୍ତିରେ, ଯାଉନ୍ତୁ। ଆଗକୁ ବଢନ୍ତୁ,

କୃତକାର୍ଯ୍ୟ ହେଉନ୍ତୁ, ତାହାହିଁ ଅଟେ ଯାହାକି ଆପଣ କରନ୍ତୁ ବୋଲି ମୁଁ ଚାହେଁ। ମାତ୍ର ମୁଁ ଇସ୍ରାଏଲକୁ ପର୍ବତମୟ ଦେଶରେ, ଜଣେ ମେଷପାଳକ ବିହୀନ, ଛିନ୍ନଛତ୍ର ହୋଇଥିବା ମେଷ ପରି ଦେଖେ। ତାହାହିଁ ଏହା ଅଟେ," ସେ କହିଲେ।

138 ଏବଂ ଯେତେବେଳେ ସେ ତାହା କଲେ; ଆଉ ସେତେବେଳେ ଆହାବ ଯିହୋଶାଫଟ ଆଡକୁ ବୁଲି ପଡ଼ି, କହିଲେ, "ମୁଁ ଆପଣଙ୍କୁ କଅଣ କହିଥିଲି? ସେହି ପବିତ୍ର-ପାଖଣ୍ଡ..." କିଅବା, ଯାହାକିଛି, ମୋତେ କ୍ଷମା କରନ୍ତୁ, କିଅବା, ଏହା ଯାହାକିଛି ବି ଥିଲା; ସେହି ଲୋକଟି କହିଲେ, "ତାହା...ମୁଁ ଆପଣଙ୍କୁ କଅଣ କହିଥିଲି? ସେହି ବ୍ୟକ୍ତି କେବଳ ମୋ ବିରୁଦ୍ଧରେ ମନ୍ଦ—ମନ୍ଦ ଭବିଷ୍ୟତ୍‌ବାଣୀ କରିବ। ମୁଁ କଅଣ କହିଥିଲି? 'ସେ କେବଳ ଆମର ମଣ୍ଡଳୀକୁ ନିନ୍ଦା କରିଥାଏ ଏବଂ ଆମର ସେବକମାନଙ୍କୁ ନିନ୍ଦା କରିଥାଏ, ଏବଂ ଆମର ଧର୍ମ ମାର୍ଗକୁ ନିନ୍ଦା କରିଥାଏ।' ମୁଁ ଆପଣଙ୍କୁ କଅଣ କହିଥିଲି? ସେ ଏହାକୁ କହିବ। ମୁଁ ତାହାକୁ ଜାଣେ। ମୁଁ ତାହା ଆଗରୁ ତାର ବାପାକୁ ବି ଜାଣିଥିଲି।" ଆମେନ୍। "ମୁଁ ତାହା ଆଗରୁ ତାର ବାପାକୁ ବି ଜାଣିଥିଲି।" ଉଃ-ହୁଃ, ହଁ, ମହାଶୟ, ପରମେଶ୍ୱରଙ୍କର ଜଣେ ବାସ୍ତବିକ ଲୋକ। କହିଲେ, "ମୁଁ ଜାଣିଥିଲି ଯେ ସେ ଏହା କହିବ।"

139 ଏବଂ ତେଣୁକରି ତେବେ ମୀଖାୟ କହିଲେ, "ହଁ," କହିଲେ, "ମୁଁ ଇସ୍ରାଏଲକୁ, ଏକ ପର୍ବତମୟ ଦେଶରେ, ମେଷପାଳକ ବିହୀନ, ଛିନ୍ନଛତ୍ର ହୋଇଥିବା ମେଷ ତୁଲ୍ୟ ଦେଖିଲି।" ଏବଂ ତେଣୁକରି ତେବେ ସେ କହିଲେ, "ମୁଁ ଦେ-..."

140 ଏବଂ ତାହାପରେ ସେହି ବ୍ୟକ୍ତିମାନଙ୍କ ମଧ୍ୟରୁ ଜଣେ ଯାହା ପାଖରେ ସେହି ବଡ଼ ଶିଙ୍ଗମାନ ଥିଲା, ଯାହା ସାହାଯ୍ୟରେ ଶତ୍ରୁମାନଙ୍କୁ ତଡି ଦେବାକୁ ଯାଉଥିଲେ, ଜଣେ ପ୍ରଚାରକ, ଚାଲିକରି ଗଲେ ଏବଂ ସାନ ମୀଖାୟଙ୍କୁ ଗୋଟିଏ ପାଖକୁ ଟାଣି ଆଣିଲେ, ଏବଂ ଯେତେ ଜୋର ପାରିଲେ ସେତିକି ଜୋର୍ ପାଟିରେ ତାଙ୍କୁ ଚାପୁଡା ମାରିଲେ, ଏବଂ କହିଲେ, "ପରମେଶ୍ୱରଙ୍କ ଆତ୍ମା ମୋ ପାଖରୁ ବାହାରି ଗଲାବେଳେ ତାହା କେଉଁ ପଥରେ ଗଲା? ଯଦି ତୁମେ ଜାଣିଥିବ।"

141 କହିଲେ, ମୀଖାୟ କହିଲେ, "ସେହି ସମୟ ପର୍ଯ୍ୟନ୍ତ ଅପେକ୍ଷା କର ଯେତେବେଳେ ତୁମେ ଏଠାରେ କାରାଗୃହରେ ରହିବ, ଏବଂ ତାହାପରେ ତୁମେ ଜାଣିବ ଯେ ଏହା କେଉଁ ପଥରେ ଗଲା।" ତାହା ଠିକ୍ ଅଟେ।

142 ସେହି ସମୟ ପର୍ଯ୍ୟନ୍ତ ଅପେକ୍ଷା କର ଯେତେବେଳେ ରୁଷ ଏଠାକୁ ଆସି, ରାଷ୍ଟ୍ରଗୁଡ଼ିକୁ ଏବଂ ସେହିପରି ବିଷୟସବୁ କରେ, ଏବଂ ଏହି ଦେଶର ପଶ୍ଚାଦ୍‌ଗମନ ହେତୁରୁ, ଏହାକୁ ଅଧିକାର କରେ, ଏବଂ ଆପଣ ଦେଖିବେ ଯେ କେଉଁଟି ଠିକ୍ ଏବଂ ଭୁଲ୍ ଅଟେ। ତାହା ଠିକ୍ ଅଟେ। ଆପଣ ଦେଖିବେ ଯେ ଆପଣଙ୍କର ଈଷଦୁଷ୍ଣ ଧର୍ମ କାମ କରିବ, କି ନାହିଁ।

143 ତେବେ ଏହି ରାଷ୍ଟ୍ର ଅଶ୍ରୁଜଳ ନିକଟକୁ ଆସୁ, ହାସ୍ୟ ଏବଂ ନାଟକକୁ ନୁହେଁ। ତେବେ ଏହି ରାଷ୍ଟ୍ର ପ୍ରାୟଶ୍ଚିତରେ, ନିଜର ଆଶ୍ରୁପାତ କରୁ। ତାହା ହିଁ ଅଟେ ଯାହାକି ଆମର ଆବଶ୍ୟକ। ବହୁ

ସଂଖ୍ୟାରେ ଲୋକମାନଙ୍କୁ ମଣ୍ଡଳୀକୁ ଆଣିବାର ଏକ ଉଦ୍ଦୀପନା ନୁହେଁ। ଆମକୁ ପ୍ରତ୍ୟେକ ମଦଶାଳାକୁ ବନ୍ଦ କରିବାକୁ ହେବ, ସମସ୍ତ ସିଗାରେଟ୍ ଧୂମପାନକୁ ବନ୍ଦ କରିବାକୁ ହେବ, କାରଖାନାଗୁଡ଼ିକୁ ଭାଙ୍ଗିଦେବାକୁ ହେବ। ଏକ ପ୍ରକୃତ, ପୁରୁଣା-କାଳିଆ, ପବିତ୍ରଆତ୍ମା ଅଭିଯାନ ଆରମ୍ଭ କରନ୍ତୁ; ଯେଉଁଠାରେକି ପୁରୁଷ ଓ ସ୍ତ୍ରୀଲୋକମାନେ, ଦିନରାତି, ସେମାନଙ୍କ ମୁହଁରେ ମାଡି, କାନ୍ଦି ରହୁଥିବେ। ମୁଁ ଆପଣଙ୍କୁ କହିବି, ଏହା ସବୁଠୁ ବଡ଼ ଆଶ୍ରୟସ୍ଥଳ ହେବ ଯାହାକି କେବେ ଏହି ଦେଶର ରହିଥିଲା। ତାହା ସତ ଅଟେ।

144 ତେବେ ବ୍ରାନହାମ୍ ଟେବର୍ନେକଲ ନିଜର ମୂର୍ଖତାକୁ ତ୍ୟାଗ କରୁ। ତେବେ ତାହା ଏଠାରେ ଯଜ୍ଞବେଦୀ ନିକଟକୁ ଫେରି ଆସୁ ଏବଂ ପରମେଶ୍ୱରଙ୍କ ସହିତ ଠିକ୍ ହୋଇଯାଉ। ପଡ଼ୋଶୀମାନଙ୍କ ସହିତ ସମ୍ବନ୍ଧ ଭଲ, ଏବଂ ସେହିପରି ବିଷୟ ସବୁ ରଖନ୍ତୁ, ଏବଂ ପରମେଶ୍ୱରଙ୍କ ସହିତ ଠିକ୍ ରୁହନ୍ତୁ। ଆପଣଙ୍କର କୌଣସି କଳି ଝଗଡା ଏବଂ ସେହିପରି ବିଷୟ-ସବୁ ହେବ ନାହିଁ; ଏହା ଜଗତର ଆକର୍ଷଣର ସ୍ଥାନ ହେବ। ତାହା ଠିକ୍। ତେବେ, ତାହା ସତ୍ୟ ଅଟେ।

145 ତେବେ ସେ କହିଲେ, "ପରମେଶ୍ୱରଙ୍କ ଆତ୍ମା ମୋ ଠାରୁ ବାହାରି କେଉଁ ପଥରେ ଗଲା?"

146 ଏବଂ ମୀଖାୟ କହିଲେ, "ମୁଁ ପରମେଶ୍ୱରଙ୍କୁ, ଏବଂ ତାହାଙ୍କର ସୈନ୍ୟଗଣକୁ, ତାହାଙ୍କର ପରିଷଦକୁ, ମହିମାରେ ବସିଥିବାର ଦେଖିଲି।"

147 ଆପଣ ଜାଣନ୍ତି, କେତେକ ସମୟରେ ଥରେ, ପରମେଶ୍ୱରଙ୍କର ସେଠାରେ ଉପରେ ଏକ ପରିଷଦ ବୈଠକ ହୁଏ। କେତେକ ସମୟରେ ଥରେ, ସେ—ସେ ସେଠାରେ ଉପରେ ସ୍ୱର୍ଗରେ, ତାହାଙ୍କର—ତାହାଙ୍କର ସ୍ୱର୍ଗୀୟ ପ୍ରାଣୀମାନଙ୍କୁ ଏକାଠି କରନ୍ତି ଏବଂ ଏକ—ଏକ ପରିଷଦ ବୈଠକ କରନ୍ତି।

148 ଏବଂ ମୀଖାୟ କହିଲେ, "ମୁଁ ତାହାଙ୍କୁ ଏକ ସିଂହାସନ ଉପରେ ବସିଥିବାର ଦେଖିଲି, ଏବଂ ସମସ୍ତ ଲୋକମାନେ ତାହାଙ୍କର ଡାହାଣ ଓ ବାମ ପାର୍ଶ୍ୱରେ ଠିଆ ହୋଇଥିଲେ।" ଏବଂ କହିଲେ, "ସେମାନେ ଆଲୋଚନା କରୁଥିଲେ, 'ତଳକୁ ଯାଇ ଆହାବଙ୍କୁ ପ୍ରତାରଣା କରିବା ନିମନ୍ତେ ଆମେ କାହାକୁ ପାଇପାରୁ, ଯେପରିକି ସେ ଏଠାରେ ବାହାରକୁ ଯାଇ ଏଲିୟଙ୍କ ଭବିଷ୍ୟତ୍‌ବାଣୀକୁ ପୂରଣ କରିବ? ପରମେଶ୍ୱର ଏହା କହି ସାରିଛନ୍ତି, ଯେ କଅଣ ଘଟିବାକୁ ଯାଉଅଛି, ତେଣୁ ଆମେ କେବଳ ଦେଖିବା ଯେ କିଏ ତଳକୁ ଯାଇପାରିବ।'

149 "ଏବଂ ଗୋଟିଏ ମିଥ୍ୟା ଆତ୍ମା ନିମ୍ନସ୍ଥ ସ୍ଥାନରୁ ଉଠି ଆସିଲା," ଅବଶ୍ୟ, ନରକରୁ, "ପରମେଶ୍ୱରଙ୍କ ସମ୍ମୁଖକୁ ଆସି କହିଲା, 'ମୁଁ ତଳକୁ ଯିବି, ଏବଂ ମୁଁ ସେହି ପ୍ରଚାରକମାନଙ୍କ ଉପରେ ଅଧିକାର କରିବି ଏବଂ ସେସମସ୍ତଙ୍କୁ ଏକ ମିଥ୍ୟା ଭବିଷ୍ୟତ୍‌ବାଣୀ କରାଇବାକୁ ପ୍ରବର୍ତ୍ତାଇବି।'" ଓଃ, ତାହା ସେମାନଙ୍କଠାରେ କ୍ରୋଧ ଜନ୍ମାଇଲା। ତାହା ସେମାନଙ୍କୁ ମଜାଳିଆ ଅନୁଭବ କରାଇଲା, ଯେତେବେଳେ, "ସେମାନେ କହିଲେ, 'ମୁଁ ତଳକୁ ଯିବି ଏବଂ

ସେହି ପ୍ରଚାରକମାନଙ୍କୁ, ସେମାନଙ୍କ ମଧ୍ୟରୁ ପ୍ରତ୍ୟେକଙ୍କୁ, ଏକ ମିଥ୍ୟା ଭବିଷ୍ୟତ୍‌ବାଣୀ କରାଇବି।'" ଏବଂ ସେ ଓହ୍ଲାଇ ଆସି ସେହି ପ୍ରଚାରକମାନଙ୍କ ମଧ୍ୟରେ ପ୍ରବେଶ କଲା, ଏବଂ ସେମାନେ ଏକ ମିଥ୍ୟା ଭବିଷ୍ୟତ୍‌ବାଣୀ କରିବାକୁ ଲାଗିଲେ।

150 ଏବଂ, ଭାଇ, ସେହି ସମାନ ପରମେଶ୍ୱର ଆଜି ମଧ୍ୟ ସେହି ସମାନ ସିଂହାସନ ଉପରେ ଶାସନ କରନ୍ତି। ଏବଂ ସେହି ସମାନ ମିଥ୍ୟାବାଦୀ ଆତ୍ମା ଆଜି ମଧ୍ୟ ସେହି ସମାନ କାର୍ଯ୍ୟ କରିଅଛି, ମିଥ୍ୟା ଭବିଷ୍ୟତ୍‌ବାଣୀ କରିଅଛି।

151 ସେମାନେ କହି ଚାଲିଥାନ୍ତି, "ଶାନ୍ତି, ଶାନ୍ତି, ଶାନ୍ତି," ପ୍ରଥମ ବିଶ୍ୱଯୁଦ୍ଧ ପରେ।

152 ଏହା କେଉଁଠାରୁ ଆସିଲା ତାହା ମୋତେ ଆପଣମାନଙ୍କୁ ଦେଖାଇବାକୁ ଦିଅନ୍ତୁ। ପ୍ରଥମ ବିଶ୍ୱଯୁଦ୍ଧରେ, ଯେତେବେଳେ ଫ୍ରାନ୍ସ, ସେଠାରେ, ସେମାନଙ୍କର ସମଲିଙ୍ଗୀ ନବେ ଦଶକରେ, ପରମେଶ୍ୱରଙ୍କଠାରୁ ବିମୁଖ ହୋଇଯାଇଥିଲା, ଏବଂ ଆରମ୍ଭ କଲା…

153 ତେବେ ମୁଁ ଅଳ୍ପ ଟିକିଏ ନୈତିକତା ଉପରେ କହିବାକୁ ଯାଉଅଛି, ଯେଣୁ ଆପଣମାନେ ସମସ୍ତେ ଅଳ୍ପ କିଛି ମିନିଟ୍ ପାଇଁ ପ୍ରକୃତରେ ନୀରବ ହୋଇ ବସି ରହିଥାନ୍ତୁ।

154 ଦେଖନ୍ତୁ, ସେଠାରେ ପଶ୍ଚାତ ସମୟରେ, ଆରମ୍ଭରେ, ଫ୍ରାନ୍ସରେ, ସେଠାରେ ହିଁ ଥିଲା ଯେଉଁଠାରେକି କୁପ୍ରକୃତି ଏବଂ ମନ୍ଦତା ପ୍ରଥମେ ଆରମ୍ଭ ହୋଇଥିଲା। ଯଦି ଜଗତରେ କେବେ ଏକ ଆବର୍ଜନା କେନ୍ଦ୍ର ଥିଲା, ତାହା ଥିଲା ଫ୍ରାନ୍ସର, ପ୍ୟାରିସ୍। ଏବଂ ମୁଁ ଏହାର ଅଧିକାଂଶ ସ୍ଥାନ ଭ୍ରମଣ କରି ସାରିଛି, ଏବଂ ତାହା ମୁଁ କଦାଚ ଦେଖିଥିବା ସବୁଠାରୁ ଖରାପ ସ୍ଥାନ ଅଟେ। ଏବଂ ଇଂଲାଣ୍ଡର, ଲଣ୍ଡନ ଏହାର କୌଣସି ବ୍ୟତିକ୍ରମ ନୁହେଁ। ଏବଂ ଯୁକ୍ତ ରାଷ୍ଟ୍ର ଆମେରିକା ଠିକ ଏହାର ପଦଚିହ୍ନରେ ଅନୁସରଣ କରୁଅଛି। ତାହା ଠିକ୍ ଅଟେ। ସେମାନେ ସେଠାରେ ଅଛନ୍ତି।

155 ପ୍ରତ୍ୟେକ ଥର ଯେତେବେଳେ ଆପଣ ନାରୀତତ୍ତ୍ୱର ନୈତିକତାଗୁଡିକୁ ଭଗ୍ନ କରନ୍ତି, ଆପଣ ରାଷ୍ଟ୍ରର ମେରୁଦଣ୍ଡକୁ ଭାଙ୍ଗି ଦିଅନ୍ତି।

156 ଏଠାରେ ଆପଣ, ନିଜ ନିଜର ଦେଶକୁ ଯାଆନ୍ତି, ଏବଂ କୁହନ୍ତି ଯେ ଆପଣ ଜଣେ ମିଶନାରୀ, ସେମାନେ ପସନ୍ଦ କରନ୍ତି ନାହିଁ…କୁହନ୍ତି, "ଆପଣ ଆମକୁ କଅଣ କରିବା ପାଇଁ କହିବାକୁ ଯାଉଅଛନ୍ତି, ଯେ ଆମ ପତ୍ନୀମାନଙ୍କ ବିଷୟରେ କିମ୍ୱା ଆମ ଝିଅମାନଙ୍କ ବିଷୟରେ କିପରି, ମନ୍ଦ ଗୀତଗୁଡିକୁ ଗାଇବା? କଅଣ ଆପଣ ଆମକୁ ନିଜର ପତ୍ନୀମାନଙ୍କୁ କିପରି ଛାଡପତ୍ର ଦେବାକୁ ଅଛି ତାହା କହିବାକୁ ଯାଉଛନ୍ତି? କଅଣ ଆମକୁ ଏହା ଶିକ୍ଷା ଦେବାକୁ ଯାଉଛନ୍ତି ଯେ ୱିସ୍କି କିପରି ପିଇବାକୁ ଅଛି ଏବଂ ସେହି ପଥରେ ଯେଉଁ ମାର୍ଗରେକି ଆମେମାନେ ଯାଉଅଛୁ କିପରି ଯିବାକୁ ଅଛି?" ତାହା ହିଁ ଅଟେ ଯାହାକି ଆମେମାନେ ଅଟୁ।

157 ଆମେମାନେ ନିଜକୁ ଧାର୍ମିକ ରାଷ୍ଟ୍ର, ଖ୍ରୀଷ୍ଟିଆନ ରାଷ୍ଟ୍ର ବୋଲି କହିଥାଉ। ତେବେ, ଆଫ୍ରିକାର ସେହି "ପ୍ରତିମାପୂଜକମାନେ" ଆମକୁ ନୈତିକତା ବିଷୟ ଶିକ୍ଷା ଦେଇପାରିବେ, ଯେ କିପରି ଜୀବନ ଯାପନ କରିବାକୁ ଅଛି। ଯୁକ୍ତରାଷ୍ଟ୍ରରେ, କିମ୍ୱା ପ୍ରାୟଃ, ବିଶ୍ୱରେ ସବୁଠାରୁ ମନ୍ଦ ସ୍ଥାନ, ହେଉଛି ଏହି ରାଷ୍ଟ୍ର, ଯେପରି ଭାବରେ ଏହା ରହିଅଛି। ମୁଁ ନିଶ୍ଚିତରେ, ଜଣେ

ଆମେରିକୀୟ ଅଟେ । ମାତ୍ର, ଭାଇ, ମୁଁ ଏଥିରେ କିଛି କରିପାରେ ନାହିଁ, ଯେ ଆହାବ କିମ୍ବା ଯିହୋଶାଫଟ୍ ପୂର୍ବରୁ ଯେତେବେଳେ...ଏବଂ ମୋତେ ତ ତାହା କହିବାକୁ ଅଛି ଯାହା ପରମେଶ୍ୱର ସତ୍ୟ ବୋଲି କହୁଛନ୍ତି । ତାହା ହିଁ ଅଟେ ଯାହା ପାଇଁ ଆଜି, ମଣ୍ଡଳୀକୁ ଛିଡା ହେବା ଆବଶ୍ୟକ । ଯଦି ଏହା ରାଷ୍ଟ୍ର ଏବଂ ପରମେଶ୍ୱରଙ୍କ ମଧ୍ୟରେ କଥା ଆସେ, ତେବେ ଏହା ସର୍ବଦା, ପରମେଶ୍ୱର ହିଁ ଅଟନ୍ତି । ହିଁ, ମହାଶୟ ।

158 ଧ୍ୟାନ ଦିଅନ୍ତୁ, ଫ୍ରାନ୍ସରେ, ସେମାନେ ସେମାନଙ୍କର ସମସ୍ତ ମନ୍ଦତା ବିଷୟ ଆରମ୍ଭ କରିଥିଲେ, ଏବଂ ସେହିପରି ଭାବରେ କରି ଚାଲିଲେ ଯେପରି ଭାବରେ ସେମାନେ ସେଠାରେ ରହୁଥିଲେ । ଏବଂ ତାହାପରେ ପରମେଶ୍ୱର ସେମାନଙ୍କୁ ଟିକିଏ ଆଘାତ କରିବା ପାଇଁ, ସେଠାରେ ଜର୍ମାନୀକୁ ସେମାନଙ୍କ ମଧ୍ୟକୁ ପଠାଇଲେ । ତାହାପରେ ଆମେମାନେ ସେଠାରେ ସେମାନଙ୍କୁ ରକ୍ଷା କରିବା ପାଇଁ ଗଲୁ । ଏବଂ ଆମେମାନେ ତାହା କରି, ଯୁଦ୍ଧରେ ଜିତିବା ମାତ୍ରକେ, ଜର୍ମାନ ସୈନ୍ୟମାନଙ୍କୁ ପଠାଇ ଦେଲୁ, ଏବଂ ଫ୍ରାନ୍ସ ସହିତ ଶାନ୍ତି ସ୍ଥାପନ କଲୁ, କଅଣ ସେମାନେ ପରମେଶ୍ୱରଙ୍କ ନିକଟକୁ ଫେରିଲେ କି? ନା, ମହାଶୟ । ନାରୀ, ଦ୍ରାକ୍ଷାରସ, ଦୁଷ୍କର୍ମ, ପାପ ଏବଂ ଗଭୀର ପର୍ଯ୍ୟନ୍ତ ଅଶୁଚିତା ବ୍ୟାପ୍ତ ରହିଥିଲା ।

159 ତାହାପରେ ସେମାନେ କଅଣ କଲେ? କଅଣ ଘଟିଲା? ଏଠାରେ ହିଁ ଥିଲା ଯେଉଁଠାରେ ସେ ଆରମ୍ଭ କରିଥିଲା । ଶୟତାନ ନିଜର ମୁଖ୍ୟାଳୟ ସେଠାରେ ସ୍ଥାପନ କଲା । ଠିକ ସେଠାରେ ହିଁ ଅଟେ, ଯେଉଁଠାରେକି ସେ ଆରମ୍ଭ କରିଥିଲା, ଫ୍ରାନ୍ସର, ପ୍ୟାରିସଠାରୁ, ଯେ ତାହା ବିଶ୍ୱକୁ ଦୁର୍ବଳ କରେ ।

160 ତାହାପରେ, ଯଦି ଆପଣମାନେ ଧ୍ୟାନ ଦେବେ, ସେ ଏଠାରେ ସେବାକାର୍ଯ୍ୟ ଦେଇ ପ୍ରବେଶ କରିପାରିବ ନାହିଁ, ତେଣୁକରି ଗୋଟିଏ କାର୍ଯ୍ୟ ଯାହା ସେ କଲା ତାହା ହେଲା ଏଠାରେ ରହିଥିବା ହଲିଉଡ ସିନେମା ଜଗତ ମଧ୍ୟକୁ ପ୍ରବେଶ କରିଗଲା । ସେ ନିଜର ସ୍ଥାପନ କଲା ହଲି-...ସେ ଏଠାରେ ହଲିଉଡରେ ନିଜର ମୁଖ୍ୟାଳୟ ସ୍ଥାପନ କଲା । ଶୟତାନ କିଛି ବର୍ଷ ପୂର୍ବେ, ପନ୍ଦର କିମ୍ବା କୋଡ଼ିଏ ବର୍ଷ ପୂର୍ବେ, ତାର ମହାନ ସୈନ୍ୟବାହିନୀ ସହିତ, ଏଠାରେ ଅବତରଣ କଲା, ଏବଂ ଯାଇ, କାଲିଫର୍ଣ୍ଣିଆ ସ୍ଥିତ, ହଲିଉଡକୁ ଘାତ କଲା । ଏବଂ ସେ ତାର ଶୈତାନିକ ଶକ୍ତି ଦ୍ୱାରା ଆମେରିକା ଉପରେ ଆକ୍ରମଣ କରିଅଛି । ଠିକ୍ ଅଛି । ଆମର ସମସ୍ତ ଫ୍ୟାସନ ଶୈଳୀ ପ୍ୟାରିସରୁ ଆସିଥାଏ । ସେମାନେ ଏହାକୁ ହଲିଉଡରେ, ପରଦା ଉପରେ ନେଇ ଆସିଛନ୍ତି । ଏହି ସାନ ସାନ ଝିଅମାନେ ଏବଂ ସାନ ସାନ ପୁଅମାନେ, ଏବଂ ଜିନିଷସବୁ, ଏଠାରେ ବାହାରି ଯାଆନ୍ତି, ସେମାନେ ସେହି ପରଦାରେ ଛବିଗୁଡିକୁ ଦେଖନ୍ତି ।

161 ସୁନ୍ଦର ସାନ ସାନ ପିଲାମାନେ, ଉତ୍ତମ ସାନ ପିଲାମାନେ, ସେମାନଙ୍କ ବିରୁଦ୍ଧରେ କିଛି ହେଲେ ନାହିଁ । ପରମେଶ୍ୱର ସେମାନଙ୍କର ଛୋଟ ହୃଦୟକୁ ଆଶୀର୍ବାଦ କରନ୍ତୁ । ମୋର ହୃଦୟ ସେମାନଙ୍କ ପାଇଁ ରକ୍ତାକ୍ତ ହୁଅଇ ।

162 ଏବଂ ଠିକ୍ ଏଠାରେ ସହରରେ, ଅନ୍ୟ ଏକ ଦିନ, ମୁଁ ମୋ ପୁଅ ମଧ୍ୟରୁ...ଜଣକା

ସହିତ...ଜଣେ ସହିତ କଥାବାର୍ତ୍ତା କରୁଥିଲି । ସେ କହିଲା, "ବାପା, ଯଦି ସେଠାରେ ସହରରେ, କିଛି ପିଲାମାନେ ଥିବେ, ଯାହାଙ୍କ ପାଖରେ ପବିତ୍ରଆତ୍ମା ଥିବ," ଏବଂ ପ୍ରଭୃତି ସବୁ । କଅଣ ଆପଣମାନେ ଭାବୁଛନ୍ତି ଯେ ମୁଁ କାହିଁକି କଲୋରାଡୋ ସ୍ଥିତ, ଡେନ୍‌ଭର, କିମ୍ବା ସେହିପରି କୌଣସି ସ୍ଥାନକୁ ଯାଉଥିଲି? ମୋ ପିଲାମାନଙ୍କୁ ଏପରି କୌଣସି ସ୍ଥାନକୁ ନେଇଯିବାକୁ ଚାହୁଁଥିଲି ଯେଉଁଠାରେକି ଏପରି ଲୋକ ସମୂହ ରୁହନ୍ତି ଯେଉଁମାନେକି ପରମେଶ୍ୱରଙ୍କ ନିକଟରେ କ୍ରନ୍ଦନ କରନ୍ତି; ଭାଇ, ଆମକୁ ତାହା ଆବଶ୍ୟକ ଅଟେ ।

163 ଏହି ଦେଶ, ଏହି ରାଷ୍ଟ୍ର, ଏହି ସହର, ଏହି ସ୍ଥାନ, ନୈତିକ ଭାବରେ ଏତେ ପତିତ ହୋଇ ଯାଇଅଛି ଯେ ଏହା ଦୟନୀୟ ଅଟେ । ଯଦି ମୁଁ କେବଳ ଠିକ ବର୍ତ୍ତମାନ ହିଁ ଏହା ପ୍ରକାଶ କରିପାରନ୍ତି ଯାହାକୁ ମୁଁ ଠିକ ଏଠାରେ ସତ୍ୟ ବୋଲି ସମ୍ପୂର୍ଣ୍ଣ ଭାବେ ଜାଣେ, ତେବେ ଏହା ତ ଏପରିକି ଏକ ମିଶ୍ରିତ ଦର୍ଶକବୃନ୍ଦଙ୍କ ଆଗରେ ସୁଦ୍ଧା ଉପସ୍ଥାପନା ଯୋଗ୍ୟ ନୁହେଁ । କିମ୍ବା, ଠିକ୍ ଏଠାରେ ତାଙ୍କର ଏହି ସହରରେ; କେବଳ ଏଠାରେ ନୁହେଁ, ମାତ୍ର ଅନ୍ୟାନ୍ୟ ସ୍ଥାନଗୁଡିକରେ, ସର୍ବତ୍ର, ଏହା ଏକ ସରଳ ଭାବରେ ଆସିବାକୁ ଆରମ୍ଭ କରେ...

164 କାରଣ କାହିଁକି? ସେହି ଲୋକମାନେ...ଦେଖନ୍ତୁ, ବନ୍ଧୁଗଣ, ଏହା ବହୁତ ଚତୁର ଅଟେ । ଏହା ଏତେ ସହଜରେ ଆସିଥାଏ, ଯେ ଏପରିକି ଏହା ଆପଣଙ୍କୁ ହତାଶ କରେ । ଶୟତାନ ଫ୍ୟାଶନ ଶୈଳୀରେ ରହିଥାଏ । ସେ ହୁଏତ ଫ୍ୟାଶନ୍‌ରୁ ବାହାରି ନ ଯାଇ ଥାଇପାରେ, ମାତ୍ର ସେ ବ୍ୟବସାୟରୁ ବାହାରି ଯାଇ ନାହିଁ, ମୁଁ ଆପଣଙ୍କୁ ତାହା କହିବି । ସେ ଏବେ ବି ବେପାରରେ ଅଛି ।

165 ଦେଖନ୍ତୁ, ଆଜି । ଯେପରିକି ମୁଁ କିଛି ସମୟ ପୂର୍ବରୁ କହିଥିଲି, ସେହି ସାନ ମହିଳା ବିଷୟରେ, ଗୋଟିଏ ଗୋଲାପ ସହିତ ଜଣେ ସାନ ବୟସ୍କ ଝିଅଟିକୁ, ଆମେ ନେବା । ଉଦାହରଣ ସ୍ୱରୂପ, ସେହି ଗୋଲାପ, ଏହା ବହୁତ ସୁନ୍ଦର; ଏହା ସେଠାରେ ଦେଖାଯିବା ନିମନ୍ତେ ଅଛି, ତାହା ସତ ଅଟେ । ଏବଂ ତାହା ଠିକ୍ ମଣ୍ଡଳୀ ପରି ଅଟେ, ଏହା ସେଠାରେ ଦେଖାଯିବା ନିମନ୍ତେ ଅଛି । ଜଣେ ସୁନ୍ଦର ସାନ ସ୍ତ୍ରୀଲୋକ ପରି, ସେ ସେଠାରେ ଦେଖାଯିବା ନିମନ୍ତେ ଅଛନ୍ତି । ତାହା ଠିକ୍ ଅଟେ । ମାତ୍ର ଯଦି ସେ...ସେ ଉତ୍ତମ ଅଟନ୍ତି, ଅର୍ଥାତ୍, ସେ ତାଙ୍କ ସ୍ୱାମୀଙ୍କ ପାଇଁ ଅଟନ୍ତି, ସେ—ସେ ଠିକ୍ ଅଛନ୍ତି । ମାତ୍ର ଯଦି ସେହି ମହିଳାଙ୍କ ପାଖରେ ସେଠାରେ ନିଜକୁ ରକ୍ଷା କରିବା ପାଇଁ ସେହି ନୈତିକ ଖଣ୍ଡ ନାହିଁ, ତେବେ ସେ ସମାଜ ଏବଂ ମଣିଷ ପାଇଁ ଏକ ଋଣଗ୍ରସ୍ତ ହୋଇଯାଏ; ସେ ଏତେ ନିମ୍ନଗାମୀ ଓ ଘୃଣ୍ୟ ଏବଂ ପତିତ ହୋଇଯାଏ ଯେ ଏପରିକି କୁକୁରମାନେ ସୁଦ୍ଧା ତାକୁ ଦେଖିବେ ନାହିଁ । ତାହା ଠିକ୍ ଅଟେ ।

166 ଏବଂ ଜୀବନ୍ତ ପରମେଶ୍ୱରଙ୍କ ମଣ୍ଡଳୀ ପାଇଁ ସେହି ସମାନ କଥା ପ୍ରଯୁଜ୍ୟ ହୁଏ । ସେମାନେ ଏଠାରେ ବାହାରି ଯାଇ ନିଜକୁ ଚାକଚକ୍ୟତାରେ ଓ ସେହିପରି ବିଷୟବସ୍ତୁରେ ସୌନ୍ଦର୍ଯ୍ୟୀକୃତ କରିବାକୁ ଚେଷ୍ଟା କରନ୍ତି, ଏବଂ ଏପରି ଆଚରଣ କରନ୍ତି...ସେମାନେ ନିଜର ସ୍ତ୍ରୀଲୋକମାନଙ୍କୁ ଠିକ, ଏଠାରେ ଉଲଗ୍ନ କରି ଦିଅନ୍ତି...ଏବଂ ଲୋକମାନେ ଏହା ହୃଦୟଙ୍ଗମ

କରନ୍ତି ନାହିଁ ଯେ ଏହି ଶୟତାନମାନେ ଆପଣଙ୍କ ଘର ଉପରେ ଆକ୍ରମଣ କରୁଛନ୍ତି ।

167 ଅନ୍ୟ ଦିନ ଠିକ ମୋ ପଡ଼ୋଶରେ, ଜଣେ ଯୁବା ମହିଳା, ଯାହା ମୁଁ ଭାବୁଛି ଯେ ଜଣେ ସୁନ୍ଦର ସ୍ତ୍ରୀଲୋକ ଅଟନ୍ତି, ଏବଂ ସେ ଜଣେ ବିବାହିତା ସ୍ତ୍ରୀଲୋକ ଅଟନ୍ତି, ଗୋଟିଏ ସନ୍ତାନ ରହିଛି, ଏବଂ ସେହି ସାନ ସ୍ତ୍ରୀଲୋକ ଜଣକ ସେଠାକୁ ଆସିଲେ, ପୁରୁଷ କିଛି କାମ କରିବା ନିମନ୍ତେ ରାସ୍ତାକୁ ଆସିଥିଲେ, ଏବଂ ଏହି ସାନ ମହିଳାଟି ସେଠାରେ, ସେହି ଛୋଟ ଛୋଟ ପୁରୁଣା ପୋଷାକଗୁଡିକୁ ପିନ୍ଧି ସେମାନଙ୍କ ସମ୍ମୁଖକୁ ବାହାରି ଗଲେ, ତାହା ଭୟଙ୍କର ଥିଲା ।

168 ଏହା ଏକ ଭୟଙ୍କର ମାତୃ ଦିବସ ବକ୍ତୃତା ଅଟେ, ମାତ୍ର, ମୋର ଭାଇ, ମୋତେ ଆପଣଙ୍କୁ କିଛି କହିବାକୁ ଦିଅନ୍ତୁ: ମାଆ, ପୁନର୍ବାର ମାଆ ହେବା ବିଷୟ ନିକଟକୁ ଫେରି ଆସନ୍ତୁ!

169 ଏପରିକି ଏକ ଛୋଟ ପିଲା ପ୍ରତି ଯିଏକି ଆମ ପଡ଼ୋଶକୁ ପରିଦର୍ଶନ ନିମନ୍ତେ ଆସିଥିଲା, ସେ ଆସି ଆମକୁ ଏହା ବିଷୟରେ କହିଲା, "ସେଠାରେ ଦେଖନ୍ତୁ ।"

ମୁଁ କହିଲି, "ତେବେ, ତାହା କିଛି ନୁହେଁ ।"

170 ସେହି ସ୍ତ୍ରୀଲୋକ ଜଣେ ସୁନ୍ଦର ସ୍ତ୍ରୀଲୋକ ଅଟନ୍ତି । ମୁଁ ଏହା କହୁ ନାହିଁ ଯେ ସେ ନୈତିକ ଭାବେ ହ୍ରାସ ପାଇଛନ୍ତି । ମାତ୍ର, ଏହାର ମୂଖ୍ୟ ବିଷୟ ହେଉଛି, ସେଠାରେ ତାଙ୍କ ଉପରେ ଏକ ଦୁଷ୍ଟ, ଅପରିଷ୍କାର ଆତ୍ମା ଅଛି, ଯାହାକି ତାଙ୍କୁ ତାହା କରାଉଅଛି, ଏବଂ ସେ ଏହା ଜାଣନ୍ତି ନାହିଁ ।

171 ଜଗତରେ ଏପରି କଅଣ ଅଛି ଯେ ଜଣେ ମାତା, କିମ୍ବା କେହି ବି, ସେହି ଛୋଟ ଛୋଟ ପୁରୁଣା ମନ୍ଦ ପୋଷାକଗୁଡିକୁ ପିନ୍ଧିବାକୁ ଚାହିଁବେ, ଏବଂ ଆପଣାକୁ ପୁରୁଷମାନଙ୍କ ସମ୍ମୁଖରେ ଦେଖାଇ ହେବାକୁ ଚାହିଁବେ? ଆପଣ ସୁନ୍ଦର ଅଟନ୍ତି, ଭଉଣୀ । ଆପଣ ସୁନ୍ଦର ଅଟନ୍ତି, ମାଆ । ମୁଁ ଆପଣଙ୍କ ପାଇଁ ପରମେଶ୍ୱରଙ୍କୁ ଧନ୍ୟବାଦ ଦେଉଅଛି । ମାତ୍ର, ଆପଣ ସୁନ୍ଦର ଅଟନ୍ତି, କିନ୍ତୁ ଯଦି ଆପଣଙ୍କ ପାଖରେ ସେହି ନୈତିକତାକୁ ରକ୍ଷା କରିବା ପାଇଁ ପବିତ୍ରଆତ୍ମା ନାହିଁ, ତାହାହେଲେ ଏହା ଉତ୍ତମ ହୋଇଥାନ୍ତା ଯେ ଆପଣ ଅସୁନ୍ଦର ଦିଶୁଥାନ୍ତେ ଯେପରିକି କେହି ହେଲେ ଆପଣଙ୍କୁ ଦେଖନ୍ତେ ନାହିଁ, ଏବଂ ସ୍ୱର୍ଗକୁ ଯାଇଥାନ୍ତେ । ତାହା ଠିକ୍ ଅଟେ । ତାହା ସତ ଅଟେ । ଆପଣ କଅଣ କରୁଛନ୍ତି ଦେଖନ୍ତୁ; ସେହି ନୈତିକତା ।

172 ତେବେ, ଏହା କଅଣ ଅଟେ, ଶୟତାନ ଭିତରକୁ ଆସିଅଛି ଏବଂ ସେ ଲୋକମାନଙ୍କୁ ଏହି କଥା କହିଅଛି । ସେ ପ୍ରଚାରକମାନଙ୍କ ମଧ୍ୟରେ ପ୍ରବେଶ କରିଅଛି; ସେ ହଲିଉଡର ନମୁନାକୁ ଅନୁସରଣ କରୁଅଛି । ସେହି ଝିଅମାନେ ଏବଂ ସେହି ଯୁବା ମହିଳାମାନେ, ସେମାନେ ହଲିଉଡର ପଦଚିହ୍ନକୁ ଅନୁସରଣ କରୁଅଛନ୍ତି । ଆଜି ଦେଶରେ ସେମାନଙ୍କ ପାଖରେ ଯାହା ସର୍ବୋତ୍ତମ ଜିନିଷ ଅଛି ତାହା ହେଲା, ସବୁଠାରୁ ନୈତିକ-ବିହୀନ ବିଷୟ ଯାହା ଆପଣ ଶୁଣିପାରନ୍ତି, ଯାହା ବିଷୟରେ କଥାବାର୍ତ୍ତା କରାଯାଏ; ସମସ୍ତ ରେଡିଓ କଥାବାର୍ତ୍ତା ।

173 ସୁଶ୍ରୀ କେ ଷ୍ଟାର୍ ଭଳି କୌଣସି ବୃଦ୍ଧା ସ୍ତ୍ରୀଲୋକ, ତାଙ୍କ ବିରୁଦ୍ଧରେ କିଛି ନାହିଁ; ମାତ୍ର ପଚାଶ ବର୍ଷ ବୟସ୍କା, ଏବଂ ସମସ୍ତ କିଛି ବିଷୟ ସହିତ, ଜଣେ ବୃଦ୍ଧା ସ୍ତ୍ରୀଲୋକଙ୍କୁ ଦେଖିବା, ତାଙ୍କ ପୋଷାକ ସବୁ ତାଙ୍କ ଦେହରେ ଚିପି ହୋଇ ରହିଥିଲା, ଯେପରିକି ତାଙ୍କୁ ଏକ ଭୋଜନ

ଅଖାରେ ଢାଳି ଦିଆଯାଇଛି । ମୁଁ ଏହାକୁ ଏକ ଥଟ୍ଟାଳିଆ ଭାବରେ କହୁ ନାହିଁ, କାରଣ ମୁଁ ସେହି ଜିନିଷଗୁଡ଼ିକ ବିରୁଦ୍ଧରେ କହୁଅଛି । ମାତ୍ର ଜଣେ ସ୍ତ୍ରୀଲୋକ ସେପରି ଭାବରେ ଆଚରଣ କରୁଥିବା, ଏବଂ ଠିଆ ହୋଇ ଜଣେ ଯୁବା ଆମେରିକୀୟ ସ୍ତ୍ରୀଲୋକଙ୍କ ପାଇଁ ଏକ ଉଦାହରଣ ହେବା, ଏହା ଆମ ଦେଶ ପାଇଁ ଏକ ରଣ ଅଟେ । ଏହା ଶୟତାନ ଅଟେ ।

174 ଆର୍ଥର୍ ଗଡଫ୍ରେ ଏବଂ ସେହିପରି ବ୍ୟକ୍ତିମାନେ ଏଠାରେ ଦୌଡୁଛନ୍ତି, ସେମାନେ ଯେଉଁ ସବୁ କାର୍ଯ୍ୟ କରୁଛନ୍ତି, ଏବଂ ଦେଶର ସବୁଠାରୁ ଜଣାଶୁଣା ପୁରୁଷମାନେ ସେହିପରି କରିବା, ଏବଂ, କାହିଁକି, ଏହା ତ ଏକ ଅପମାନ ଅଟେ ।

175 ହାଲ୍ଲେଲୁୟା! ଏଇଥି ପାଇଁ କୁହେ କାରଣ ମୁଁ ଅନୁଭବ କରେ ଯେ ପବିତ୍ରଆତ୍ମା ଏଠାରେ ଅଛନ୍ତି । ସେହି ଆକ୍ରମଣ ଚାଲିଛି, କେବଳ ଗୋଟିଏ ଘରୁ ଅନ୍ୟ ଘରକୁ, ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ, ଗୋଟିଏ ମଣ୍ଡଳୀରୁ ଅନ୍ୟ ମଣ୍ଡଳୀକୁ, ଗୋଟିଏ ବ୍ୟକ୍ତିଠାରୁ ଅନ୍ୟ ବ୍ୟକ୍ତି ପର୍ଯ୍ୟନ୍ତ ।

176 ପିଲାମାନେ, ଯୀଶୁ ଖ୍ରୀଷ୍ଟଙ୍କ ନାମରେ, ଉଦ୍ଦୀପନାର ନୈତିକ ମୂଲ୍ୟ ବୋଧ ଏବଂ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ସହିତରେ ଛିଡା ହୁଅ, ଏବଂ କୁହ, "ପ୍ରଭୁଙ୍କ ତୁଚ୍ଛୀକୃତ ଅଳ୍ପ ଲୋକଙ୍କ ସହିତ ମୁଁ ମାର୍ଗ ଗ୍ରହଣ କରିବି ।" ହଁ, ମହାଶୟ । "ମୁଁ ଜଣେ ପ୍ରକୃତ ମାତା ହେବି ।" "ମୁଁ ଜଣେ ପ୍ରକୃତ ବାପା ହେବି ।"

> ଯେତେବେଳେ ସମଗ୍ର ଜଗତ, ଏବଂ ସମସ୍ତେ ଚାରିଆଡ଼େ, ମୋ
> ପ୍ରାଣର ଚାରିଆଡ଼େ ସମସ୍ତେ ଆଶା ଛାଡି ଦିଅନ୍ତି,
> ତେବେ ସେ ମୋର ସମସ୍ତ ଭରସା ଏବଂ ସ୍ଥିତି ଅଟନ୍ତି ।
>
> କାରଣ ଖ୍ରୀଷ୍ଟ, ସେହି ଦୃଢ ଶୈଳ ଉପରେ, ମୁଁ ଠିଆ ହୋଇଛି;
> ଅନ୍ୟ ସମସ୍ତ ଭୂମି ଧସି ଯାଉଥିବା ବାଲୁକା ଅଟେ,
> ଅନ୍ୟ ସମସ୍ତ ଭୂମି...

177 କେଉଁ ବିଷୟ ଏହି ସବୁ କଲା? କେଉଁ ବିଷୟ ସେବକଗଣଙ୍କୁ ଏହିପରି ଆଚରଣ କରାଇବାକୁ ବାଧ୍ୟ କଲା? କେଉଁ ବିଷୟ ପ୍ରଚାରକଗଣଙ୍କୁ ଲୋକମାନଙ୍କ ନିକଟରେ ଏହି ମିଥ୍ୟାକୁ ଭବିଷ୍ୟତ୍‌ବାଣୀ କରିବାକୁ ପ୍ରବର୍ତ୍ତାଇଲା?

178 ଏହା ଅନେକ ବର୍ଷ ପୂର୍ବରୁ, କାହିଁକି ଥିଲା, ଯେ ଆପଣ ମେଥୋଡିଷ୍ଟ ଲୋକମାନେ... ଯେତେବେଳେ ବୃଦ୍ଧ ଜନ୍ ସ୍ମିଥଙ୍କୁ ସୁସମାଚାର ପ୍ରଚାର କରିବା ପାଇଁ, ତାଙ୍କୁ ଟେକି କରି ପ୍ରଚାର ମଞ୍ଚକୁ ନିଆ ଯାଉଥିଲା, ଏବଂ ସେ ଚାରି ଘଣ୍ଟାର ଏକ କ୍ଷୁଦ୍ର ଉପଦେଶ ପ୍ରଚାର କରିଥିଲେ । ଏବଂ ସେ କହିଲେ, "ଏହାର ସମସ୍ୟା ହେଉଛି, ଯେ ମୋର ହୃଦୟ ଭାଙ୍ଗି ଚୂର୍ଣ୍ଣ ଚୂର୍ଣ୍ଣ ହେଉଅଛି ।" ସେ କହିଲେ, "ଏପରିକି ମେଥୋଡିଷ୍ଟ ଝିଅମାନେ ସେମାନଙ୍କ ଆଙ୍ଗୁଠିରେ ମୁଦି ପିନ୍ଧୁଛନ୍ତି ।"

179 ଏବଂ, ଆଜି, ସେମାନେ ଛୋଟ ଛୋଟ ପେଣ୍ଟ ଏବଂ ଛୋଟ ପୁରୁଣା ମଇଳା ପୋଷାକ ପିନ୍ଧୁଛନ୍ତି । ଏବଂ ଯଦି କିଛି କରା ନ ଯାଏ, ତାହାହେଲେ ଆଗକୁ ପାଞ୍ଚ ବର୍ଷ ମଧ୍ୟରେ, ସେମାନେ ସମ୍ପୂର୍ଣ୍ଣ ନଗ୍ନ ହୋଇଯିବେ । ଆପଣ ମେଥୋଡିଷ୍ଟ ପ୍ରଚାରକମାନେ, ଆପଣ

କ୍ୟାମ୍ପବେଲାଇଟମନେ, ଆପଣ ବାପ୍‌ଟିଷ୍ଟମାନଙ୍କ ସହିତ ମାମଲା କଅଣ ହୋଇଛି? ହଁ, ମହାଶୟ। ଏହା ଶୟତାନ ଅଟେ, ଯିଏକି ନିଜର ଶକ୍ତିକୁ କାର୍ଯ୍ୟକାରୀ କରୁଅଛି, ଏବଂ ସେ ଏଠାରେ ନିଜର ଖଳ ବିଷୟକୁ ରଖିଅଛି।

180 ଏବଂ ଆପଣ ଏହାକୁ ହୃଦୟଙ୍ଗମ କରନ୍ତି ନାହିଁ, ଆପଣ ସିଗାରେଟ୍ ଟାଣନ୍ତି, ଆପଣ ସ୍ତ୍ରୀଲୋକମାନେ, ଏବଂ ସେହିପରି ଭାବରେ ଆଚରଣ କରୁଥାନ୍ତି ଯେପରି ଆପଣ ସେଠାରେ ବାହାରେ କରୁଛନ୍ତି, ଏବଂ ମଦ୍ୟପାନ କରନ୍ତି ଓ ସେପରି ଭାବରେ କାର୍ଯ୍ୟ କରନ୍ତି ଯାହା ଆପଣ କରୁଛନ୍ତି, ଆପଣ ଏହା ହୃଦୟଙ୍ଗମ କରନ୍ତି ନାହିଁ ଯେ ଆପଣ ନିଜର ବ୍ୟବସ୍ଥାକୁ ବିଷ ଦେଉଅଛନ୍ତି, ଏବଂ ସମଗ୍ର ପୀଢୀକୁ ନଷ୍ଟ କରୁଅଛନ୍ତି ଯାହାକି ଆପଣଙ୍କର ଅନୁଗାମୀ ହେବ, ଯଦି ସେଠାରେ ଏପରି କିଛି ବିଷୟ ଥାଏ। ସିଗାରେଟ ଟାଣିବା ଦ୍ୱାରା, କର୍କଟ ରୋଗରେ ଆକ୍ରାନ୍ତ ହେବାର ସମ୍ଭାବନା ପଞ୍ଚା-ଅଶି ପ୍ରତିଶତ ଅଧିକ ଅଟେ, ଏବଂ ଆପଣ ଜାଣିଶୁଣି ତାହା ଭିତରକୁ ଚାଲି ଯାଆନ୍ତି। ଏବଂ ମଣ୍ଡଳୀମାନେ ଏହାକୁ ସମର୍ଥନ କରନ୍ତି।

181 ଅତି ନିକଟରେ, ଠିକ ଏଠାରେ, ଏକ ମହାନ ବାପ୍‌ଟିଷ୍ଟ ମଣ୍ଡଳୀରେ...ମୁଁ ବାପ୍‌ଟିଷ୍ଟମାନଙ୍କୁ ଆଘାତ କରୁଛି। ମୋର ତାହା କରିବାର ଏକ ଅଧିକାର ଅଛି; ମୁଁ ଯେଉଁ ପାର୍ଶ୍ୱରୁ ଆସିଥାଏ ସେମାନେ ଏକ ପ୍ରକାର ତାହା ଉପରେ ଝୁଙ୍କି ପଡିଥାନ୍ତି। ମାତ୍ର ଯେତେବେଳେ ସେମାନଙ୍କୁ ରବିବାର ଶିକ୍ଷା ଶ୍ରେଣୀ ସେବା ଏବଂ ପ୍ରଚାର ସେବା ମଧ୍ୟରେ ଅନ୍ତରାଳ ଦେବାକୁ ପଡିଥିଲା, ଯେପରିକି ପାଳକ ମହୋଦୟ ଏବଂ ସମସ୍ତେ ବାହାରକୁ ଯାଇ ଏକ ଧୂମ୍ରପାନ କରିପାରିବେ, ଏବଂ ସେହି ରାସ୍ତାଟି ସିଗାରେଟ ଟାଣୁଥିବା ପୁରୁଷ ଓ ସ୍ତ୍ରୀଲୋକମାନଙ୍କ ଧାଡିରେ ଭର୍ତ୍ତି ହୋଇ ଯାଇଥିଲା। ଶୟତାନ ତାହା କରିଅଛି। ତାହା ଠିକ୍ ଅଟେ।

182 ତାହାପରେ, ଏଠାରେ ଆମ ନିଜ ସହରରେ, ଆମର ଜଣେ ଅତି ବିଶିଷ୍ଟ ସେବକ, ଠିକ ଏଠାରେ ନ୍ୟୁ ଆଲ୍‌ବାନିରେ, ଏହି ଖେଳ ପଡିଆରେ, ଯେ ଏହି ସହରର ଆମର ଜଣେ ଅତି ବିଶିଷ୍ଟ ସେବକ ଏକ ବର୍ଗ-ନୃତ୍ୟ କାର୍ଯ୍ୟକ୍ରମର ନିର୍ଦ୍ଦେଶନା ଦେଉଅଛନ୍ତି, ଯେପରିକି ପ୍ରଚାରମଞ୍ଚ ଉପରେ ପୁରୁଷ ଏବଂ ସ୍ତ୍ରୀଲୋକମାନଙ୍କୁ ଅଣାଯାଏ।

183 ଜଗତ କଅଣ କୁହେ ମୁଁ ସେଥିପ୍ରତି ଧ୍ୟାନ ଦିଏ ନାହିଁ, ମୋର ଯାଏ ଆସେ ନାହିଁ ଯେ ଆପଣ କିପରି ଭାବରେ ଏହାର ଚାରିପାଖରେ ଜଡିତ ହୋଇ ରହିବାକୁ ଚେଷ୍ଟା କରନ୍ତି; ଭାଇ, ସେଠାରେ ଏପରି କୌଣସି ବି ଜଣେ ବିଶୁଦ୍ଧ ଲାଲ-ରକ୍ତ ଥିବା ବ୍ୟକ୍ତି ନାହାଁନ୍ତି ଯିଏକି ଅନ୍ୟ ପୁରୁଷର ସ୍ତ୍ରୀକୁ ଟାଣନ୍ତି, ଓ ସେହି ସମାନ ଅନୁଭବ କରନ୍ତି। ଆପଣ ଜାଣନ୍ତି ଯେ ତାହା ସତ୍ୟ ଅଟେ।

184 ସେମାନେ ଆମର ସ୍ତ୍ରୀମାନଙ୍କୁ ନେଇ ଯାଇଛନ୍ତି, ଏବଂ ସେମାନଙ୍କୁ ଉଲଗ୍ନ କରି ଦେଇଛନ୍ତି; ସେଠାରେ ବାହାରେ କାର୍ଯ୍ୟାଳୟଗୁଡିକରେ, ଏବଂ ଟ୍ୟାକ୍ସି ଗାଡି ଚଲାଉଛନ୍ତି, ଏବଂ ରାସ୍ତାରେ ଉପର ଓ ତଳକୁ ଯାଉଛନ୍ତି। ଯେଉଁଠାରେକି, ସେମାନେ ଘରେ ରହି, ଚୁଲି

ପଛରେ, ରୋଷେଇ କରିବା, ଏବଂ ରାତ୍ରୀ ଭୋଜନ ପ୍ରସ୍ତୁତ କରିବାର ଉଚିତ୍ ଥିଲା ।

185 ଏହା କଅଣ ଅଟେ? ଏହା ଶୟତାନ ଅଟେ । ଆକ୍ରମଣ ଜାରି ରହିଛି । ମୁଁ ଏହି ବ୍ୟକ୍ତି ବା ସେହି ବ୍ୟକ୍ତିଙ୍କ ବିଷୟରେ କିଛି କହୁ ନାହିଁ । ମୁଁ କହୁଛି ଯେ ଏହା ଅଶୁଦ୍ଧ ଆତ୍ମାଗୁଡିକ ଅଟେ ଯାହାକି ଲୋକମାନଙ୍କୁ ଅଧିକାର କରିଅଛି, ସେମାନଙ୍କୁ ଠିକ ଏହାକୁ ଭିତରକୁ ଟାଣି ନେଉଅଛି । ଯୁକ୍ତରାଷ୍ଟ୍ର ଆମେରିକା ଉପରେ ଆକ୍ରମଣ ।

186 ମଣ୍ଡଳୀକୁ ପରାସ୍ତ କରିବା । ମଣ୍ଡଳୀ ଶୟତାନ ଦ୍ୱାରା ପରାସ୍ତ କରା ଯାଇଅଛି । ପଶ୍ଚାତ ସମୟରେ...

187 ତେବେ ସେମାନେ ଏକ ବାଳକକୁ ନିଅନ୍ତି, ଯେତେବେଳେ ସେ ଏକ ଧାର୍ମିକ ବିଦ୍ୟାଳୟକୁ ଆସିଥାଏ, ପ୍ରଥମ ବିଷୟ ଯାହା ତାକୁ ଶିଖିବାକୁ ପଡିଥାଏ ତାହା ହେଲା ନିଜର ଡିଗ୍ରୀ ଉପାଧିଗୁଡିକୁ ହାସଲ କରିବା । ତାକୁ ମନୋବିଜ୍ଞାନ ନେବାକୁ ପଡିଥାଏ । ତାକୁ ଧର୍ମଶାସ୍ତ୍ର ବିଦ୍ୟା ଗ୍ରହଣ କରିବାକୁ ପଡିଥାଏ । ତାକୁ ଶିକ୍ଷା ଦେବାକୁ ପଡିଥାଏ, ସମସ୍ତ ପ୍ରକାରର ଶିକ୍ଷା ସିଦ୍ଧାନ୍ତକୁ ନିଜ ଭିତରେ ସମ୍ମିଳିତ କରିବାକୁ ପଡିଥାଏ । ଯଦି ସେ ଏକ ପ୍ରକୃତ ଉତ୍ତମ ଶିକ୍ଷା ପାଇ ନ ଥାଏ, ଯଦି ସେ ସେତିକି ପ୍ରଖର ବୁଦ୍ଧି ଏବଂ ଉଜ୍ଜ୍ୱଳ ନୁହେଁ ଯେତିକି ସେ ହୋଇପାରେ, ତେବେ ସେମାନେ ତାକୁ ବାହାର କରିଦେବେ; ସେ ଯୋଗ୍ୟ ବୋଲି ଉତ୍ତୀର୍ଣ୍ଣ ହୋଇପାରିବ ନାହିଁ । ତାକୁ କଅଣ କରିବାକୁ ଅଛି? ଏଠାକୁ ଯାଇ ଏକ ଛୋଟ ରାଜନୈତି ବକ୍ତୃତା ଉପସ୍ଥାପନ କରିବାକୁ ଅଛି, ଯେପରିକି ତାହା ଥିଲା, ଲୋକମାନଙ୍କର ଏକ ଗୋଷ୍ଠୀକୁ, ମରଣଶୀଳ ପୁରୁଷ ଏବଂ ସ୍ତ୍ରୀଲୋକମାନଙ୍କର ଏକ ସମୂହକୁ, ଏକ ମାଣ୍ଡଳୀକ ରାଜନୈତିକ କଥାବାର୍ତ୍ତା ପରିବେଷଣ କରିବାକୁ ଅଛି ।

188 ହେ ପରମେଶ୍ୱର, ଆମକୁ କିଛି ପୁରୁଣା-କାଳିଆ, ବିଶୁଦ୍ଧ ପୁରୁଷମାନଙ୍କୁ ପଠାଅ ଯେଉଁମାନେକି କ ରୁ ଖ ଭିନ୍ନ ଜାଣି ନ ଥାଆନ୍ତି, ଯେଉଁମାନେକି ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ପୁନରୁତ୍ଥାନର ଶକ୍ତିକୁ ଜାଣିଥାଆନ୍ତି, ଯିଏକି ପ୍ରାୟଶ୍ଚିତ ପ୍ରଚାର କରିବେ, ଏବଂ ପ୍ରଭୁ ଯୀଶୁଙ୍କୁ ପ୍ରେମ କରିବା ପାଇଁ, ପୁରୁଷ ଓ ସ୍ତ୍ରୀମାନଙ୍କୁ ଯଜ୍ଞବେଦୀକୁ ପଠାଇବେ । [ଟେପରେ ରିକ୍ତ ସ୍ଥାନ—ସମ୍ପା ।]

189 ଏହା ଏକ ରଣ ଅଟେ । ସେ ଧାର୍ମିକ ବିଦ୍ୟାଳୟଗୁଡିକୁ ଆକ୍ରମଣ କରିଅଛି । ସେ ମଣ୍ଡଳୀଗୁଡିକୁ ଆକ୍ରମଣ କରିଅଛି । ସେ ଆମ ସ୍ତ୍ରୀଲୋକମାନଙ୍କୁ ଉଲଗ୍ନ କରିଅଛି । ସେ ଆମର ପୁରୁଷମାନଙ୍କୁ ଏପରି ଏକ ସ୍ଥାନକୁ ଆଣିଅଛି ଯେଉଁଠାରେକି ଆପଣ ସେମାନଙ୍କୁ କିଛି କହିପାରନ୍ତି ନାହିଁ । ଏବଂ ପୁରୁଷ ଏବଂ ସ୍ତ୍ରୀଲୋକମାନେ, ମୁଁ ଭାବୁଛି...

190 ଆପଣ କୁହନ୍ତି, "ତେବେ, ସ୍ତ୍ରୀଲୋକମାନେ ।" ହଁ, ଏବଂ ଆପଣ ପୁରୁଷମାନେ ଯେଉଁମାନେକି ନିଜର ପତ୍ନୀମାନଙ୍କୁ ତାହା କରିବାକୁ ଅନୁମତି ଦେବେ, ତାହା ଏହା ଦର୍ଶାଏ ଯେ ଆପଣ କେଉଁଥିରୁ ତିଆରି ହୋଇଛନ୍ତି । ତାହା ଅବିକଳ ଠିକ୍ ଅଟେ । ନିଶ୍ଚିତ ଭାବରେ । ଏହା ଏକ ଅପମାନ ଅଟେ । ଏହା ଏକ ଦୁଃଖଦ ବିଷୟ ଅଟେ ।

191 ଏବଂ ତାହାପରେ ପ୍ରଚାରକ ନିକଟକୁ ଆସିବା। ପ୍ରଚାରକ ଆଜି, ଏକ ଆଧୁନିକ ପ୍ରଚାର କ୍ଷେତ୍ରର, ମଞ୍ଚରେ ଛିଡା ହୋଇଥାନ୍ତି। ସେଠାରେ ଛିଡା ହୋଇଥାନ୍ତି, ଏବଂ ତାଙ୍କର ଲୋକମାନେ ସମ୍ମୁଖରେ ରହିଥିବା ସହ, ଏବଂ ପ୍ରାୟଶ୍ଚିତ ଓ ପାପ, ଏବଂ ଖ୍ରୀଷ୍ଟଙ୍କ ସେହି କ୍ଷତ ବିକ୍ଷତ କ୍ରୁଶ ବ୍ୟତୀତ ଜଗତର ପ୍ରତ୍ୟେକ ଛୋଟ ଛୋଟ ପୁରୁଣା ଜିନିଷ ବିଷୟରେ ପ୍ରଚାର କରିଥାନ୍ତି। ହଁ।

192 ଯେତେବେଳେ ଆପଣ ତଥ୍ୟଗୁଡିକୁ ଉପସ୍ଥାପିତ କରନ୍ତି; ସୁସମାଚାର ସେବାରେ, ଲୋକମାନେ ଆପଣଙ୍କୁ ଶୁଣିବା ପାଇଁ ଆସିବେ। ଆପଣ ସେହି ଜିନିଷ ନିକଟକୁ ପହଞ୍ଚିବାକୁ ଏବଂ ସୁସମାଚାର ପ୍ରଚାର କରିବାକୁ ଚେଷ୍ଟା କରୁଥାନ୍ତି, ଏବଂ ଲୋକମାନଙ୍କୁ ଅନୁତାପ କରାଇବା ଏବଂ ସେମାନଙ୍କୁ ଠିକ୍ କରିବାକୁ ଚେଷ୍ଟା କରୁଥାନ୍ତି। ସେମାନେ ଉପରକୁ ଯିବେ ଓ ବାହାରି ଯିବେ, ସେମାନଙ୍କୁ ଏହା ଶୁଣିବାର ଆବଶ୍ୟକତା ନାହିଁ। ନା, ସେମାନଙ୍କୁ ଏହା କରିବାକୁ ପଡେ ନାହିଁ। ମାତ୍ର, ଭାଇମାନେ, ସେମାନେ ପ୍ରାୟଶ୍ଚିତ କରିବାକୁ କିଅବା ବିନଷ୍ଟ ହେବାକୁ ଯାଉଅଛନ୍ତି।

193 ଭୂତମାନେ! ଆପଣ ବିଦ୍ୟାଳୟକୁ ଯାଆନ୍ତୁ; ଏହା ବିଦ୍ୟାଳୟଗୁଡିକୁ ଆକ୍ରମଣ କରିଅଛି। ଆଜି ସାରା ଦେଶରେ, ଚାରିଆଡ଼େ ଅନାନ୍ତୁ। ହେ ଲୋକମାନେ, ଆପଣ ପ୍ରୋଟେଷ୍ଟାଣ୍ଟମାନେ, ଏଠାରେ ଦେଖନ୍ତୁ। ଦେଖନ୍ତୁ, ସେଠାରେ ଚାରୋଟି ବଡ ବଡ କ୍ୟାଥୋଲିକ୍ ବିଦ୍ୟାଳୟମାନ ଏବଂ ଜିନିଷଗୁଡିକ, ଆଜି ନିର୍ମିତ ହୋଇଅଛି। ଏହା କାହିଁକି ଅଟେ? ଆପଣ ଅବରୋଧ ଦଣ୍ଡଗୁଡିକୁ ତଳକୁ ପକାଇ ଦେଉଛନ୍ତି।

194 କ୍ୟାଥୋଲିକବାଦ ବିରୁଦ୍ଧରେ କିଛି ନାହିଁ, ଯଦିଓ ମୁଁ ଏଥିରେ ବିଶ୍ୱାସ କରେ ନାହିଁ। ମୁଁ ଜଣେ ଖାଣ୍ଟି ପ୍ରୋଟେଷ୍ଟାଣ୍ଟ ଅଟେ। ତାହା ଅବିକଳ ଠିକ୍ ଅଟେ। ଏହା ପ୍ରମାଣ କରିପାରେ ଯେ ସେମାନେ କରନ୍ତି ନାହିଁ...ଆପଣ ସେମାନଙ୍କ ସହିତ ଯୁକ୍ତିତର୍କ କରିପାରନ୍ତି ନାହିଁ। ସେମାନେ କୁହନ୍ତି, "ବାଇବଲ କଅଣ କହୁଛି ଆମର ସେଥିରେ ଯାଏ ଆସେ ନାହିଁ। ଆମେ ଜାଣୁ ଯେ ମଣ୍ଡଳୀ କଅଣ କୁହେ।"

195 ପରମେଶ୍ୱର ତାହାଙ୍କ ବାକ୍ୟରେ ଅଛନ୍ତି। *ଏହା* ହିଁ ଅଟେ ଯେଉଁଠାରେକି ପରମେଶ୍ୱର ରହିଛନ୍ତି।

196 ମାତ୍ର କେତେକ କ୍ୟାଥୋଲିକମାନେ, ସେମାନଙ୍କର ମଣ୍ଡଳୀ ସହିତରେ ଲାଗି ରହିଥିବାରୁ, ଆପଣଙ୍କୁ ଜଣେ ପ୍ରୋଟେଷ୍ଟାଣ୍ଟ ହେବା ବିଷୟକୁ ନେଇ, ନିଜ ଉପରେ ଲଜ୍ଜିତ ଅନୁଭବ କରାଇବେ। ଯଦି ଆପଣ କେବଳ ବାଇବଲ ସହିତରେ ଲାଗି ରହିବେ, ଯେପରିକି ସେମାନେ ନିଜର ମଣ୍ଡଳୀ ସହିତରେ ଲାଗି ରହିଥାନ୍ତି। ଠିକ୍। ମାତ୍ର, ସେମାନେ ଭୁଲ୍ ଅଟନ୍ତି। ମୁଁ ତାହା ସର୍ବଶକ୍ତିମାନ୍ ପରମେଶ୍ୱରଙ୍କ ଅଧୀନରେ କହିପାରେ, ଯେ, ସେମାନେ ଭୁଲ୍ ଅଟନ୍ତି। ନିଶ୍ଚିତ ଭାବରେ।

197 ଏବଂ ଆପଣ ପ୍ରୋଟେଷ୍ଟାଣ୍ଟମାନେ ମଧ୍ୟ ସେହିପରି ଭାବରେ ଭୁଲ୍ ଅଟନ୍ତି, ଯେପରି

ଭାବରେ ଆପଣ କାର୍ଯ୍ୟ କରୁଛନ୍ତି, କାରଣ ଆପଣ ପ୍ରକୃତରେ ଅଧିକ ଭଲ ଭାବରେ ଜାଣନ୍ତି, ଏବଂ ଆପଣ ତାହା କରନ୍ତି । ତାହା ଆପଣଙ୍କଠାରୁ ଜଣେ କପଟୀକୁ ସୃଷ୍ଟି କରେ । ନିଶ୍ଚିତରେ, ଏହା ସେହି ଆକ୍ରମଣ ଅଟେ; ମଣ୍ଡଳୀଗୁଡ଼ିକ ହୁଗୁଳା ହୋଇଯାଇଛନ୍ତି । ଏବଂ ବର୍ତ୍ତମାନ ତାହା ବଦଳରେ...

198 ସେହି ମଣ୍ଡଳୀ, ଗୀର୍ଜାଘରକୁ ସୁନ୍ଦର କରିବାକୁ ଚେଷ୍ଟା କରିବାକୁ ଯାଇ, ଏକ ଅଧିକ ବଡ ଗୀର୍ଜାଘରକୁ ନିର୍ମାଣ କରନ୍ତି, ତାହା ଉପରେ ବଡ ବଡ଼ ମୀନାରଗୁଡିକୁ ନିର୍ମାଣ କରନ୍ତି, ବିରାଟ ବଡ଼ ବଡ଼ ପାଇପ୍ ବାଦ୍ୟଯନ୍ତ୍ର ଖଞ୍ଜନ୍ତି, ଏବଂ ସବୁକିଛି ବିଷୟକୁ କ୍ୟାଥୋଲିକ୍ ମଣ୍ଡଳୀର ନମୁନାରେ କରିବାକୁ ଚେଷ୍ଟା କରନ୍ତି । ଆପଣ କ୍ୟାଥୋଲିକ୍ ମଣ୍ଡଳୀ ଅନୁସାରେ ନମୁନା କରିବାକୁ ଚାହାଁନ୍ତି ନାହିଁ, ଯଦି ସେ ବିନାଶ ଆଡକୁ ଯିବା ହେତୁ ଦଣ୍ଡିତ ଅଟେ । କାରଣ, ତାହା **ସଦା ପ୍ରଭୁ ଏହି କଥା କୁହନ୍ତି** ଅଟେ, ସେ ବିନାଶ ଆଡକୁ ଯିବା ହେତୁ ଦଣ୍ଡିତ ଅଟେ । ଏବଂ ଆପଣ ତାର ପଦଚିହ୍ନ ଅନୁସରଣ କରୁଛନ୍ତି, ଆପଣ ତାହା ସହିତ ଯାଉଛନ୍ତି ।

199 ମାତ୍ର ଆଜି ଆମକୁ ଯାହା ଦରକାର, ତାହା ଏକ ବଡ ଗୀର୍ଜାଘର ନୁହେଁ, ଏକ ବଡ଼ ମୀନାର ନୁହେଁ, ବରଂ ଏକ ପୁରୁଣା-କାଳିଆ ଯଜ୍ଞବେଦୀ ଯେଉଁଠାରେ ପାପକୁ ଦଗ୍ଧ କରଯାଏ, ସେହି ପୁରୁଷ ଏବଂ ସ୍ତ୍ରୀଲୋକମାନଙ୍କ ପବିତ୍ର ପ୍ରାର୍ଥନା ଅଧୀନରେ ଯେଉଁମାନେ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କୁ ପ୍ରେମ କରନ୍ତି । ଆପଣ ତାହା ଜାଣିଛନ୍ତି । ତାହା ହିଁ ଅଟେ ଯାହା ଆମର ଆବଶ୍ୟକ । ବନ୍ଧୁଗଣ, ମୋ କଥା ଶୁଣନ୍ତୁ । ମୋ କଥା ଶୁଣନ୍ତୁ । ଏହା ପ୍ରେମ ଅଟେ ।

200 ମୋର ସମୟ ସମାପ୍ତ ହୋଇଅଛି । ମୁଁ କେବଳ ଏହା ଉପରେ ଅଧିକ ସମୟ ରହିବାକୁ ଚାହେଁ, ଯେଉଁଠାରେକି, କେବଳ, ମୁଁ ଅଳ୍ପ ଟିକିଏ ସମୟ ପରେ, ସେହି ଆକ୍ରମଣ ଉପରେ, ଏହା ନେବି, ଯେ ଏହା କେଉଁଠାକୁ ଗତି କରିଛି । ଏହା ଆକ୍ରମଣ କରିଛି । ଏହା ଆମ ଦେଶକୁ ଆକ୍ରମଣ କରିଛି । ଏହା ଯୁକ୍ତରାଷ୍ଟ୍ର ଆମେରିକାକୁ ଆକ୍ରମଣ କରିଛି ।

201 ତେବେ ମନେରଖନ୍ତୁ, ମୁଁ ମୋ ଜୀବନରେ କେବେବି ମତଦାନ କରି ନାହିଁ, ଦେଖନ୍ତୁ, ତାହା ଉପରେ ଗର୍ବ କରିବାର କୌଣସି ବିଷୟ ନାହିଁ, ତାହା ମୋର ଆମେରିକୀୟ ଜନ୍ମ ଅଧିକାର ଅଟେ ଯଦି ମୁଁ ତାହା କରିବାକୁ ଚାହେଁ । ମାତ୍ର ମୁଁ ମୋର ବନ୍ଧୁମାନଙ୍କୁ ସେଠାରେ ରଖିବା ହେତୁ, ସେହି ବିଷୟରେ ବହୁତ ଅଧିକ ଚିନ୍ତା କରେ । ଦେଖନ୍ତୁ, ମୁଁ ସେମାନଙ୍କୁ ଉତ୍ତମ ପୁରୁଷ ଭାବରେ ଭିତରକୁ ଯିବାର, ଏବଂ କୁଟିଳ ହୋଇ ବାହାରକୁ ଆସିବାର ଦେଖିଅଛି, ଏବଂ ମୁଁ ତାହା ଚାହେଁ ନାହିଁ ।

202 ମୋର ଗୋଟିଏ ବିଷୟ ଅଛି । ମୁଁ ଏଠାରେ ଜଣେ ବ୍ୟକ୍ତିଙ୍କ ପାଇଁ ଏକ ମଞ୍ଚ ନିର୍ମାଣ କରୁଅଛି, ଯିଏକି ସେହି ପ୍ରାର୍ଥୀ ଅଟନ୍ତି, ଏବଂ ତାହା ହେଉଛନ୍ତି ଯୀଶୁ ଖ୍ରୀଷ୍ଟ, ଏବଂ କେବଳ ସେ । ମୁଁ ମୋର ସମୟକୁ ତାହାଙ୍କ ପାଇଁ ଦିଏ । ତାହା ଠିକ୍ ଅଟେ । ଏବଂ ଯଦି ମୁଁ ମଣ୍ଡଳୀକୁ ସଳଖ କରିପାରେ, ତାହାହେଲେ ଅବଶିଷ୍ଟ ଜଗତ ତାର ନିଜର ଯତ୍ନ ନେଇ ନେବ । ତାହା ଠିକ୍ ଅଟେ ।

203 ମାତ୍ର ମୁଁ ଆପଣମାନଙ୍କୁ କହିବି, ଯେତେବେଳେ ଶ୍ରୀମାନ ରୁଜଭେଲ୍ଟ (ସେହି ବ୍ୟକ୍ତିଜଣକ

ମୃତ ଅଟନ୍ତି, ସେ ବିଶ୍ରାମ କରନ୍ତୁ, ମୁଁ ବିଶ୍ୱାସ କରେ ଯେ ସେ ଅଟନ୍ତି ।), ଭିତରକୁ ଆସିଲେ, ଏବଂ ତିନି କିମ୍ବା ଚାରି ପର୍ଯ୍ୟାୟ ନିମନ୍ତେ ରାଷ୍ଟ୍ରପତି ପ୍ରାର୍ଥୀ ହୋଇଥିଲେ, ଏବଂ ଅଧିକାର କରି ନେଇଥିଲେ, କେବଳ ଏକ ପ୍ରାଥମିକ ଏକଛତ୍ରବାଦୀ ଶାସନ ଭାବରେ, ମୁଁ ଆପଣଙ୍କୁ ତାହା ଶାସ୍ତ୍ରରେ ପ୍ରମାଣ କରିପାରେ, ଯେଉଁଠାରେ ମୁଁ କହିଥିଲି ଯେ ଏହା ଘଟିତ ହେବ । ତାହା ଠିକ୍ ଅଟେ । ଆମ ପାଖରେ ଆଉ ଅଧିକ ସମ୍ବିଧାନ ବିଷୟ ନାହିଁ, ତାହା ଖଣ୍ଡ ଖଣ୍ଡ ହୋଇ ଯାଇଅଛି, ସବୁକିଛି ଛିନ୍ନଭିନ୍ନ ହୋଇ ଯାଇଅଛି । ରିପବ୍ଲିକାନ୍‌ମାନେ ମଧ୍ୟ ସେତିକି ମନ୍ଦ ଅଟନ୍ତି, ଏହା ଗୋଟିଏର ଛଅ ଏବଂ ଅନ୍ୟଟିର ଅଧା ଡଜନ ଅଟେ ।

204 କାରଣ, ପ୍ରତ୍ୟେକ ରାଜ୍ୟ ଧ୍ୱଂସ ହେବାକୁ ଯାଉଅଛି, ମାତ୍ର ଯୀଶୁ ଖ୍ରୀଷ୍ଟଙ୍କ ରାଜ୍ୟ ଚିରକାଳ ନିମନ୍ତେ ସ୍ଥାୟୀ ରହିବ ଏବଂ ରାଜତ୍ୱ କରିବ । ତାହା ଠିକ୍ ଅଟେ । ସେଥି ଉପରେ...ଦାନିୟେଲ ସେହି ଶୈଳଟିକୁ ପର୍ବତରୁ ଖୋଦିତ ହୋଇଥିବାର ଦେଖିଲେ, ଏବଂ ତାହା ସେଠାରେ ରାଜନୈତିକ ଜଗତକୁ ଆଘାତ କଲା ଏବଂ ତାହାକୁ ସେହିପରି ଭାବରେ ଏକ ଗୁଣ୍ଡରେ ଚୂର୍ଣ୍ଣ କରିଦେଲା, ଯେପରିକି ଗ୍ରୀଷ୍ମଋତୁର ଗହମକୁ ଦଳା ଯାଇଥାଏ । ମାତ୍ର ସେହି ଶୈଳଟି ବୃଦ୍ଧି ପାଇ ଏକ ମହାନ ପର୍ବତରେ ପରିଣତ ହେଲା ଯାହାକି ତାହା ଉପରେ ବିସ୍ତାର ହେଲା ଆ-... ସମଗ୍ର ଆକାଶ ଓ ପୃଥିବୀକୁ ପରିପୂର୍ଣ୍ଣ କଲା । ତାହାହିଁ ଏହା ଅଟେ ।

205 ରାଜନୈତିକ ଜଗତଟି ଭ୍ରଷ୍ଟ ହୋଇଅଛି । ଆମ ଦେଶ ଭଗ୍ନ ହୋଇ ଯାଇଅଛି । ଆପଣ ତାହା ମନେ ରଖିଥାନ୍ତୁ ଯେ, ଯେ ଭାଇ ବ୍ରାନହାମ୍ ତାହା କହିଥିଲେ, **ସଦାପ୍ରଭୁ ଏହି କଥା କୁହନ୍ତି** । ଆମ ଦେଶ ଧ୍ୱଂସ ହୋଇଯାଇଛି । ଏହା କଦାପି ଉଠିବ ନାହିଁ । ସେ ଅବଶିଷ୍ଟ ଅନ୍ୟ ଦେଶମାନଙ୍କ ପରି, ବିନଷ୍ଟ ଅଟେ । ଏହା ଆଜି ବିଶ୍ୱର ସର୍ବଶ୍ରେଷ୍ଠ ରାଷ୍ଟ୍ର, ଭାବରେ ଛିଡା ହୋଇଅଛି, ମାତ୍ର ଏହା ଶୟତାନର ଠିକ ସେହି ବଂଶ ଅଟେ ଯାହାକି ଲୋକମାନଙ୍କ ହୃଦୟରେ ରୋପଣ କରାଯାଇଅଛି; ଏହା କିପରି ହଲିଉଡକୁ ଆସିଲା, ଏହା କିପରି ଲୋକମାନଙ୍କ ମଧ୍ୟରେ ପ୍ରବେଶ କଲା, ଏବଂ *ଏହା*କୁ ଆରମ୍ଭ କଲା । ଏବଂ ଆପଣ ସେମାନଙ୍କୁ କିଛି କହିପାରନ୍ତି ନାହିଁ ।

206 ତେବେ ସେଠାରେ ଏପରି ଜଣେ ରାଷ୍ଟ୍ରପତିକୁ ଆଣନ୍ତୁ ଯିଏକି ୱିସ୍କିମଦ ବନ୍ଦ କରିବାକୁ ଚେଷ୍ଟା କରିବେ, ଏବଂ ନିଷେଧ ଆଦେଶ କରିବେ, ଦେଖନ୍ତୁ ସେତେବେଳେ କଅଣ ଘଟିତ ହେବ । ସେ ସେଠାରେ ସେହି ପଦରେ ରହିବାର ଦୁଇ ଘଣ୍ଟା ଭିତରେ ହିଁ, ଗୁଳି କରି ଦିଆଯିବେ । ନିଶ୍ଚିତରେ, ସେ ଏହାକୁ ସହି ପାରିବେ ନାହିଁ; ସମଗ୍ର ଜଗତ ତାଙ୍କ ବିରୁଦ୍ଧରେ ହୋଇଯିବ । ହଁ, ମହାଶୟ । ଆପଣ ଏହା କରିପାରିବେ ନାହିଁ ।

207 ସେ ବିନଷ୍ଟ ଅଟେ । ସେ ଆକ୍ରମଣ କରାଯାଇଅଛି, ଏବଂ ସାମ୍ୟବାଦର ସେହି ଆତ୍ମା ଅଧିକାର କରି ନେଇଛି ।

208 ଆଜି ଆମ ବିଦ୍ୟାଳୟକୁ ଯାଆନ୍ତୁ, ଆମ ସ୍କୁଲ ପିଲାମାନଙ୍କୁ ଦେଖନ୍ତୁ । ଆମର ଛୋଟ ଛୋଟ ପିଲାମାନେ ଯେଉଁମାନେ ବିଦ୍ୟାଳୟକୁ ଯାଆନ୍ତି, ଆପଣଙ୍କୁ କେବଳ ଏହା ଜାଣିବାକୁ

ଅଛି ଯେ କଅଣ ଘଟିତ ହେଉଅଛି। ସାନ ସାନ ଝିଅମାନେ ଏଠାରେ ବିଦ୍ୟାଳୟରେ, ଏବଂ ସେହିପରି ବିଷୟଗୁଡିକ, ଚଉଦ ଏବଂ ପନ୍ଦର ବର୍ଷ ବୟସରେ, ସେମାନଙ୍କର ମାଆ ସେମାନଙ୍କୁ ବିଦ୍ୟାଳୟକୁ ପଠାନ୍ତି, ନୈତିକ ଭାବରେ, ମାନସିକ ଭାବରେ ବିକୃତ, ନିଶାଦ୍ରବ୍ୟ ସେବନ, ନିଶା ଆସକ୍ତ, ସିଗାରେଟ୍ ଧୂମପାନ କରୁଥିବା, ସେହିପରି ଅନ୍ୟ ସବୁକିଛି କରୁଥିବା; ଏତେ ଏକ ଛୋଟ ବୟସରେ, ସେହିପରି ସାନ ସାନ ପିଲାମାନେ। ଏପରିକି ସେମାନଙ୍କ ମଧ୍ୟରୁ ଜଣେ କୁମାରୀକୁ ଖୋଜିବା ସେତିକି କଷ୍ଟକର ଯେତିକି କଷ୍ଟକର ଏକ ଘାସ ବିଡା ମଧ୍ୟରେ ଗୋଟିଏ ଛୁଞ୍ଚିକୁ ପାଇବା, ଯେତେବେଳେକି ସେମାନେ ପୁଅ ପିଲାମାନଙ୍କ ସହିତ ଅଦୃଶ୍ୟ ପ୍ରେମ ସମ୍ବନ୍ଧ ରଖନ୍ତି, ଏବଂ ଏହି ନଦୀ କୂଳରେ ଓ ଅନ୍ୟାନ୍ୟ ସ୍ଥାନରେ ସମୟ ଅତିବାହିତ କରୁଥାଆନ୍ତି।

209 ଏବଂ ମୋର ବନ୍ଧୁଗଣ, ମୁଁ ଆପଣଙ୍କଠାରେ ଏହାକୁ ପ୍ରମାଣ କରିପାରେ। ମୁଁ ଏହାକୁ ପ୍ରଚାରମଞ୍ଚରେ ସେପର୍ଯ୍ୟନ୍ତ କହିବି ନାହିଁ ଯେପର୍ଯ୍ୟନ୍ତକି ମୁଁ ଏହା ଜାଣି ନ ନିଏ ଯେ ମୁଁ କଅଣ କହୁଅଛି। ଏଠାରେ ଆମର—ଆମର ପ୍ରାନ୍ତଗୁଡିକରେ ରହିଥିବା ବିଦ୍ୟାଳୟଗୁଡ଼ିକ ମଧ୍ୟରୁ, ଠିକ୍ ଏଠାରେ ଏହି ରାଜ୍ୟଗୁଡିକରେ, ସେହି ସାନ ସାନ ମହିଳାମାନଙ୍କ ପୋଷାକ ପରିଧାନ ବିଷୟରେ, ଜାଣେ ନାହିଁ...ସେମାନଙ୍କର ମାଆମାନଙ୍କୁ କୁହନ୍ତି ଯେ ସେମାନେ ବିଭିନ୍ନ ସ୍ଥାନକୁ ଯାଉଛନ୍ତି, ଏବଂ ପୁଅ ପିଲାମାନଙ୍କୁ ଭେଟୁଛନ୍ତି ଏବଂ ଏପରିକି ଲୁଇସଭିଲ୍ ରାସ୍ତାରେ ବେଶ୍ୟାବୃତ୍ତି କରୁଛନ୍ତି (ଏହା କଅଣ ଅଟେ?), ଏବଂ ଗୀତ ଗାୟନମଣ୍ଡଳୀରେ ଗୀତ ଗାଉଛନ୍ତି।

210 କାରଣ, ସେମାନଙ୍କ ପାଖରେ ସେଠାରେ ଏକ ଛୋଟ ପୁରୁଣା ସାମାଜିକ ସୁସମାଚାର ସମ୍ବନ୍ଧିତ ପ୍ରତିଷ୍ଠା ରହିଛି, ଯେଉଁଠାରେକି ପ୍ରଚାରକମାନେ ଠିଆ ହୋଇ ପ୍ରାୟଶ୍ଚିତ ପ୍ରଚାର କରିବା, ଏବଂ ପୁରୁଷ ଓ ସ୍ତ୍ରୀଲୋକମାନଙ୍କୁ ଯଜ୍ଞବେଦୀକୁ ଆଣିବା ପରିବର୍ତ୍ତେ, ଛୋଟ ଛୋଟ ମହତ୍ତ୍ୱହୀନ ଜିନିଷଗୁଡିକ, ଏବଂ ବାଇବଲର ଛୋଟ ଛୋଟ କାହାଣୀଗୁଡିକ କିମ୍ୱା ସେହିପରି କିଛି ବିଷୟଗୁଡିକ ସମ୍ବନ୍ଧରେ କଥାବାର୍ତ୍ତା କରନ୍ତି।

211 ତାଙ୍କ ବାପା ରାତିରେ ଆସନ୍ତି ଏବଂ ନିଜର ସିଗାରେଟ୍ ଜାଳି, ଗୋଟିଏ ଗ୍ଲାସ୍ ବିୟରମଦ ନିଅନ୍ତି, ଏବଂ ବସି ତାହା ପାନ କରନ୍ତି। ମାଆ ଦିନସାରା, ମହିଳାମାନଙ୍କର ଏକ ଗୋଷ୍ଠୀ ସହିତ, କୌଣସି କିଛି ତାଶ ଆମୋଦ ପ୍ରମୋଦ ମେଳରେ, ସେହିପରି କୌଣସି ସାମାଜିକ ସମୂହରେ ରହିଥାନ୍ତି। ତେବେ ଆପଣ ପିଲାଟିକୁ ଅନ୍ୟ କିଛି ହେବ ବୋଲି କିପରି ଆଶା କରିପାରନ୍ତି?

212 ଦେଖନ୍ତୁ, ଆପଣ ଯେଉଁ ପରିବେଶରେ ରୁହନ୍ତି, ଆପଣ ତାହାହିଁ ହୋଇଯାଆନ୍ତି।

213 ଆପଣ ଗୋଟିଏ ସାନ ଝିଅ, ସାନ ପୁଅକୁ ନେଇ, ଏଠାରେ ବାହାରେ ରଖି ଦିଅନ୍ତୁ, ସେମାନଙ୍କୁ କାହାରି ସହିତ ରହିବାକୁ ଦିଅନ୍ତୁ। ଆପଣ ଜଣେ ପୁରୁଷକୁ ନିଅନ୍ତୁ, ମୁଁ ମୋ ପୁଅକୁ ନେଇପାରେ, ତାକୁ କାହାରି ସହିତ ଗୋଟିଏ ଦିନ ବାହାରେ ରହିବାକୁ ଦିଏ; ତାହାପରେ ମୁଁ

ଭିତରକୁ ଆସେ, ମୁଁ ଆପଣଙ୍କୁ ସର୍ବଦା ଏହା କହିପାରେ ଯେ ସେ କାହା ସହିତ ରହିଆସିଛି। ନିଶ୍ଚିତ ଭାବରେ। ଦେଖନ୍ତୁ, ସେହି ପରିବେଶ, ସେହି ଆତ୍ମା ତାଙ୍କୁ ଧରି ନେଇଥାଏ।

214 ଆପଣ ଏକ ମଣ୍ଡଳୀକୁ ଯାଆନ୍ତୁ, ଯେଉଁଠାରେ ଲୋକମାନେ ସମସ୍ତେ...ଆପଣ ପବିତ୍ରଆତ୍ମା ପରିପୂର୍ଣ୍ଣ ମଣ୍ଡଳୀକୁ ଯାଆନ୍ତୁ, କିମ୍ବା—କିମ୍ବା ପେଣ୍ଟିକଷ୍ଟାଲ୍ ମଣ୍ଡଳୀଗୁଡିକୁ, ସେମାନେ ଏହାକୁ ତାହା କୁହନ୍ତି। ସମସ୍ତେ ହୁଅନ୍ତୁ...ଓଃ, ସେମାନେ ଦୌଡ଼ନ୍ତି ଏବଂ ସେମାନଙ୍କର ମୁଣ୍ଡକୁ ଆଗକୁ ପଛକୁ ଝାଙ୍କି ଦିଅନ୍ତି, ସେହି ପାଳକ କରନ୍ତି; ଦେଖନ୍ତୁ ଯେ ସମଗ୍ର ମଣ୍ଡଳୀ ସେହି ସମାନ ବିଷୟକୁ କରିବାକୁ ଆରମ୍ଭ କରୁଥିବ। ସେହି ପୁରୁଷମାନେ, ସେହି ଲୋକମାନେ, ଉଠନ୍ତୁ ଏବଂ—ଏବଂ କେବଳ ଭୟଙ୍କର କିଛି, କିମ୍ବା ଅନ୍ୟ କିଛି କରିବା ଜାରି ରଖନ୍ତୁ; ସମଗ୍ର ଗୋଷ୍ଠୀକୁ ତାହା କରିବାର ଦେଖିବେ। ଏପରି ଏକ ସ୍ଥାନକୁ ଯାଆନ୍ତୁ ଯେଉଁଠାରେକି ପାଳକ ପ୍ରକୃତରେ ଟାଣୁଆ ଏବଂ ଶୀତଳ ଥାଆନ୍ତି; ଦେଖନ୍ତୁ ଯେ ସମଗ୍ର ଗୋଷ୍ଠୀକୁ ତାହା କରୁଥିବେ। ଆପଣ ସେହି ପରିବେଶ ମଧ୍ୟକୁ ଆସିଯାଆନ୍ତି।

215 ଆପଣ ଏପରି ଜଣେ ପୁରୁଷକୁ ନିଅନ୍ତୁ ଯିଏକି ନୈତିକ ଭାବରେ ଜଣେ ଉତ୍ତମ ପୁରୁଷ ଅଟେ, ଏବଂ ତାଙ୍କୁ ଜଣେ ବୟସ୍କା ସାନ ସ୍ତ୍ରୀଲୋକ ସହିତ ବିବାହ କରିବାକୁ ଦିଅନ୍ତୁ ଯିଏକି ଗୋଟିଏ ପଇସାର ବି ମୂଲ୍ୟ ନୁହେଁ; ଏହା ଅଧିକ ସମୟ ହେବ ନାହିଁ ଯେତେବେଳେକି ସେହି ପୁରୁଷର ମଧ୍ୟ ଗୋଟିଏ ପଇସାର ମୂଲ୍ୟ ରହିବ ନାହିଁ। ତାହାହିଁ ଅଟେ ଯାହାକି ଆହାବଙ୍କ ସହିତ ଘଟିଥିଲା। ସେହି ସମାନ ଭାବରେ, ଅପର ପକ୍ଷରେ ନିଅନ୍ତୁ, ଜଣେ ସୁନ୍ଦର ସାନ ସ୍ତ୍ରୀଲୋକକୁ ଜଣେ ବୟସ୍କ ବ୍ୟକ୍ତିଙ୍କୁ ବିବାହ କରିବାକୁ ଦିଅନ୍ତୁ ଯାହାରକି ଗୋଟିଏ ଟଙ୍କାର ବି ମୂଲ୍ୟ ନାହିଁ; ପ୍ରଥମ ବିଷୟ ଆପଣ ଜାଣନ୍ତି, ସେହି ସ୍ତ୍ରୀଲୋକ ମଧ୍ୟ ସେହି ସମାନ କାର୍ଯ୍ୟ କରୁଥିବ ଯାହାକି ସେହି ପୁରୁଷ ଅଟେ।

216 ଆଜି ସକାଳେ, ମୁଁ କିପରି ଭାବରେ ଅଗ୍ରସର ହୋଇପାରିବି, ଏବଂ ଛୋଟ ଛୋଟ ଭଗ୍ନ ଘରଗୁଡିକ ଏବଂ ସେହିପରି ଜିନିଷଗୁଡିକ ଉପରେ ମୋର ହାତକୁ ଇଙ୍ଗିତ କରିପାରିବି, ଯେଉଁଠାରେକି ଅତି ପ୍ରିୟ ସାନ ସାନ ମାଆମାନେ ଏକ ମଦ୍ୟପ ବାପାଙ୍କ, ଏବଂ ସେହିପରି ଜିନିଷ ନିକଟକୁ ଆସନ୍ତି, ଏବଂ ଭାବନ୍ତି ଯେ ସେମାନେ ତାଙ୍କ ସହିତ କିଛି କରିପାରିବେ, ଏବଂ ବର୍ତ୍ତମାନ ସମଗ୍ର ମାଆ ଏବଂ ସେମାନେ ସମସ୍ତେ ମଦ୍ୟପାନ କରୁଛନ୍ତି ଏବଂ ଚାଲିଛନ୍ତି। ଏହା ପରିବେଶ ଅଟେ।

217 ଏହା କଅଣ ଅଟେ? ଏହା ଶୟତାନ ଅଟେ। ଏହା ତ ଶୟତାନ, ସେହି ଆକ୍ରମଣ ଅଟେ। ସେ ଏକ ଗର୍ଜନ କରୁଥିବା ସିଂହତୁଲ୍ୟ, ଏହି ଦେଶକୁ ଅଧିକାର କରି ନେଇଛି। ସେ ନିଜକୁ ଏଠାରେ ହଲିଉଡରେ, ତାର ସର୍ବୋତ୍ତମ ସ୍ଥାନରେ ସ୍ଥାପନ କରିଅଛି। ସେ କହିଲା, "ଟେଲିଭିଜନ୍ ଆସିବା ପର୍ଯ୍ୟନ୍ତ ମୁଁ ଚଳଚ୍ଚିତ୍ରଗୁଡିକୁ ଏଠାକୁ ଆଣିପାରେ, ତାହାପରେ ମୁଁ ସେମାନଙ୍କ ଉପରେ ଅଧିକାର କରି ନେବି।" ଏବଂ ସେ ସେଠାରେ ବସି ପଡିଲା।

218 ଏବଂ ମଣ୍ଡଳୀର ଲୋକମାନେ, ସେହି ନାଟକ ଚିତ୍ରକୁ ବନ୍ଦ କରିବା ଏବଂ ସେମାନଙ୍କର

ପିଲାମାନଙ୍କୁ ସେହି ସ୍ଥାନଗୁଡିକୁ ନ ଯିବାକୁ ଦେବା ପରିବର୍ତ୍ତେ, ସେମାନେ ରବିବାର ଅପରାହ୍ନରେ ଦଶ ସେଣ୍ଟ ପଇସା ଦେଇ ଦିଅନ୍ତି ଏବଂ ପିଲାମାନଙ୍କୁ ସେଠାକୁ ପଠାଇ ଦିଅନ୍ତି, ଯେପରିକି ସେମାନେ ଏକ ଛୋଟ ସାମାଜିକ ତାଶ ଖେଳ ପାର୍ଟୀ କରିପାରିବେ, ସ୍ୱତନ୍ତ୍ର ଭାବେ ନିଜେ ବାହାରକୁ ଯାଇ ବୁଲି ପାରିବେ । ଓଃ, କି ଏକ ଅପମାନ । ବର୍ତ୍ତମାନ ସେମାନେ କେବଳ ଟେଲିଭିଜନ୍‌କୁ ଚାଲୁ କରିଦିଅନ୍ତି ଏବଂ ସେଥିରେ, ଦୁନିଆରେ ଥିବା ସମସ୍ତ ମନ୍ଦ, କ୍ଷୟଯୁକ୍ତ ଅଶୁଚୀ ବିଷୟଗୁଡିକୁ ଦେଖନ୍ତି । ତାହା ଠିକ୍ ଅଟେ ।

219 ମୋର ଚଳଚ୍ଚିତ୍ର ବିରୁଦ୍ଧରେ କିଛି ନାହିଁ । ମୋର ଟେଲିଭିଜନ ବିରୋଧରେ କିଛି ନାହିଁ । ଏହା ତ ସେଥିରେ ସେହି ମନ୍ଦ ବିଷୟ ଦେଖାଯାଏ । ତାହାହିଁ ଯାହାକି ଏହା ଅଟେ । ଯଦି ଆପଣ ଏହାକୁ ନୈତିକ ଭାବେ ରଖିଥାନ୍ତି, ତେବେ ଏହାକୁ ନୈତିକ ଭାବେ ହିଁ ରହିବାକୁ ହେବ ।

220 ଆଜି, ସହରରେ, ଏଠାରେ ଆପଣ ଆଦୌ ହେଲେ ପୁରୁଣା-ଶୈଳୀର ବଟନ୍ ଥିବା ଜୋତା ବିକ୍ରି କରିପାରିବେ ନାହିଁ । ସ୍ତ୍ରୀଲୋକମାନେ ତାହା ଚାହାଁନ୍ତି ନାହିଁ । ସେମାନେ ସେଥିରୁ ସେମାନଙ୍କର ଆଙ୍ଗୁଠିଗୁଡିକୁ ବାହାର ଦିଶୁଥିବାର ଚାହାଁନ୍ତି । ବାକି ସ୍ତ୍ରୀଲୋକମାନେ ତାହା କରୁଛନ୍ତି । ତାହା ଠିକ୍ ଅଟେ ।

221 ଯେତେବେଳେ ଆପଣ ମଣ୍ଡଳୀକୁ ଯାଆନ୍ତି, ଆପଣ ସେମାନଙ୍କୁ ପୁରୁଣା-ସମୟର ଧର୍ମକୁ ବିକ୍ରୟ କରିପାରନ୍ତି ନାହିଁ, କାରଣ ସେହି ଅନ୍ୟ ସ୍ତ୍ରୀଲୋକ ଜଣ, ସେ ଚାହେଁ ନାହିଁ, ନା, ତାହା ସହିତ କିଛି ହେଲେ କରିବାକୁ ଚାହେଁ ନାହିଁ । ନା, ମହାଶୟ । "ମୋତେ ସେଠାରେ ତଳକୁ ଯିବାର କୌଣସି ପ୍ରୟୋଜନ ନାହିଁ । ମୁଁ ତ କେବଳ ବିଶ୍ୱାସ କରେ, ତାହା ହିଁ ସବୁକିଛି ଏହା ସହିତରେ ଅଛି ।" ହେ ଭାଇ, ଶୟତାନ ମଧ୍ୟ, ବିଶ୍ୱାସ କରେ । ଠିକ୍ । ଆପଣ ପ୍ରାୟଶ୍ଚିତ କରିବେ ନୋହିଲେ ବିନଷ୍ଟ ହୋଇଯିବେ ।

222 ତେବେ, କ୍ଷମା କରନ୍ତୁ; ନା, ମୁଁ ନୁହେଁ । ନା, ମୁଁ ନୁହେଁ । ନା, ମୁଁ ତାହା ଫେରାଇ ନେଉଅଛି । ମୁଁ ଲୋକମାନଙ୍କୁ ଭଲ ପାଏ । ମାତ୍ର ମୁଁ—ମୁଁ—ମୁଁ—ମୁଁ ଆପଣମାନଙ୍କୁ ଏତେ ଅଧିକ ଭଲ ପାଏ ଯେ ମୁଁ ଆପଣମାନଙ୍କୁ ତାହା ଭିତରକୁ ସେହିପରି ଭାବରେ ସୀଧାସଳଖ ଡେଇଁ ପଡୁଥିବାର ଦେଖିପାରେ ନାହିଁ । ପରମେଶ୍ୱର ଇଚ୍ଛା କଲେ, ମୁଁ କିଛି ଦିନ ପରେ ଏହି ସପ୍ତାହରେ ଏହାକୁ ନେବି ।

223 ବର୍ତ୍ତମାନ, ଆପଣ ମାତାମାନଙ୍କ ପାଇଁ ଯେଉଁମାନେକି ମାଆ ଅଟନ୍ତି, ଯିବା ପୂର୍ବରୁ ଆପଣଙ୍କ ପାଇଁ କେବଳ ଗୋଟିଏ ଶବ୍ଦ । ପରମେଶ୍ୱର ଆପଣମାନଙ୍କୁ ଆଶୀର୍ବାଦ କରନ୍ତୁ । ଆପଣ ନିଜର ସନ୍ତାନମାନଙ୍କୁ ଠିକ୍ ଭାବରେ ପ୍ରତିପାଳନ କରନ୍ତୁ ।

224 ଆମେମାନେ ଏହି ଆକ୍ରମଣ ବିଷୟକୁ ନେବା; ଆମକୁ ଏପର୍ଯ୍ୟନ୍ତ ସୁଦ୍ଧା ଘର ଭିତରକୁ, ଏବଂ ଅନେକ ସ୍ଥାନକୁ, ସେହି ବିଦ୍ୟାଳୟଗୁଡିକୁ, ଏବଂ ଏହା ସହିତ ବାହାରେ ସ୍ଥାନଗୁଡିକୁ ଯିବାକୁ ଅଛି । ଆମେ ଏହାକୁ ନେବା ।

225 ମାତ୍ର, ଯୁକ୍ତରାଷ୍ଟ୍ର ଆମେରିକା ଉପରେ ଆକ୍ରମଣ, ଶୟତାନ ତାକୁ ନିଜ ଅଧୀନରେ ଅଧିକାର କରି ନେଇଛି। ରୁଷକୁ ଭୟ କରନ୍ତୁ ନାହିଁ। ରୁଷର ଏହା ସହିତ କିଛି କରିବାର ନାହିଁ। ଆମେ ଏହାକୁ ନିଜେ କରୁଅଛୁ, ଠିକ ଆମ ମଧ୍ୟରେ ଆମର ନିଜ କ୍ଷୟଯୁକ୍ତ ବିଷୟମାନ ରହିଅଛି। ତାହା ଠିକ୍ ଅଟେ।

226 କଅଣ ଆପଣମାନେ ଜାଣନ୍ତି, ଯୁକ୍ତରାଷ୍ଟ୍ର ଆମେରିକାରେ ଅବଶିଷ୍ଟ ବିଶ୍ୱର ଦେଶ ତୁଳନାରେ ଅଧିକ ଛାଡପତ୍ର ମାମଲା ରହିଛି? ଅଧିକ ଛାଡପତ୍ରମାସନ; ଏହା ବିଷୟରେ ଚିନ୍ତା କରନ୍ତୁ। କଅଣ ତାହା ଭୟଙ୍କର ଅଟେ କି? ମାତୃତ୍ୱ ଭଗ୍ନ ହୋଇଯାଇଛି। ମାତାମାନେ ନିଜର ସନ୍ତାନମାନଙ୍କ ସହିତ ଘରେ ରହୁ ନାହାଁନ୍ତି, ଯେପରି ପୂର୍ବରେ ସେମାନେ ରହୁଥିଲେ। ସେମାନଙ୍କୁ ଏକ ଚାକିରି କରିବାକୁ ଅଛି।

227 ଅନ୍ୟ ଦିନ ଏଠାରେ, ଏହି ସହରର ଜଣେ ନିର୍ଦ୍ଦିଷ୍ଟ ଖାଦ୍ୟ ସାମଗ୍ରୀ ରାସନ ଯୋଗାଉଥିବା ବ୍ୟକ୍ତି ମୋ ସହିତ ଏହା ବିଷୟରେ କଥାବାର୍ତ୍ତା ହେଉଥିଲା। ଏହି ସ୍ତ୍ରୀଲୋକମାନେ ଏହି ସାର୍ବଜନୀନ କାରଖାନାଗୁଡିକରେ କାର୍ଯ୍ୟ କରନ୍ତି, ଏହି ଯୁବା ବିବାହିତ ସ୍ତ୍ରୀଲୋକମାନେ ଯାହାଙ୍କର ସାନ ସାନ ଶିଶୁମାନେ ଅଛନ୍ତି। ସେମାନେ ନିଜର ଶିଶୁମାନଙ୍କର ଯତ୍ନ ନେବା ପାଇଁ ଶିଶୁ ଯତ୍ନକାରୀଙ୍କୁ ରଖିଛନ୍ତି। ସେମାନେ ଏହି ସାର୍ବଜନୀନ ସ୍ଥାନଗୁଡିକରେ କାର୍ଯ୍ୟ କରନ୍ତି। କହିଲେ, “ସେଠାରେ ଦୁଇଜଣ ଠିଆ ହୋଇଥିଲେ, ଯେତେବେଳେ ସେମାନଙ୍କୁ ସେମାନଙ୍କର ସାର୍ବଜନୀନ କାର୍ଯ୍ୟାଳୟରେ, କାର୍ଯ୍ୟରୁ ବିଳମ୍ବିତ କରା ଯାଇଥିଲା, କହିଲେ, ‘ବ୍ୟସ୍ତ ହୁଅ ନାହିଁ। ଆମେମାନେ ଯେକୌଣସି ପ୍ରକାରେ ବି, ଏହାକୁ ପ୍ରସ୍ତୁତ କରିନେବା।’”

228 ଓଃ, ବେଶ୍ୟାବୃତ୍ତିର ଏପରି ଏକ ସମୟ ପାଖେଇ ଆସିଛି। ନିଶ୍ଚିତରେ। ଶୟତାନ ସେମାନଙ୍କୁ କହିଅଛି ଯେ ସେମାନେ ଘରର ମାଲିକ ଅଟନ୍ତି। ସେମାନେ ତାଙ୍କର ନିଜର ଟଙ୍କା ରୋଜଗାର କରିବେ। ସେମାନେ ଯାହା ଚାହାଁନ୍ତି ତାହା କରିବେ। ଏବଂ ଯଦି ଆପଣ ପାରନ୍ତି, ତେବେ ଆପଣ ସେମାନଙ୍କଠାରୁ ଏହାକୁ ବାହାର କରନ୍ତୁ।

229 ସେଠାରେ କେବଳ ଗୋଟିଏ ବିଷୟ ଅଛି ଯାହାକି ସେମାନଙ୍କ ମଧ୍ୟରୁ ଏହାକୁ ବାହାର କରିପାରିବ, ତାହା ହେଉଛି ଯୀଶୁ ଖ୍ରୀଷ୍ଟଙ୍କ ସମ୍ମୁଖରେ ଥିବା, ଯଜ୍ଞବେଦୀ, ଏକ ପୁରୁଣା-କାଳିଆ, ଅଶ୍ରୁ-ସ୍ରୋତ ଧର୍ମ ଯାହାକି ସେମାନଙ୍କର ହୃଦୟକୁ ଭାଙ୍ଗି ପକାଇବ ଏବଂ ସେମାନଙ୍କୁ ଖଣ୍ଡ ଖଣ୍ଡ କରିଦେବ, ଏବଂ ସେମାନଙ୍କୁ ତାହା କରିବ ଯାହା ସେମାନେ ହେବା ଉଚିତ୍। ତାହା ଠିକ୍ ଅଟେ।

230 ସେମାନେ ହୁଏତ ଏହା ଭାବି ପାରନ୍ତି ଯେ ମୁଁ କେବଳ ଜଣେ ପୁରାତନ ବିଚାର ରଖୁଥିବା ବୃଦ୍ଧ ଲୋକ ଅଟେ। ମାତ୍ର ଯେଉଁ ଦିନ ଆପଣମାନେ ମରୁଥିବେ, ମୋର ଭାଇ, ଭଉଣୀ, ସେଦିନ ଆପଣ ଏହା ହୃଦୟଙ୍ଗମ କରିବେ ଯେ ମୁଁ ଆପଣଙ୍କୁ ସତ୍ୟ କହିଥିଲି। ତାହା ଠିକ୍ ଅଟେ।

231 ସେ ଆକ୍ରମଣ, କରା ଯାଇଅଛି, ସେହି ଘଟିକା ଏଠାରେ ଉପସ୍ଥିତ ଅଟେ। ତେବେ,

ବର୍ତ୍ତମାନ, ହଁ, ନିଷ୍ପତ୍ତିର ଏକ ସମୟ, ମଧ୍ୟ, ନିର୍ଣ୍ଣୟର ଏକ ଘଟିକା, ମଣ୍ଡଳୀକୁ ଆସିବା ପାଇଁ ନୁହେଁ, ବରଂ ନିଷ୍ପତ୍ତିର ଏପରି ଏକ ସମୟ ଯେ ଆପଣ ଖ୍ରୀଷ୍ଟଙ୍କର ସେବା କରିବାକୁ ଯାଉଛନ୍ତି ନା ଆପଣ ନିଜ ମଣ୍ଡଳୀରେ ଈଷଦୁଷ୍ଣ ହୋଇ ରହିବାକୁ ଯାଉଛନ୍ତି । ଏବଂ ତାହା ଠିକ୍ ଅଟେ ।

232 ସେଠାରେ ବହୁ ସଂଖ୍ୟକ ମଣ୍ଡଳୀ ସଦସ୍ୟମାନେ ଅଛନ୍ତି । ଯଦି ସମସ୍ତ ସଦ-...କିମ୍ବା ଆମେରିକାର ଲୋକମାନେ ଯେଉଁମାନେକି ନିଜକୁ ଖ୍ରୀଷ୍ଟିଆନ ବୋଲି କୁହନ୍ତି, ପ୍ରକୃତ ଖ୍ରୀଷ୍ଟିଆନ, ନୂତନ-ଜନ୍ମ ପ୍ରାପ୍ତ ଖ୍ରୀଷ୍ଟିଆନ ହୋଇଯିବେ, ତାହାହେଲେ ଭାଇ, ଆମେମାନେ ଯୁଦ୍ଧ ଏବଂ ସଙ୍କଟଠାରୁ, ସେତିକି ସୁରକ୍ଷିତ ରହିବା ଯେତିକି ସୁରକ୍ଷିତ ଆମେ, ପ୍ରାୟଃ ସ୍ୱର୍ଗରେ ରହିବା, ହଁ, ମହାଶୟ, ରୋଗଗୁଡିକ ଦେଶକୁ, ଏବଂ ସବୁକିଛିକୁ ଛାଡି ଚାଲିଯିବ ।

233 କଅଣ ଏହା ଉତ୍ତମ ହେବ ନାହିଁ ଯେ ରାସ୍ତାରେ ଚାଲି ଆସି ଏହା ଦେଖିବା ଯେଉଁଠାରେକି ଜଣେ ମହିଳା ଆସନ୍ତି, ଏବଂ ପୁରୁଷ, "ଭଉଣୀ, ଆପଣ କେମିତି ଅଛନ୍ତି? ଶୁଭ ସକାଳ, ଭାଇ"? ଚାଲି ଯାଆନ୍ତି, ସେଠାରେ ନ ଥାଏ...ଜଗତରେ ଆପଣଙ୍କର ଗୋଟିଏ ବି ଚିନ୍ତା ନ ଥାଏ । ସବୁକିଛି ଠିକ୍ ଏବଂ ଉତ୍ତମ ରହିଥାଏ । ଏବଂ ଜଣେ ବ୍ୟକ୍ତି ରାସ୍ତାର କୋଣକୁ ଆସନ୍ତି; ଆପଣଙ୍କ ଉପରେ ଚାଲିଯିବାକୁ ଚେଷ୍ଟା କରିବା ପରିବର୍ତ୍ତେ, ସେ ଅଟକି ଯିବେ, କହିବେ, "ଠିକ ଅଛି, ଭାଇ । ଠିକ ଅଛି, ଆପଣଙ୍କର ଥିଲା...ଓଃ, ଆପଣ ମୋ ପୂର୍ବରୁ," ଆପଣ ଦେଖନ୍ତୁ, କେବଳ ପସନ୍ଦ କରିବା...କଅଣ ତାହା ଅଦ୍ଭୁତ ହେବ ନାହିଁ କି? [ମଣ୍ଡଳୀ କୁହନ୍ତି, "ଆମେନ୍ ।"—ସମ୍ପା ।] ଆମେମାନେ ଏହା ପାଇବାକୁ ଯାଉଅଛୁ, ମାତ୍ର ତାହା ସହସ୍ରାବ୍ଦୀରେ ଅଟେ, ଭାଇ । ଦିନ ପାଖେଇ ଆସୁଛି । ତାହା ଠିକ୍ ଅଟେ । ତେଣୁକରି ବର୍ତ୍ତମାନ ଆମେମାନେ ନାହୁଁ...

234 ଏଠାରେ ଅନ୍ୟ ଦିନ, ମୁଁ ଆମ ପଡ଼ୋଶରେ ଠିଆ ହୋଇଥିଲି; ଆମ ପଡ଼ୋଶ ବିରୁଦ୍ଧରେ କିଛି ନୁହେଁ, ମାତ୍ର ମୁଁ ଆମର ସାନ ସାନ ପିଲାମାନଙ୍କୁ ଲକ୍ଷ୍ୟ କରିପାରେ । ପତ୍ନୀ କାନ୍ଦୁଥିଲେ । ଏହି ସହରର ଜଣେ ନିର୍ଦ୍ଦିଷ୍ଟ ଡାକ୍ତର, ତାଙ୍କ ସାନ ଝିଅ ମୋର ସାନ ଝିଅ ସହିତ ଖେଳା ବୁଲା କରିଥାଏ, ଏବଂ ସେମାନେ ପରସ୍ପରକୁ ଭଲ ପାଆନ୍ତି; ଯେପର୍ଯ୍ୟନ୍ତକି ଦିନେ ସେମାନେ ଏହା ଜାଣିବାକୁ ପାଇଲେ ଯେ ତାର ନାମ ବ୍ରାନହାମ୍ ଥିଲା, ଏବଂ ସେ ରେଭ. ବ୍ରାନହାମ୍‌ଙ୍କର ସନ୍ତାନ ଅଟେ । ତାହା ଏହାକୁ ସମାଧାନ କଲା । ସେହି ସାନ ଝିଅ ଆଉ ଅଧିକ ମୋର ସାନ ଝିଅ ସହିତ ଯିବା ଆସିବା କରିପାରିଲା ନାହିଁ । "ମୋର ପ୍ରଭୁ," ମୁଁ ଭାବିଲି, "ତେବେ, ଠିକ ଅଛି ।"

235 ପଡୋଶର କେତେକେ ସାନ ସାନ ପିଲାମାନେ ସେଠାରେ ଦୌଡା ଦୌଡି କରନ୍ତି, କହିଲେ, "ତେବେ, ଏହା ଠିକ୍ ଅଛି ।" ତେଣୁ, ସେମାନେ ସେମାନଙ୍କର ପାଳକଙ୍କ ନିକଟକୁ ଗଲେ । ମୋତେ କୁହନ୍ତୁ ନାହିଁ । ଆପଣ ଜାଣନ୍ତି, ମୋ—ମୋ ପାଖରେ ଅନେକ ଜିନିଷଗୁଡିକୁ ଜାଣିବାର ଏକ ଉପାୟ ଅଛି, ଆପଣ ଦେଖନ୍ତୁ । ତେଣୁକରି ସେମାନେ—ସେମାନେ ସେମାନଙ୍କର ପାଳକଙ୍କ ନିକଟକୁ ଯାଇ, କହିଲେ, "ଆପଣ ଜାଣନ୍ତି, ସେଠାରେ ଆମ ପଡ଼ୋଷରେ ଜଣେ ବ୍ୟକ୍ତି ରୁହନ୍ତି, ଆମ ପିଲାମାନଙ୍କ ପ୍ରତି ଏତେ ଭଲ ଅଟନ୍ତି ।" କହିଲେ,

"ଏହା ହେଉଛନ୍ତି ରେଭ. ବ୍ରାନହାମ୍ । ସେ ସେମାନଙ୍କୁ ନେଇ, ନିଜର ଛୋଟ ପୁରୁଣା ଟ୍ରକରେ ଭରି, ସେମାନଙ୍କୁ ବାହାରକୁ ନେଇଯାଆନ୍ତି ।"

236 କହିଲେ, "ତେବେ, ଉଃ, *ଆହେଁ!* ଆମର ରେଭ. ବ୍ରାନହାମ୍‌ଙ୍କ ବିରୁଦ୍ଧରେ କିଛି ନାହିଁ । ସେ ଠିକ୍ ଅଟନ୍ତି, ମାତ୍ର, ଆପଣ ଦେଖନ୍ତୁ, ସେ ଆମ ତୁଳନାରେ ଏକ ଭିନ୍ନ ଶ୍ରେଣୀର ଲୋକ ଅଟନ୍ତି ଯାହା ଆମେମାନେ ଅଟୁ ।" ହଁ । "ଆମେ, ମୁଁ—ମୁଁ ଚାହେଁ ଯେ ଆପଣ ନ ହୁଅନ୍ତି…ଆପଣ ଜାଣନ୍ତି, ମୁଁ ଏକ ପ୍ରକାରେ କରିବି ନାହିଁ…ଆପଣ ସେମାନଙ୍କ ସହିତ କଥାବାର୍ତ୍ତା କରନ୍ତୁ, ଏବଂ ବନ୍ଧୁତ୍ୱପୂର୍ଣ୍ଣ ହୁଅନ୍ତୁ, ମାତ୍ର ତାହାହିଁ ଶେଷ ହେଉ ।"

237 ହେ, ଭାଇ! ମୋର ପତ୍ନୀ ସେଠାରେ ଠିଆ ହୋଇ, କାନ୍ଦିଥିଲେ । ମୁଁ କହିଲି, "ପ୍ରିୟେ, ଏହା ଏକ ପୃଥକୀକରଣ ରେଖା ଅଟେ । ତେବେ ମୋର ଏବଂ ମୋର ଗୃହ ନିମନ୍ତେ, ଆମେ ତ ପ୍ରଭୁଙ୍କର ସେବା କରିବୁ ।"

238 ଯଦିଓ ସମସ୍ତ ଜଗତ ଚାଡିବାକୁ ପଡେ; ତଥାପି ଯୀଶୁ ଖ୍ରୀଷ୍ଟ! ଯଦି ମୋତେ ଜଣେ ପାଗଳ ବୋଲି ଡକାଯାଏ, ଯଦି ମୋତେ ମୋର ସମ୍ପର୍କୀୟ-…ମୋର ସାଥୀମାନଙ୍କଠାରୁ ଘୃଣା କରାଯାଏ, ଏବଂ ସେହିପରି ଜିନିଷ ସବୁ, ମୁଁ ତଥାପି ଯୀଶୁ ଖ୍ରୀଷ୍ଟଙ୍କୁ ବାଛିବି । ପରମେଶ୍ୱରଙ୍କ ଅପରିବର୍ତ୍ତନୀୟ ହାତକୁ ଧରି ରଖନ୍ତୁ । ଯେତେବେଳେ ଜାଗତିକ ବନ୍ଧୁମାନେ ଆପଣଙ୍କୁ ପରିତ୍ୟାଗ କରନ୍ତି, ଆପଣ ତଥାପି ସେତେବେଳେ ତାହାଙ୍କୁ ଆହୁରି ଜାବୁଡି ଧରନ୍ତୁ । ତାହାଙ୍କୁ ଧରି ରଖନ୍ତୁ ।

239 ହେ ପରମେଶ୍ୱର, ମୁଁ ଏପରି ପ୍ରଚାର କରେ ଯେପରିକି ମୁଁ ପୂର୍ବରୁ କେବେ କରି ନାହିଁ । ମୋତେ ନିଜେ, ଏକ ମରଣଶୀଳ ବ୍ୟକ୍ତି ଭାବରେ, ମରଣଶୀଳ ଲୋକମାନଙ୍କୁ ପ୍ରଚାର କରିବାକୁ ଦିଅ । ମୋତେ ଲୋକମାନଙ୍କୁ ଏପରି ପ୍ରଚାର କରିବାକୁ ଦିଅ ଯେପରିକି ମୋ ପାଖରେ ପ୍ରଚାର କରିବା ପାଇଁ ଆଉ କୌଣସି ଉପଦେଶ ନ ଥିବ । ମୋତେ ସେମାନଙ୍କୁ ଲୁହ ଝରୁଥିବା ମୁଖମଣ୍ଡଳ ସହିତରେ, ଯଜ୍ଞବେଦି ନିକଟକୁ ଆସିବା ହେତୁ ପ୍ରବର୍ତ୍ତାଇବାକୁ ଦିଅ; ଯେପରି ସେମାନେ ଘରକୁ ଫେରି ଖ୍ରୀଷ୍ଟିଆନଙ୍କ ପରି ଜୀବନ ଯାପନ କରନ୍ତି, ଏବଂ ସେମାନଙ୍କ ପଡ଼ୋଶରେ ରୁହନ୍ତି । ଏଠାରେ ଏହି ସବୁ ଥଟ୍ଟା ପରିହାସ କରିବା ଏବଂ ଦୌଡା ଦୌଡି କରିବା, ଓ ଡିଆଁ ମାରିବା ଏବଂ ସେପରି ଆଚରଣ କରିବା ବନ୍ଦ କରନ୍ତୁ; ଏବଂ *ଏହିପରି* କାର୍ଯ୍ୟ କରିବା, ଏବଂ *ଏହା* ଉପରେ ପାଟି ତୁଣ୍ଡ କରିବା, ଏବଂ *ସେହି* ମାର୍ଗରେ ଯିବା ବନ୍ଦ କରନ୍ତୁ । ଓଃ, ତାହା କରନ୍ତୁ ନାହିଁ । ତାହା ତ ଶୟତାନ ଅଟେ । ସେହି ଭୂତ ଆତ୍ମାମାନେ ଖ୍ରୀଷ୍ଟିୟାନମାନଙ୍କ ଉପରେ ଆସନ୍ତି ।

240 ମନେରଖନ୍ତୁ, ସେଠାରେ ତଳେ ଥିବା ସେହି ସେବକମାନେ, ସେମାନେ ସେହି ଭବିଷ୍ୟଦ୍‌ବକ୍ତାଗଣ ଥିଲେ । ସେମାନେ ଭବିଷ୍ୟଦ୍‌ବକ୍ତାମାନେ ଥିଲେ । ସେମାନେ ବଳିଦାନ ଉତ୍ସର୍ଗ କରୁଥିବା ଧାର୍ମିକ ବ୍ୟକ୍ତିମାନେ ଥିଲେ । ସେମାନେ ଆଜିର ଶିକ୍ଷକମାନଙ୍କ ପରି ସେତିକି ଧାର୍ମିକ ଥିଲେ, ମାତ୍ର, ଭାଇ, ସେମାନେ ସତ୍ୟ ଜାଣିବାଠାରୁ ବହୁତ ଦୂରରେ ଥିଲେ ।

241 କଅଣ ଆପଣ ତାହା ଦେଖୁ ନାହାଁନ୍ତି ଯେ ଶୟତାନ କେତେ ଧାର୍ମିକ ଅଟେ? ଶୟତାନ ସାମ୍ୟବାଦ ଭଳି କୌଣସି ସେହି ମହାନ ବଡ଼ ବିଷୟ, ଖ୍ରୀଷ୍ଟିଆନ ଧର୍ମ ବିରୁଦ୍ଧରେ ସମସ୍ତ କିଛି ରହିଥିବା, କୌଣସି ବିରୋଧୀ- ନୁହେଁ। ତାହା ନୁହେଁ। ତାହା ତ, ଓଃ, ତେବେ, ଶୟତାନର ଅଟେ, ନିଶ୍ଚିତରେ, କିନ୍ତୁ ଏହା ଖ୍ରୀଷ୍ଟ ବିରୋଧୀ ନୁହେଁ। ଖ୍ରୀଷ୍ଟ ବିରୋଧୀ ଅତ୍ୟନ୍ତ ଧାର୍ମିକ, ଅତ୍ୟନ୍ତ ଧାର୍ମିକ ଅଟେ। ଏହା ତ ଏକ ଧାର୍ମିକ ଆତ୍ମା ଥିଲା ଯାହାକି ଯୀଶୁଙ୍କୁ କ୍ରୁଶରେ ଚଢାଇଥିଲା। ଏହା ତ ସର୍ବଦା ଏକ ଧାର୍ମିକ ଜଗତ, ଏକ ଧାର୍ମିକ ଲୋକ ଅଟନ୍ତି, ଯାହାକି କ୍ରୁଶବିଦ୍ଧ କରିଅଛି। ଏହା ତ ଧାର୍ମିକ ଲୋକମାନେ ହିଁ ଅଟନ୍ତି ଯେଉଁମାନେକି ସତ୍ୟ ଖ୍ରୀଷ୍ଟଙ୍କ ବିରୁଦ୍ଧରେ ରହିଥିଲେ। ଏହା ତ ଧାର୍ମିକ ଭବିଷ୍ୟଦ୍‌ବକ୍ତାମାନେ ହିଁ ଥିଲେ ଯେଉଁମାନେକି ମୀଖାୟଙ୍କ ବିରୁଦ୍ଧରେ ଥିଲେ। ଏହା ତ ସେହି ଦିନର ଧାର୍ମିକ ବ୍ୟକ୍ତିମାନେ ହିଁ ଥିଲେ ଯେଉଁମାନେକି ପରମେଶ୍ୱରଙ୍କ ବାର୍ତ୍ତାର ବିରୁଦ୍ଧରେ ଥିଲେ।

242 ମନେରଖନ୍ତୁ, ମୁଁ ଆପଣମାନଙ୍କୁ ଚେତାବନୀ ଦେଇଅଛି। ମୁଁ ଆପଣମାନଙ୍କୁ କହିଅଛି। ମୁଁ କ୍ୟାଥୋଲିକ ଧର୍ମ, ଏବଂ ବାପ୍ଟିଷ୍ଟ ଓ ମେଥୋଡିଷ୍ଟ ବିଷୟରେ ଅଧିକ କିଛି କହୁ ନାହିଁ; ମୁଁ ତ କେବଳ ସେହି ଲୋକମାନଙ୍କ ବିଷୟରେ କହୁଅଛି ଯେଉଁମାନେକି, ଠିକ ଏଠାରେ ଏହି ରେଖାର ଅନୁସାରେ ପବିତ୍ର ଲୋକମାନେ ଅଟନ୍ତି। ଆଜି ଏହାକୁ ଦେଖନ୍ତୁ, ଯେ ଏହା କିପରି ଭାବରେ ସାମ୍ନାକୁ ଆସିଅଛି ଏବଂ ନାଟକରେ ଛିଡା ହୋଇଅଛି। ଓଃ, ମୋର ପ୍ରଭୁ। କୌଣସି ସମୟରେ, ମୁଁ ଏହା ଭିତରକୁ ଯିବି। ଏବଂ ମୋର ହୃଦୟ ମୋ ଭିତରେ ଭାଙ୍ଗି ଯାଉଅଛି।

243 ସେଠାରେ ଏକ ପୁରୁଣା ବାଞ୍ଜୋ ବାଦ୍ୟ ସହିତ ଠିଆ ହୋଇ, ସେହି ପୁରୁଣା ବାଞ୍ଜୋକୁ ବଜାଇ, ଏବଂ ସେହିପରି ନିରୁଦ୍ଦେଶ୍ୟ ଭାବରେ ଏକ ପୁରୁଣା ଜିନିଷକୁ ବଜାଇବା, "କଅଣ ଏହା ଟେକ୍ସାସ୍ ସେହି ଗୋରକ୍ଷକ ବାଳକ *ଅମୁକ-ଓ-ଅମୁକ* ଅଟେ?" ମୋର ସେହି ବ୍ୟକ୍ତିଙ୍କ ବିରୁଦ୍ଧରେ କିଛି ହେଲେ ନାହିଁ; ମାତ୍ର ତାହା ସେଠାରେ ବାହାରେ ଥିବା ସେହି ଜଗତ ସହିତରେ ସମ୍ପୃକ୍ତ ଅଟେ। ତାହା ଠିକ୍। ଭାଇ, ମୁଁ ତ ବରଂ ଠିଆ ହେବି, ଏପରିକି କୌଣସି ବି ବିଷୟର, ଗୋଟିଏ ହେଲେ ଜିନିଷ ସୁଦ୍ଧା ନ ଥାଇ, ଆଦୌ ନ ଥାଇ, କେବଳ ଠିଆ ହୋଇ ମୋ ହାତକୁ ଉପରକୁ ଉଠାଇ ଏହା କହିବି, "ଯୀଶୁ, ମୋତେ କ୍ରୁଶ ନିକଟରେ ରଖ।" ହଁ, ମହାଶୟ।

> ସମର୍ପିତ କ୍ରୁସ୍ ମୁଁ ବହନ କରିବି,
> ଯେପର୍ଯ୍ୟନ୍ତ ମୃତ୍ୟୁ ମୋତେ ମୁକ୍ତ ନ କରେ,
> ତାହାପରେ ମୁକୁଟ ପିନ୍ଧିବାକୁ ଘରକୁ ଯିବି,
> କାରଣ ସେଠାରେ ମୋ ପାଇଁ ଏକ ମୁକୁଟ ଅଛି।

244 ଆଜି ସକାଳେ ଏଠାରେ ଆପଣ ସାନ ସାନ ମାତାମାନଙ୍କ ପାଇଁ, ଯେଉଁମାନେକି ପ୍ରକୃତ ମାଆ ଅଟନ୍ତି, ଏବଂ ମୁଁ ଜାଣେ ଯେ ସେଠାରେ ଆପଣମାନଙ୍କ ମଧ୍ୟରୁ ଅନେକେ ଅଛନ୍ତି; ମୁଁ ଭାବୁଛି, ଆପଣମାନଙ୍କ ମଧ୍ୟରୁ ପ୍ରତ୍ୟେକ ଜଣ। ମୋତେ ଆପଣମାନଙ୍କୁ କିଛି କହିବାକୁ ଦିଅନ୍ତୁ। ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ। ମୁଁ ଭାବୁଛି, ଆପଣମାନେ ପଞ୍ଚମ

ସୁସମାଚାର ଅଟନ୍ତି । ମୋତେ ବର୍ତ୍ତମାନ ଆପଣଙ୍କ ପିଲାମାନଙ୍କ ପାଇଁ କଅଣ ଦରକାର ତାହା କହିବାକୁ ଦିଅନ୍ତୁ, କେବଳ ଅଳ୍ପ ଟିକିଏ କଥା । କାରଣ, ଭାଇ ନେଭିଲ୍ ବୋଧହୁଏ ଆଜି ରାତିରେ ମାଆ ବିଷୟରେ...ଏହା ଉପରେ ପ୍ରଚାର କରିବେ, କିଅବା ଯିଏ କେହି ବି, ଆମ ମଧ୍ୟରୁ ଜଣେ ଯିଏ ବି ପ୍ରଚାର କରନ୍ତି, ଠିକ୍ ଅଛି, ମାଆ ବିଷୟରେ । ମାତ୍ର, ଶୁଣନ୍ତୁ, ମୋତେ ଆପଣମାନଙ୍କୁ କିଛି ପଚାରିବାକୁ ଦିଅନ୍ତୁ ।

245 ମନେରଖନ୍ତୁ, ଯେତେବେଳେ ମୋଶା ଏକ ଛୋଟ ବାଳକ ହିଁ ଥିଲେ, ଏହା ଜଣେ ମାତା ଥିଲେ ଯିଏକି ତାଙ୍କୁ ତାଙ୍କର ନିର୍ଦ୍ଦେଶମାନ ଦେଇଥିଲେ । ଏହା ଜଣେ ଧର୍ମ ପରାୟଣ ମାତା ଥିଲେ ଯିଏକି ସାନ ମୋଶାଙ୍କୁ ନିଜ କୋଳରେ ନେଇ, କହିଥିଲେ, "ମୋଶା," ତାଙ୍କୁ ସମସ୍ତ କିଛି ଶିକ୍ଷା ଦେଇଥିଲେ । ସେ ତାଙ୍କର ଗୁରୁ ଥିଲେ, କିମ୍ବା, ଫାରୋଙ୍କ ଅଧୀନରେ, ତାଙ୍କ ମାତା ବରଂ, ତାଙ୍କର ଗୁରୁ ଥିଲେ, ଏବଂ କହିଥିଲେ, "ତେବେ, ଏହି ଜିନିଷଗୁଡ଼ିକ," କହିଲେ, "ମୋଶା, କୌଣସି ଦିନେ ତୁ ଇସ୍ରାଏଲର ସନ୍ତାନଗଣଙ୍କୁ ଉଦ୍ଧାର କରିବାକୁ ଯାଉଅଛୁ । ତୁ ହିଁ ସେହି ବାଳକ ଅଟୁ ଯାହାକୁ ଆହ୍ୱାନ କରାଯାଇଛି । ନିଜକୁ ଜଗତଠାରୁ ନିର୍ମଳ ଏବଂ ପରିଷ୍କାର ରଖ, କାରଣ ତୁ ହିଁ ସେହି ଜଣକା ଅଟୁ । ତୁ ହିଁ ସେହି ଜଣକା ଅଟୁ ।"

246 ଅନ୍ୟ କୌଣସି ସ୍ଥାନ ଆମେ ଜାଣି ନାହୁଁ, ଯେଉଁଠାରେକି ସେ କେବେ କୌଣସି ଧାର୍ମିକ ବିଦ୍ୟାଳୟକୁ ଯାଇଥିଲେ, ଆଦୌ କୌଣସି ଶିକ୍ଷା, ଯାହାକି ସେ କେବେ ଗ୍ରହଣ କରିଥିଲେ । ସେ ଠିକ ସେହି ଫାରୋଙ୍କ ପ୍ରାସାଦରେ ରହିଥିଲେ, ଯାହାକି ଏକ ପ୍ରତିମାପୂଜାର ସ୍ଥାନ ଥିଲା; ମାତ୍ର ତାଙ୍କ ମାଆ ତାଙ୍କୁ ଶିକ୍ଷା ଦେଇଥିଲେ । ସେ ଜଣେ ପ୍ରକୃତ ମାତା ଅଟନ୍ତି । ସେ ତାଙ୍କୁ ପ୍ରଭୁଙ୍କ ଆଦେଶଗୁଡିକ ଶିଖାଇଥିଲେ । ସେ ତାଙ୍କୁ କହିଥିଲେ ଯେ ସେ କିପରି ପବିତ୍ର ହେବା ଆବଶ୍ୟକ । ସେ ତାଙ୍କୁ କହିଥିଲେ ଯେ ସେ କିପରି ଭାବରେ ଏବଂ କଅଣ ଜୀବନ ଯାପନ କରିବା ଉଚିତ୍, ଏବଂ କିପରି, ପରମେଶ୍ୱରଙ୍କୁ କଅଣ କରିବାକୁ ଅଛି, ତାଙ୍କ ପାଇଁ କରିବାକୁ ଅଛି । ଏବଂ ଏହା ମୋଶାଙ୍କ ସହିତ ତାଙ୍କ ଜୀବନସାରା ରହିଲା ।

247 ଏବଂ ଯେକୌଣସି ଉତ୍ତମ, ସତ୍ୟ, ବିଶ୍ୱସ୍ତ ମାତା ଯିଏକି ନିଜର ସାନ ଶିଶୁମାନଙ୍କୁ ନେବେ, ସେମାନଙ୍କୁ ଚଳଚିତ୍ର ଦର୍ଶନ ଏବଂ ନୃତ୍ୟକୁ ପଠାଇବା, ଏବଂ ସେହିପରି ବିଷୟଗୁଡିକୁ କରିବା ପରିବର୍ତ୍ତେ, ଏବଂ ସେ ତ ସେମାନଙ୍କୁ ନିଜ କୋଳରେ ରଖି ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ବିଷୟରେ ଶିକ୍ଷା ଦେବେ ।

248 ଏଠାରେ ଅନ୍ୟ ଏକ ଦିନେ, ମୁଁ ଟେଲିଫୋନ୍ ଯୋଗେ ଜଣେ ମାତାଙ୍କ ସହିତ କଥା ହେଉଥିଲି । ଏବଂ ସେହି ମାତା କହିଲେ, "ଓଃ, ଭାଇ ବିଲି," ସେ କହିଲେ, "ମୋର ବେଚାରା ପୁଅ ସମସ୍ୟାରେ ଅଛି ।" କହିଲେ, "ଓଃ, ସେ କେଡ଼େ ଏକ ସମସ୍ୟାରେ ଅଛି ।"

249 ମୁଁ କହିଲି, "ହଁ, ଭଉଣୀ, ପ୍ରିୟ, ମୁଁ ଏହା ବିଷୟରେ ଜାଣେ ।" ଏବଂ ସେ କହିଲେ, "ସେ ଭୁଲ ହୋଇପାରେ । ମୁଁ ଜାଣେ ନାହିଁ ।" କହିଲେ, "ଜଣେ *ଏହା* କହୁଛନ୍ତି ଏବଂ ଜଣେ *ତାହା* କହୁଛନ୍ତି । ମୁଁ ଜାଣେ ନାହିଁ । ମାତ୍ର," କହିଲେ, "ଯାଏ ଆସେ ନାହିଁ ଯେ ସେ ଭୁଲ୍ କି ଠିକ୍ ଅଟେ,

ମୁଁ ତାକୁ ଭଲ ପାଏ ।” ସେଠାରେ ଆପଣ ଅଛନ୍ତି, “ମୁଁ ତାକୁ ଭଲ ପାଏ ।”

250 ସେ ତାର ମାଆଙ୍କୁ କହିଲା, କହିଲା, “ମୁଁ *ଏହା* ଏବଂ *ତାହା* ଦ୍ୱାରା ଅତିଶୟ ପ୍ରତାରିତ ହୋଇଅଛି ।” କହିଲା, “ମାଆ, ମୁଁ ବିଶ୍ୱାସ କରେ ଯେ ତୁମେ ହିଁ ଏକମାତ୍ର ପ୍ରିୟତମା ଅଟ ଯାହା ମୋ ପାଖରେ ପ୍ରକୃତରେ ଅଛି; ଏପରି ଜଣେ ସ୍ତ୍ରୀଲୋକ ଯିଏକି ମୋ ପ୍ରତି ସଚ୍ଚୋଟ ଅଟେ, ଏବଂ ମୋ ସହିତ ଲାଗି ରହିଥାଏ ।” ତାହାହିଁ ମାତୃ ପ୍ରେମ ଅଟେ । ତାହା ହେଉଛି ଜଣେ ପ୍ରକୃତ ମାଆ ଯିଏକି ନିଜ ଶିଶୁର ଚାରିପାଖରେ ତାଙ୍କର ବାହୁକୁ ଦେବେ । ଏଥିରେ କିଛି ଯାଏ ଆସେ ନାହିଁ ଯେ ସେ ଠିକ୍ କି ଭୁଲ୍, ସେ ତ ଠିକ୍ ତାହା ଦେଇ ଚାଲି ଯାଇଥାନ୍ତି । ଏବଂ ଯଦି ପରମେଶ୍ୱର…ଯଦି ଜଣେ ମାତା ନିଜ ଶିଶୁ ବିଷୟରେ ସେପରି ଚିନ୍ତା କରିପାରେ, ତାହାହେଲେ ପରମେଶ୍ୱର ତାହାଙ୍କର ନିଜ ବିଷୟରେ କେତେ ଅଧିକ ନ ଚିନ୍ତା କରିବେ । କଅଣ ଆପଣ ଦେଖୁଛନ୍ତି କି? ଆପଣ ଠିକ ତାହାଙ୍କ ସହିତ ଲାଗି ରୁହନ୍ତୁ । ଠିକ ମାର୍ଗରେ ଅଗ୍ରସର ହୁଅନ୍ତୁ ।

251 ଏବଂ ବର୍ତ୍ତମାନ ମୋତେ ଆପଣଙ୍କୁ ଅତି ଶୀଘ୍ର, ବାଇବଲରେ, ଆଉ ଜଣେ ମାତାଙ୍କ ବିଷୟରେ କହିବାକୁ ଦିଅନ୍ତୁ, ଏହା ପୂର୍ବେକି ଆମେମାନେ ବନ୍ଦ କରୁ । ସେଠାରେ ହେରୋଦିଆ ନାମକ ଜଣେ ମାତା ଥିଲେ । ସେ ନିଜର ଝିଅକୁ ଟ୍ୟାପ୍ ନୃତ୍ୟ କରିବାକୁ ଶିଖାଇଥିଲେ । ସେ ଚାହୁଁଥିଲେ ଯେ ସେ ଲୋକପ୍ରିୟ ହେଉ । ଏବଂ ସେହି ଝିଅ ରାଜାଙ୍କ ଆଗରେ ନାଚିଲେ, ଏବଂ ବାପ୍ତିଜକ ଯୋହନଙ୍କ ମୁଣ୍ଡ ପୁରସ୍କାରରେ ଚାହିଁଲେ । ଆମ ପାଖରେ ସେହି ଝିଅର ସତୁରିଜଣ ସନ୍ତାନଙ୍କର ଦସ୍ତାବେଜ ରେକର୍ଡ ଅଛି, ଏହି କନ୍ୟା ଯିଏକି ତାଙ୍କ ସମ୍ମୁଖରେ ନାଚିଥିଲେ (ହେରୋଦିଆଙ୍କ ଝିଅ), ହେରୋଦଙ୍କ ସମ୍ମୁଖରେ ନାଚିଥିଲେ; ତାଙ୍କର ସତୁରିଜଣ ସନ୍ତାନ, ସେମାନେ ବେଶ୍ୟା ଭାବରେ କିମ୍ବା ଫାଶୀରେ ମରିଥିଲେ ।

252 ଜଣେ ମାତା ତାକୁ ଜଗତର ଜିନିଷସବୁ ଶିଖାଇଲେ; ଅନ୍ୟ ଜଣେ ମାତା ତାଙ୍କୁ ପରମେଶ୍ୱରଙ୍କ ବିଷୟସବୁ ଶିଖାଇଲେ । ଜଣେ ଏକ ମହାନ ନେତା ଏବଂ ବିଜେତା ହେଲେ, ଆଜି ମଧ୍ୟ ପୁରୁଷମାନଙ୍କ ମଧ୍ୟରେ ଅମର ଅଛନ୍ତି; ଏବଂ ଅନ୍ୟ ଜଣକ କାମସକ୍ତ ହୋଇ ନରକରେ ଅଛି, ଏବଂ ତାହା ସହିତ ସହସ୍ର ଥର ସହସ୍ର ବ୍ୟଭିଚାର କରା ହୋଇଅଛି । ଦେଖନ୍ତୁ ମୋର କହିବାର ଅର୍ଥ କଅଣ ଅଟେ? “ଗୋଟିଏ ଶିଶୁକୁ ସେହି ମାର୍ଗରେ କଢାଇ ନିଅ ଯେଉଁଥିରେ ସେ ଗମନାଗମନ କରିବା ଉଚିତ ।”

253 ଏବଂ ମୁଁ ନିଶ୍ଚିତ ଭାବରେ ଆପଣ ବେଚାରା ମାଆମାନଙ୍କ ସହିତ ସହାନୁଭୂତି ରଖୁଅଛି ଯେଉଁମାନେକି ନିଜର ଧଳା ଗୋଲାପ ସହିତ ବସିଛନ୍ତି । ଆଜି ସେଠାରେ ଏକ ସ୍ୱର୍ଗ ଅଛି ଯେଉଁଠାକୁକି, ଜଣେ ମାତା ଯାଇଅଛନ୍ତି, ଯେଉଁଠାରେକି ଜଣେ ଉତ୍ତମ ପୁରୁଣା-କାଳିଆ ମାତା ଯିଏକି ପରମେଶ୍ୱରଙ୍କ ନିମନ୍ତେ ବଞ୍ଚିଥିଲେ, ବୋଧହୁଏ ପରଦା ଅତିକ୍ରମ କରି ଆର ପାର୍ଶ୍ୱକୁ ଚାଲି ଯାଇଅଛନ୍ତି । ସେ ଆପଣଙ୍କର ଆଗମନକୁ ଅପେକ୍ଷା କରି ରହିଛନ୍ତି । ତାହା ଠିକ୍ ଅଟେ ।

254 ମୁଁ ଆପଣମାନଙ୍କୁ ଯେଉଁମାନେକି ସେଠାରେ ନିଜର ଲାଲ୍ ଗୋଲାପ ସହିତ ଅଛନ୍ତି ଆଦର ଏବଂ ସମ୍ମାନ କରେ । ଆପଣଙ୍କର ମାଆ, ଯଦି ଆପଣ ତାଙ୍କ ପାଇଁ କିଛି ବି କରିବାକୁ ଚାହୁଁଛନ୍ତି, ତେବେ ବର୍ଷକୁ ତିନି ଶହ ପଇଁ-ଷଠି ଦିନ ତାହା କରନ୍ତୁ । ତାଙ୍କ ଘରକୁ ଯାଇ ପ୍ରାର୍ଥନା କରନ୍ତୁ, ଏବଂ ପରମେଶ୍ୱରଙ୍କ ନିମନ୍ତେ ଜୀବନ ଯାପନ କରନ୍ତୁ । ତାହାହିଁ କରିବା ପାଇଁ ବିଷୟ ଅଟେ । ଏବଂ ନିଜର ପିଲାମାନଙ୍କୁ ପ୍ରତିପାଳନ କରନ୍ତୁ । ଏବଂ ଯେତେବେଳେ ଆପଣଙ୍କର ପିଲାମାନେ ଆସିବେ, ସେମାନେ ଆପଣଙ୍କୁ "ଧନ୍ୟ" ବୋଲି କହିବେ, ଯେତେବେଳେ ଆପଣ ପରଦା ଅତିକ୍ରମ କରି ଆର ପାର୍ଶ୍ୱକୁ ଚାଲି ଯାଇଥିବେ । ତାହାହିଁ ହେଉଛି ମାତୃତ୍ୱର ପ୍ରକୃତ ଆତ୍ମା, ମାତୃ ଦିବସର ପ୍ରକୃତ ଆତ୍ମା । ମାତୃ ଦିବସ ବର୍ଷକୁ ତିନି ଶହ ପଇଁ-ଷଠି ଦିନ ଅଟେ ।

255 ଏହି ଦିନ ହିଁ ଅଟେ ଯେଉଁ ଦିନ କି ସେମାନେ ଫୁଲ ବିକ୍ରି କରନ୍ତି ଏବଂ ଉପହାର ଦିଅନ୍ତି, ଜଗତ କରିଥାଏ । ଯଦି ଏହା ଅତିକ୍ରମ କରିଯାଏ, ଯଦି ଜଗତ ଆଉ କୋଡ଼ିଏ ବର୍ଷ ତିଷ୍ଠି ରହିଥାଏ, ସେମାନଙ୍କର ପୁତ୍ର ଦିବସ, କନ୍ୟା ଦିବସ, ଏବଂ ସମ୍ପର୍କୀୟ ଦିବସ, ଏବଂ ମାମୁଁ ଦିବସ, ଏବଂ ସେହିପରି ସମସ୍ତ ଜିନିଷସବୁ ରହିବ, ଏକ ବାଣିଜ୍ୟିକ ଚାକଚକ୍ୟତାରେ ଜଗତକୁ ରଖିବା ପାଇଁ ଯଥେଷ୍ଟ ହେବ । ତାହା ଠିକ ସେହି ସ୍ଥାନକୁ ଗତି କରୁଅଛି, ଠିକ୍ ନରକ ମଧ୍ୟକୁ, ଯେତିକି କଠିନ ଭାବରେ ତାହା ଯାଇପାରେ, ବିନାଶ ଆଡକୁ ଗତି କରୁଅଛି ।

ମାତ୍ର, ଆପଣ, ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ, ତାହାହିଁ ମୋର ପ୍ରାର୍ଥନା ଅଟେ । କଅଣ ଆମେମାନେ ପ୍ରାର୍ଥନା କରିବା କି?

256 ଆମମାନଙ୍କର ଦୟାଳୁ ସ୍ୱର୍ଗୀୟ ପିତା, ଯେତେବେଳେ ଆମେ ପଛକୁ ଅନାଉ, ଆଜି ସକାଳେ, ଆମର ମନଗୁଡିକ ସହିତରେ, ପଶ୍ଚାତ୍ ସମୟରେ, ପ୍ରାୟଃ ଶହ ଶହ ବର୍ଷ ପୂର୍ବେ, ଯେତେବେଳେ ସେଠାରେ ଯିହୋଶାଫଟ୍ ରାଜା ଆହାବଙ୍କ ପାଖରେ ଠିଆ ହୋଇଥିଲେ । ଏବଂ ତାଙ୍କ ହୃଦୟରେ ଏକ ଛୋଟ ଆତ୍ମା, ଯାହାକି ଏଯାଏଁ ପରମେଶ୍ୱରଙ୍କ ଅଂଶ ରହିଥିଲା, ଯଦିଓ ସେ ଏକ ଭୁଲ୍ କରିଥିଲେ, ତାଙ୍କୁ କହିଥିଲା, କହିଲା, "ଏହା ଭୁଲ ଅଟେ । ଏହା ଭୁଲ ଅଟେ । ଏହା ପରିଷ୍କାର ନୁହେଁ । ଏହା ପବିତ୍ର ନୁହେଁ । ଭବିଷ୍ୟଦ୍‌ବକ୍ତା କହିଛନ୍ତି ଯେ ଏହି ଜିନିଷଗୁଡ଼ିକ ଏହିପରି ଭାବରେ ଚାଲିପାରିବ ନାହିଁ ।" ଏବଂ ପରମେଶ୍ୱରଙ୍କ ଛୋଟ ଅଗ୍ନି ତାଙ୍କୁ ଜାଗ୍ରତ କରିଥିଲା ।

257 ଏବଂ ତାହାପରେ ତୁମ ପାଖରେ ସେହି ଛୋଟ ଅଗ୍ନିକୁ ଉତ୍ତର ଦେବା ପାଇଁ କେହି ଜଣେ ରହିଥିଲେ, ଯିଏକି ମୀଖାୟ ଥିଲେ, ପରମେଶ୍ୱରଙ୍କ ସେହି ପ୍ରକୃତ ଭବିଷ୍ୟଦ୍‌ବକ୍ତା । ଯଦିଓ ସେ ହୁଏତ ସେଠାରେ ଏକ ଛିଣ୍ଡା କନାର ପୋଷାକ ପିନ୍ଧି ଆସିଥିବେ, ଯଦିଓ ସେ ସେଠାରେ ତୁଚ୍ଛୀକୃତ ଭାବରେ ଆସିଥିବେ, ଏବଂ ସେମାନେ ସମସ୍ତେ ତାଙ୍କୁ ଏପରି ଭାବରେ ଅନାଇଥିବେ ଯେପରିକି ଦଳେ ବିଲୁଆମାନେ ଗୋଟିଏ ମେଷଶାବକକୁ ଅନାଇଥାନ୍ତି । ମାତ୍ର ସେ ସତ କହିଲେ, ଯଦିଓ ତାଙ୍କୁ ମୁହଁରେ ଚାପୁଡା ଖାଇବାକୁ ପଡିଥିଲା, ଯଦିଓ ତାଙ୍କୁ କାରାଗାରରେ ଫିଙ୍ଗି ଦିଆଯାଇଥିଲା ଏବଂ ଦୁଃଖରୂପ ରୁଟି ଓ ଜଳ ଭୋଜନ କରିବାକୁ ପଡିଥିଲା । କିନ୍ତୁ,

ତଥାପି, ସେ ଯେଉଁ ଶବ୍ଦଗୁଡିକୁ କହିଥିଲେ ତାହା ସଫଳ ହେଲା, କାରଣ ତୁମେ ତାଙ୍କ ସହିତରେ ଥିଲ।

258 ହେ ପରମେଶ୍ୱର, ଆଜି, ଏହା ପ୍ରଦାନ କର, ଏବଂ ଆମେ ଏହି ବାଇବଲରେ ଦେଖୁଅଛୁ। ଆମେ ମଣ୍ଡଳୀ ପୁସ୍ତକଗୁଡିକରେ, ରୀତିନୀତି ବହିରେ, ଏବଂ ମଣ୍ଡଳୀର, ଇତ୍ୟାଦିରେ ଦେଖୁଅଛୁ, ସେହି ରୀତିନୀତିକୁ, ଏବଂ ଏହା ଦେଖୁଅଛୁ ଯେ ସେମାନେ *ଏହା, ତାହା,* କିମ୍ବା *ଅନ୍ୟ* କିଛି କିପରି କରନ୍ତି। ମାତ୍ର ଆସନ୍ତୁ ଆମେମାନେ ଏଠାରେ ଏହି ସତ୍ୟ ବାକ୍ୟକୁ ଅନାଇବା, ଏବଂ ଦେଖିବା ଯେ ଏହା କଅଣ କହୁଅଛି: "ପବିତ୍ରତା ବିନା, କେହି ହେଲେ ପ୍ରଭୁଙ୍କୁ ଦେଖିବେ ନାହିଁ। ଶାନ୍ତି ଏବଂ ପବିତ୍ରତାକୁ ଅନୁସରଣ କରନ୍ତୁ, ଯାହା, ବିନୁ, କୌଣସି ବ୍ୟକ୍ତି ପ୍ରଭୁଙ୍କୁ ଦେଖିବେ ନାହିଁ। ଯିଏ ଜଗତକୁ, ବା ଜଗତର ବିଷୟବସ୍ତୁଗୁଡିକୁ ଭଲ ପାଏ, ତାହାଠାରେ ପରମେଶ୍ୱରଙ୍କ ପ୍ରେମ ବାସ କରେ ନାହିଁ।"

259 "ଶେଷ ଦିନରେ ସଙ୍କଟପୂର୍ଣ୍ଣ ସମୟ ଆସିବ। ପୁରୁଷମାନେ ନିଜ ବିଷୟରେ ଆତ୍ମ ପ୍ରେମୀ, ଗର୍ବୀ, ଦାମ୍ଭିକ ହେବେ।" ଓଃ, ପ୍ରଭୁ, ସେହି ମହାନ ବିଷୟଗୁଡ଼ିକ, ଯାହାକି ଘଟୁଅଛି। "କଠୋର, ଦାମ୍ଭିକ, ପରମେଶ୍ୱରଙ୍କ ପ୍ରେମୀ ନ ହୋଇ ସୁଖ ବିଳାସର ପ୍ରେମୀ ହେବେ; ଲୋକମାନଙ୍କୁ ପରମେଶ୍ୱରଙ୍କ ଆଜ୍ଞାସକଳ ଶିଖାଇବା ବଦଳରେ ମନୁଷ୍ୟର—ର ଉପଦେଶଗୁଡିକୁ ଶିଖାଇବେ; ଈଶ୍ୱର ପରାୟଣତାର ଏକ ରୂପ ଧାରଣ କରିବେ, ଓ ପବିତ୍ରଆତ୍ମାଙ୍କର ଶକ୍ତିକୁ ଅସ୍ୱୀକାର କରିବେ" ଯାହାକି ଜଣେ ମନୁଷ୍ୟକୁ ଆତ୍ମାରେ ପରିପୂର୍ଣ୍ଣ କରିଥାଏ, ଯେ ସେ ଆନନ୍ଦ କରେ, ଓ ତାର ଆଖିରୁ ଲୁହ ଝରିଥାଏ, ଯେପରିକି ସେ ବାହାରକୁ ଯାଇ ରୋଗୀମାନଙ୍କ ପାଇଁ ପ୍ରାର୍ଥନା କରେ, ତାଙ୍କୁ ପରଭାଷାରେ କଥା କହିବାକୁ ଏବଂ ବ୍ୟାଖ୍ୟା କରିବାକୁ ପ୍ରବର୍ତ୍ତାଇଥାଏ, ଏବଂ ଭବିଷ୍ୟତ୍‌ବାଣୀ କରିବାକୁ ପ୍ରବର୍ତ୍ତାଇଥାଏ। ପରମେଶ୍ୱରଙ୍କ, ସେହି ଜୀବିତ ପରମେଶ୍ୱରଙ୍କ ଆତ୍ମା, ସେମାନେ କେବଳ ଏହାକୁ କୌଣସି କିଛି ପାନ୍ଥଶାଳା କିମ୍ବା ସେହିପରି କିଛି ବିଷୟ ଭିତରକୁ ନେଇ ଯାଇଥାନ୍ତି, "ଈଶ୍ୱର ପରାୟଣତାର ଏକ ରୂପ ଧାରଣ କରନ୍ତି, ମାତ୍ର ପବିତ୍ରଆତ୍ମାଙ୍କର ଶକ୍ତିକୁ ଅସ୍ୱୀକାର କରନ୍ତି।"

260 ହେ ପରମେଶ୍ୱର, ଏହି ଛୋଟ ଶ୍ରୋତାବୃନ୍ଦ, ଏହି ଦିନରେ, ଠିକ ବର୍ତ୍ତମାନ ହିଁ, ଶୀଘ୍ର ଜାଗ୍ରତ ହୁଅନ୍ତୁ, ଏହା ପୂର୍ବେକି ଶେଷ ସମୟ ଆସେ, ଏବଂ ଆମକୁ ଏହି ଅବସ୍ଥାରେ ଧରି ପକାଏ। ଏହା ହେଉ ଯେ ଆମେମାନେ, ନିଜକୁ ନୂତନୀକୃତ କରୁ, ଯେପରିକି ବାଇବଲ କୁହେ, "ଉଠ ଏବଂ ନିଜକୁ ଝାଡ଼ି ପକାଅ। ଏବଂ ପୁରାତନ ମାର୍ଗ ଅବଲମ୍ବନ କର, ଯାହାକି ଉତ୍ତମ ମାର୍ଗ ଅଟେ, ଏବଂ ଯେତେବେଳେ ଆପଣ ଏହାକୁ ପାଇଯାଆନ୍ତି, ସେଥିରେ ଚାଲ।" ହେ ପରମେଶ୍ୱର, ଏହା ପ୍ରଦାନ କର ଯେ ଆମେ ସେହି ପୁରାତନ ଦୁର୍ଗମ ଉପାୟକୁ ପାଇପାରୁ, ଯେତେବେଳେକି ଆମେ ପୁଣିଥରେ ଶହ ଶହ ସଂଖ୍ୟାରେ, ଏକାଠି ଠିଆ ହୋଇପାରୁ, ଏବଂ ଆମ ହାତକୁ ଏକତ୍ର ମିଶାଇ ଏହା ଗାନ କରିପାରୁ।

ପ୍ରଭୁଙ୍କ ତୁଚ୍ଛୀକୃତ ଅଳ୍ପ ଲୋକଙ୍କ ସହିତ ମୁଁ ମାର୍ଗ ଗ୍ରହଣ କରିବି।

ମୁଁ ଯୀଶୁଙ୍କ ସହିତ ଆରମ୍ଭ କରିଅଛି ଏବଂ ମୁଁ ଆଗକୁ ଯାଉଅଛି ।

ହେ ପରମେଶ୍ୱର, ଆମକୁ ସେହିପରି ଭାବରେ ଜୀବନ ଯାପନ କରିବାକୁ ଓ ସେହିପରି ହେବାରେ ସାହାଯ୍ୟ କର ।

261 ପ୍ରଭୁ, ଏଠାରେ ବସିଥିବା ଏହି ସମସ୍ତ ପ୍ରିୟ ମାତାମାନଙ୍କୁ ଆଶୀର୍ବାଦ କର; ଏହା ଜାଣି ଯେ, ଆଜି ସକାଳେ, ସେମାନେ ନିଜେ ମାତା ଅଟନ୍ତି, ସେମାନଙ୍କ କୋଟରେ ଧଳା ରଙ୍ଗର ଗୋଲାପ ଖଞ୍ଜିଥିବା ସହିତ, ଏକ ପ୍ରିୟ ବୃଦ୍ଧ ମାତାର ସ୍ମୃତିରେ ଯିଏକି ଏହି ଦୃଶ୍ୟପଟ୍ଟକୁ ଅତିକ୍ରମ କରି ସାରିଛନ୍ତି । ହେ ଜୀବନର କର୍ତ୍ତା, ସେମାନଙ୍କୁ ଆଶୀର୍ବାଦ କର, ପ୍ରଭୁ । ଏବଂ ସେମାନେ ମଧ୍ୟ, ଆଶୀର୍ବାଦ ପ୍ରାପ୍ତ ହୁଅନ୍ତୁ, ଏବଂ ସେମାନଙ୍କର ପିଲାମାନଙ୍କର ସ୍ମୃତି ସେହିପରି ହେଉ ଯେପରିକି ସେମାନଙ୍କର ତାଙ୍କର ମାଆଙ୍କ ସହିତରେ ରହିଛି, ଯଦି ସେ ପରଦାର ଆର ପାରିକୁ ଅତିକ୍ରମ କରି, ଏକ ଗୌରବମୟ ସ୍ୱର୍ଗକୁ ଚାଲି ଯାଇଥାନ୍ତି । ହେ ପ୍ରଭୁ, ଏହା ପ୍ରଦାନ କର ।

262 ଆଉ କୌଣସି ସକାଳେ ଯେତେବେଳେ ଆମ ଶିରାରୁ ଜୀବନ କ୍ଷାନ୍ତ ପାଉଥିବ, ଏବଂ ଆମର ନିଶ୍ୱାସ ଆମ ପାଖକୁ ଆସିବାରେ ବିଫଳ ହେଉଥିବ, ସେହି ପରଦାଟି ଖୋଲିଯିବ; ସେ ଆମକୁ ସାହାଯ୍ୟ କରିବା ପାଇଁ, ବୋଧହୁଏ, ଯର୍ଦ୍ଦନ ଶେଷ ପର୍ଯ୍ୟନ୍ତ, ତଳକୁ ଓହ୍ଲାଇ ଆସିବେ । ଓଃ, ସେହି ଗୌରବମୟ ଦିନ ପାଇଁ ଯେତେବେଳେ ଆମେ ଆମର ପାଦ ଆଗକୁ ବଢାଇବା, ଯେଉଁଠାରେକି ସେଠାରେ ରହିବ ନାହିଁ...ସେହି ବାୟୁମଣ୍ଡଳଟି ସିଗାରେଟ ଧୂଆଁରେ ଦୂଷିତ ହେବ ନାହିଁ । ରାସ୍ତାରେ କୌଣସି ବି ମଦ୍ୟପ ରହିବ ନାହିଁ । ସେଠାରେ କଦାପି ଜଣେ ବେଶ୍ୟା ରହିବେ ନାହିଁ । ସେଠାରେ କଦାପି ପାପ ରହିବ ନାହିଁ । ସେଠାରେ ସେହିପରି କୌଣସି ବି ବିଷୟ ରହିବ ନାହିଁ । ମାତ୍ର, ଗୌରବମୟ ଚିରକାଳ ପାଇଁ, ଆମେମାନେ ଆମର ପ୍ରଭୁ ଯୀଶୁ ଖ୍ରୀଷ୍ଟ ଏବଂ ଆମର ପିଲାମାନଙ୍କ ସହିତ ଶାନ୍ତିରେ ବସବାସ କରିବା । ଏବଂ, ଓଃ, କି ଏକ ସୁନ୍ଦର ଦିନ ହେବ ।

263 ହେ ପିତା, ଯେତେବେଳେକି ସେହି ମହାନ ଅନ୍ଧକାର, ସେହି ଯୁଦ୍ଧ ଚାଲିଛି, ଏବଂ ଶୟତାନ ଦେଶଗୁଡିକୁ ଆକ୍ରମଣ କରୁଅଛି, ଏବଂ ପ୍ରଚାର ମଞ୍ଚଗୁଡିକୁ ଆକ୍ରମଣ କରୁଅଛି, ମଣ୍ଡଳୀଗୁଡିକୁ ଆକ୍ରମଣ କରୁଅଛି, ଲୋକମାନଙ୍କୁ ଆକ୍ରମଣ କରୁଅଛି, ବ୍ୟବସାୟଗୁଡିକୁ ଆକ୍ରମଣ କରୁଅଛି, ସହରଗୁଡିକୁ, ବିଦ୍ୟାଳୟଗୁଡିକୁ ଏବଂ ଘରଗୁଡିକୁ ଆକ୍ରମଣ କରୁଅଛି; ହେ ପରମେଶ୍ୱର, ଆମକୁ ଠିଆ ହୋଇ, ଶୀଘ୍ର ସେହି ଖଡ୍ଗକୁ ବାହାର କରି ପରମେଶ୍ୱରଙ୍କ ନିମନ୍ତେ ଯୁଦ୍ଧ କରିବା ପାଇଁ ସାହାଯ୍ୟ କର, ଯେପରିକି ମୋଶା ଏବଂ ସେହି—ଏବଂ ସେହି ଲେବୀୟମାନେ ସେଠାରେ ତଳେ କରିଥିଲେ ଯେତେବେଳେ ସେହି ଶିବିରରେ ପାପ ରହିଥିଲା । ହେ ପ୍ରଭୁ, ଆମକୁ ସାହାଯ୍ୟ କର ।

264 ବର୍ତ୍ତମାନ ଆମକୁ କ୍ଷମା କର, ଏବଂ ଆମକୁ ଆଶୀର୍ବାଦ କର । ଏବଂ ହେ ପ୍ରଭୁ, ଆମକୁ ଭାଙ୍ଗି, ନମ୍ର କର । ହେ ପରମେଶ୍ୱର, ତୁମେ କହିଛ, "ଯିଏ ଅଶ୍ରୁଜଳରେ, ବିହନ ବୁଣେ, ନିଃସନ୍ଦେହ ସେ ଆନନ୍ଦରେ, ପୁନର୍ବାର ଫେରି ଆସି, ଆପଣା ସହିତରେ ଶସ୍ୟବିଡା ଆଣିବ ।"

ହେ ପରମେଶ୍ୱର, ଆମକୁ ଖଣ୍ଡ ଖଣ୍ଡ କରି ଭାଙ୍ଗି ଦିଅ । ହେ ପ୍ରଭୁ, ଆମକୁ ପୁନର୍ବାର ନୂତନ କରି ଗଢ଼ । ଆମେ ବାଟରୁ ବହୁତ ଅଧିକ ଦୂରେଇ ଯାଉଅଛୁ ।

265 ମୁଁ, ସ୍ୱୟଂ ନିଜେ, ପ୍ରଭୁ, ମୁଁ ଏପରି ଏକ ସ୍ଥାନକୁ ଚାଲି ଯାଉଅଛି ଯେଉଁଠାରେକି ମୁଁ ଭାବୁଅଛି ଯେ ମୋ ସଭାରେ କେତେ ଲୋକ ଉପସ୍ଥିତ ହୋଇ ଯୋଗଦେବେ । ହେ ପରମେଶ୍ୱର, ମୁଁ ଚାହେଁ ଯେ ତୁମେ ଉପସ୍ଥିତ ହୁଅ । ହେ ପ୍ରଭୁ, ଆସ! ହେ ଖ୍ରୀଷ୍ଟ, ପ୍ରଭୁ ଆସ! ମୋତେ ଭାଙ୍ଗି ଦିଅ; ମୋତେ ପୁନର୍ବାର ଗଢ । ହେ ପ୍ରଭୁ, ମୋତେ କେବେବି, ସେହି ଜିନିଷଗୁଡ଼ିକୁ ମୋ ମନରେ ଆସିବାକୁ ଦିଅ ନାହିଁ । ହେ ପରମେଶ୍ୱର, ସେଗୁଡିକୁ ମୋଠାରୁ ଦୂରେଇ ରଖ ।

266 ହେ ପ୍ରଭୁ, ମୋତେ ପ୍ରଚାର କରିବାକୁ, ସାହାଯ୍ୟ କର, ଯେପରିକି କିଛି ସମୟ ପୂର୍ବରୁ, ମୁଁ କହିଥିଲି, ଯେ ମରଣଶୀଳ ଲୋକମାନଙ୍କ ପ୍ରତି ଏକ ମରଣଶୀଳ ବ୍ୟକ୍ତି ଭାବରେ, ଏହା ଜାଣି ଯେ ଆମ ସମସ୍ତଙ୍କୁ ଅନନ୍ତକାଳର ସମ୍ମୁଖୀନ ହେବାକୁ ଅଛି । ଆମକୁ ତୁମ ସମ୍ମୁଖରେ ଛିଡ଼ା ହେବାକୁ ଅଛି; ଯେତେବେଳେ ତୁମେ ତୁମର ପ୍ରସନ୍ନଚିତ୍ତ ଭଙ୍ଗିରେ ନ ଥିବ, ଯେତେବେଳେ ତୁମେ ଦୟା ସହିତ ନ ଥିବ, ଯେତେବେଳେ ତୁମେ ଦୟା ବିନା ଠିଆ ହୋଇଥିବ; ଯେତେବେଳେ ତୁମେ କ୍ରୋଧ କରି, ଜାତିମାନଙ୍କ ଉପରେ, ଓ ସେହି ଲୋକମାନଙ୍କ ଉପରେ, ଯେଉଁମାନେକି ତୁମର ସନ୍ତାନର ପ୍ରେମକୁ ଅସ୍ୱୀକାର କରି ପ୍ରତ୍ୟାଖ୍ୟାନ କରି ଦେଇଛନ୍ତି ବିଚାର ଆଣିବାକୁ ଛିଡା ହୋଇଥିବ ।

267 ହେ ପରମେଶ୍ୱର, ମୋତେ ଆଜି ତାହାଙ୍କଠାରେ ଦୟା ପ୍ରଦାନ କର, ଯେପରିକି ମୁଁ ସେହି ଦିନ ଆଶ୍ୱାସନା ସହିତରେ ଛିଡା ହୋଇପାରେ । ହୁଏତ ବର୍ତ୍ତମାନ କାନ୍ଦିବାକୁ ପଡିପାରେ, ମାତ୍ର ତୁମେ ଏହାକୁ ପୋଛି ଦେବ, ଓ ସେହି ସମୟରେ, ଆନନ୍ଦ ମଧ୍ୟକୁ ନେଇ ଆସିବ, ଯେତେବେଳେ ତୁମେ କହିବ, "ପ୍ରଭୁଙ୍କ ଆନନ୍ଦରେ ପ୍ରବେଶ କର, ଯାହାକି ଜଗତର ମୂଳଦୁଆ ସ୍ଥାପନ କରିବା ପୂର୍ବରୁ ତୁମ ପାଇଁ ପ୍ରସ୍ତୁତ କରଯାଇଅଛି ।" ହେ ପରମେଶ୍ୱର, ତୁମେ ବର୍ତ୍ତମାନ ଆମ ସହିତରେ ରୁହ, ଏବଂ ଆମକୁ ସାହାଯ୍ୟ କର, ଯୀଶୁଙ୍କ ନାମରେ, ଆମେ ପ୍ରାର୍ଥନା କରୁଅଛୁ । ଆମେନ୍ ।

54-050୨ ଯୁକ୍ତରାଷ୍ଟ୍ର ଆମେରିକା ଉପରେ ଆକ୍ରମଣ

ବ୍ରାନ୍‌ହାମ୍ ଟାବର୍ନେକଲ

ଜେଫର୍ସନ୍‌ଭିଲେ, ଇଣ୍ଡିୟାନା ୟୁ.ଏସ୍.ଏ.

ORIYA

©2025 VGR, ALL RIGHTS RESERVED

VOICE OF GOD RECORDINGS, INDIA OFFICE
19 (NEW NO: 28) SHENOY ROAD, NUNGAMBAKKAM
CHENNAI 600 034, INDIA
044 28274560 • 044 28251791
india@vgroffice.org

VOICE OF GOD RECORDINGS
P.O. BOX 950, JEFFERSONVILLE, INDIANA 47131 U.S.A.
www.branham.org

## ପ୍ରତିଲିପ୍ୟାଧିକାର ସୂଚନା

ସମସ୍ତ ଅଧିକାର ସୁରକ୍ଷିତ ଅଟେ। ଏହି ପୁସ୍ତକଟି ବ୍ୟକ୍ତିଗତ ବ୍ୟବହାର ନିମନ୍ତେ ଗୃହ ପ୍ରିଣ୍ଟରରେ ଛପା ଯାଇପାରେ କିମ୍ବା ଯୀଶୁ ଖ୍ରୀଷ୍ଟଙ୍କର ସୁସମାଚାରର ପ୍ରଚାର ନିମନ୍ତେ ଏକ ଉପକରଣ ଭାବରେ, ମାଗଣାରେ, ଦିଆ ଯାଇପାରେ। ଏହି ପୁସ୍ତକଟି ଭଏସ୍ ଅଫ୍ ଗଡ୍ ରେକର୍ଡିଙ୍ଗ୍ସ® ର ପ୍ରକାଶ୍ୟ ଲିଖିତ ଅନୁମତି ବିନା ବିକ୍ରୀ କରା ଯାଇ ନ ପାରେ, ବଡ ମାତ୍ରାରେ ପୁନରୁତ୍ପାଦିତ କରା ଯାଇ ନ ପାରେ, ଏକ ୱେବସାଇଟରେ ପୋଷ୍ଟ କରା ଯାଇ ନ ପାରେ, କୌଣସି ଗନ୍ଥାଘରରେ ଗଚ୍ଛିତ କରା ଯାଇ ନ ପାରେ, ଅନ୍ୟ ଭାଷାରେ ଅନୁବାଦ୍ କରା ଯାଇ ନ ପାରେ, କିଅବା ଧନ ସଂଗ୍ରହ ନିମନ୍ତେ ବ୍ୟବହାର କରା ଯାଇ ନ ପାରେ।

ଅଧିକ ସୂଚନା ନିମନ୍ତେ କିମ୍ବା ଅନ୍ୟାନ୍ୟ ଉପଲବ୍ଧ ସମାଗ୍ରୀ ନିମନ୍ତେ, ଦୟାକରି ଯୋଗାଯୋଗ କରନ୍ତୁ:

Voice Of God Recordings, India Office

19 (New No: 28) Shenoy Road, Nungambakkam

Chennai 600 034, India

044 28274560 • 044 28251791

india@vgroffice.org

Voice Of God Recordings
P.O. Box 950, Jeffersonville, Indiana 47131 U.S.A.
www.branham.org